# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
31 MAY 2025
ଶନିବାର
୩୧ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 16 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




୧୨୫ ବର୍ଷର ରେକର୍ଡ ଭାଙ୍ଗିଲା କର୍ଣ୍ଣାଟକରେ ବର୍ଷା

### ଏନ୍‌ଟିଏକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ଏକକ ସିଫ୍ଟରେ ନିଟ୍-ପିଜି ପରୀକ୍ଷା କର

**ନୂଆଦିଲ୍ଲୀ,୩୦।୫/ଏଜେନ୍ସି:**

ଏଣିକି ଗୋଟିଏ ସିଟିଂ ବା ଏକକ ସିଫ୍ଟରେ ହିଁ ଆୟୋଜନ ହେବ ନିଟ୍-ପିଜି ପରୀକ୍ଷା। ନିଟ୍-ପିଜି ପରୀକ୍ଷାକୁ ନେଇ ଦେଶରେ ଚାଲିଥିବା ବିବାଦ ମଧ୍ୟରେ ଶୁକ୍ରବାର ସୁପ୍ରିମ୍‌କୋର୍ଟ ଏହି ରାୟ ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ପାଇଁ ଏନ୍‌ଟିଏ (ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି)ର ଦୁଇଟି ସିଫ୍ଟରେ ପରୀକ୍ଷା ଆୟୋଜନ କରାଯିବା ନିଷ୍ପତ୍ତି ବିରୋଧରେ ଆଗତ ପିଟିସନ୍‌ଗୁଡ଼ିକ ଉପରେ ଶୁଣାଣି କରିବା ପୂର୍ବକ ସୁପ୍ରିମ୍‌କୋର୍ଟ ଏହି ରାୟ ଦେଇଛନ୍ତି। ଏଥିସହ ଏନ୍‌ବିଟି ପକ୍ଷରୁ ନିଟ୍-ପିଜି ପରୀକ୍ଷାକୁ ଦୁଇଟି ସିଫ୍ଟରେ କରାଯିବାକୁ ଅନୁମତି ଦେବା ପାଇଁ ଉପସ୍ଥାପିତ କରାଯାଇଥିବା ସମସ୍ତ ଯୁକ୍ତି ତଥା ଅନୁରୋଧକୁ ମଧ୍ୟ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି। ରାୟରେ ନିଟ୍-ପିଜି ପରୀକ୍ଷା ପାଇଁ ଦୁଇଟି ସିଟିଂ ପରୀକ୍ଷା ବ୍ୟବସ୍ଥାକୁ ଭୁଲ୍ ବୋଲି ଦର୍ଶାଇଛନ୍ତି ସୁପ୍ରିମ୍‌କୋର୍ଟ।

ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଅଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ କହିଛନ୍ତି, ଯେକୌଣସି ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସମାନ ପରିବେଶର ସୁଯୋଗ ମିଳିବା ଉଚିତ୍। କାରଣ ଦୁଇଟି ସିଫ୍ଟରେ ପରୀକ୍ଷା ପରିଚାଳନା କରିବା



**୨ଟି ସିଫ୍ଟରେ ପରୀକ୍ଷା ଦ୍ୱାରା ସ୍ୱେଚ୍ଛାଚାରିତା ଭଳି ସମସ୍ୟା ସୃଷ୍ଟି ହେଉଛି**

ସ୍ୱେଚ୍ଛାଚାରିତା ସହିତ ସମାନ ଏବଂ ସମସ୍ତ ପ୍ରାର୍ଥୀଙ୍କ ସ୍ତର ମଧ୍ୟ ସମାନ ନୁହେଁ। କୌଣସି ଦୁଇଟି ପ୍ରଶ୍ନପତ୍ରକୁ କେବେ ବି ସମାନ ସ୍ତରର କଷ୍ଟକର କିମ୍ବା ସହଜ ବୋଲି କୁହାଯାଇପାରିବ ନାହିଁ। ଏଥିରେ ପରିବର୍ତ୍ତନ ରହିବା ଆବଶ୍ୟକ। ବିଚାରପତି ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଜୁନ୍ ୧୫ ତାରିଖରେ ହେବାକୁ ଥିବା ପରୀକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଆହୁରି କିଛି ସମୟ ବାକି ଅଛି। ଏବେଠାରୁ ନିଟ୍-ପିଜି ପରୀକ୍ଷାକୁ ▶▶ ୫

### ● ଦୁର୍ବଳ ହେଲା ଗଭୀର ଅବପାତ

# ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ବାଂଲାଦେଶ ଏବଂ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଗଭୀର ଅବପାତ ଶୁକ୍ରବାର ଦୁର୍ବଳ ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ଗତ ୬ ଘଣ୍ଟା ମଧ୍ୟରେ ଏହା ଘଣ୍ଟା ପ୍ରତି ୨୦ କିଲୋମିଟର ବେଗରେ ଉତ୍ତର-ପୂର୍ବ ଦିଗରେ ଗତି କରିଛି। ଏହା ବାଂଲାଦେଶର ଟାଙ୍ଗାଇଲରୁ ୬୦ କିଲୋମିଟର ପଶ୍ଚିମ-ଦକ୍ଷିଣପଶ୍ଚିମ, ଢାକାରୁ ୧୧୦ କିଲୋମିଟର ପଶ୍ଚିମ-ଉତ୍ତର ପଶ୍ଚିମ, ଭାରତର ବେରହାମପୁରରୁ ୧୨୦ କିଲୋମିଟର ଉତ୍ତର-ପୂର୍ବ ଏବଂ ଶିଲଂରୁ ୩୦୦ କିଲୋମିଟର ପଶ୍ଚିମ-ଦକ୍ଷିଣପଶ୍ଚିମରେ ଅବସ୍ଥିତ ଥିଲା। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଦିଗରେ ଗତିକରି ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ପ୍ରବଳ ବର୍ଷା (୨୦ ସେଣ୍ଟିମିଟରରୁ ଅଧିକ) ନେଇ ରେଡ୍ ଆଲର୍ଟ ଜାରି କରିଛି। ଓଡ଼ିଶାରେ ଜୁନ୍ ୧ ପର୍ଯ୍ୟନ୍ତ ବିଚ୍ଛିନ୍ନ ଭାବେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ଏବଂ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି।

**ଜୁନ୍ ୧ରୁ ବଢ଼ିବ ତାତି**

ଏହା ସହିତ ଖୁବଶୀଘ୍ର ହେବ ପାଗରେ ପରିବର୍ତ୍ତନ। ରାଜ୍ୟରେ କମିବ ବର୍ଷାର ପରିମାଣ, ବଢ଼ିବ ତାପମାତ୍ରା। ଆସନ୍ତାକାଲିଠାରୁ ଓଡ଼ିଶାରେ କୌଣସି ପାଣିପାଗ ସତର୍କତା ନାହିଁ। ଲଘୁଚାପ ପ୍ରଭାବ ହଟିବା ପରେ ଏଣିକି କମିବ ବର୍ଷା। ଆସନ୍ତା ୧ ତାରିଖରୁ ବର୍ଷାର ପରିମାଣ କମିବ। ଆଗାମୀ ଦୁଇଦିନ ପରଠୁ ବଢ଼ିବ ତାପମାତ୍ରା। ୨ରୁ ୪ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ସେପଟେ ସର୍ବାଧିକ ବଡ଼ଗଡ଼ରେ ୫୭ ମିମି ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି,'ମୌସୁମୀ ଛୁଇଁବା ପରେ ରାଜ୍ୟରେ ବିଗତ ସାତ ▶▶ ୫

### ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

# ନଗଦ ୨ କୋଟି ୫୬ ଲକ୍ଷ ଟଙ୍କା ଜବତ

**କଟକ,୩୦।୫/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ବିଡ଼ାବଡ଼ା ପାଞ୍ଚଶହ ଟଙ୍କିଆ ନୋଟ୍ ଠାବ କରିଛି ଭିଜିଲାନ୍ସ। ଲକ୍ଷେ ନୁହେଁ କି ୫ଲକ୍ଷ ନୁହେଁ ଜବତ ହୋଇଛି ସମୁଦାୟ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା। ଭିଜିଲାନ୍ସ କର୍ମଚାରୀ ଓ ଅଧିକାରୀମାନେ ତାଙ୍କ ଜୀବନକାଳରେ ଏତେ ଟଙ୍କା ଗଣିନଥିବେ। ଟଙ୍କା ଗଣିଗଣି ସେମାନେ ଥକି ପଡ଼ିଥିଲା ବେଳେ ମେସିନ୍ ସାହାଯ୍ୟରେ ଟଙ୍କା ଗଣିବାକୁ ପଡ଼ିଛି। କୁବେର ମୁଖ୍ୟଯନ୍ତ୍ରୀଙ୍କ ଘରୁ ଏତେ ଟଙ୍କା ବାହାରିବ ବୋଲି ପ୍ରଥମରୁ ଆକଳନ କରିପାରି ନଥିଲା ଭିଜିଲାନ୍ସ। ଚଢ଼ଉ ହେବା ଜାଣି ବୈକୁଣ୍ଠନାଥ କେଠା ଉପରୁ ନିକଟରେ ଥିବା ଏକ ଆଜ୍‌ବେଷ୍ଟର୍ସ ଘର ଉପରକୁ ଖାଲି ପାଞ୍ଚ ଶହ ଟଙ୍କିଆ ବିଡ଼ା ବର୍ଷା କରିଥିଲେ। ଯାହାର ପରିମାଣ ୩୭ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଚାକିରୀରୁ ଅବସର ନେବାର ମାତ୍ର ଗୋଟାଏ ଦିନ ପୂର୍ବରୁ ବୈକୁଣ୍ଠଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କର



ଭୁବନେଶ୍ୱରସ୍ଥିତ ଫ୍ଲାଟ୍ ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ କରିଥିଲା। ଭୁବନେଶ୍ୱରର ଡୁମଡୁମାସ୍ଥିତ ଫ୍ଲାଟ୍‌ରେ ଭିଜିଲାନ୍ସ ଚଢ଼ଉ କରିବାକୁ ଯାଇଥିବା ବେଳେ ବୈକୁଣ୍ଠନାଥ ଷଡ଼ଙ୍ଗୀ ଝରକା ଦେଇ ୫୦୦ ଟଙ୍କିଆ ନୋଟ୍ ବିଡ଼ା ତଳକୁ ଫୋପାଡ଼ିଥିଲେ। ଭିଜିଲାନ୍ସ ଅଧିକାରୀମାନେ ସେହି ଟଙ୍କାକୁ ଜବତ କରିଛନ୍ତି। ତାଙ୍କର ଭୁବନେଶ୍ୱର ଡୁମୁଡୁମାସ୍ଥିତ ଏହି ଫ୍ଲାଟ୍‌ରୁ ୧କୋଟି ୨୧ ଲକ୍ଷ ୯୫ ହଜାର ନଗଦ ଟଙ୍କା ଜବତ କରାଯାଇଛି। ସେହିପରି ତାଙ୍କର ଅନୁଗୁଳର କରଡ଼ାଗାଡ଼ିଆସ୍ଥିତ ଦୁଇ ମହଲା ବିଶିଷ୍ଟ ଘରୁ ୧କୋଟି ୩୪ ଲକ୍ଷ ୩୪ ହଜାର ୨୧୧ ନଗଦ ଟଙ୍କା ଜବତ ହୋଇଛି। ସମୁଦାୟ ତାଙ୍କ ପାଖରୁ ମୋଟ ୨କୋଟି ୫୬ ଲକ୍ଷ ନଗଦ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି। ଏହାବାଦ୍ ତାଙ୍କର ଆହୁରି ଅନେକ ସମ୍ପତ୍ତି ଠାବ କରାଯାଇଛି। ଶେୟାର୍ ମାର୍କେଟ୍‌ରେ ଶ୍ରୀ ଷଡ଼ଙ୍ଗୀ ୨କୋଟି ୭୦ ଲକ୍ଷ ଟଙ୍କା ନିବେଶ କରିଥିଲା ବେଳେ ତାଙ୍କର ଦେଢ଼ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଛି। ତାଙ୍କର ଏକାଧିକ

**ଦିନକ ପରେ ନେଇଥାନ୍ତେ ଅବସର**

**୧ କିଲୋ ୧୦୦ ଗ୍ରାମ୍‌ର ସୁନା ଅଲଙ୍କାର ଠାବ**

**ବ୍ୟାଙ୍କ୍‌ରେ ଅଛି ଦେଢ଼ କୋଟି, ଶେୟାର୍ ମାର୍କେଟ୍‌ରେ ୨କୋଟି ୭୦ଲକ୍ଷ**

ଆବାସିକ ଘର ଓ ପ୍ଲଟ୍ ଠାବ କରାଯାଇଛି। ଭୁବନେଶ୍ୱରର ଡୁମଡୁମାସ୍ଥିତ ତାଙ୍କର ଏକ ୧୫୩୦ ବର୍ଗଫୁଟର ଫ୍ଲାଟ୍ ଅଛି। ପୁରୀ ଜିଲ୍ଲା ପିପିଲି ଥାନା ସିଉଳାରେ ୧୧୦୦ ବର୍ଗଫୁଟ୍ ଆଉ ଏକ ଫ୍ଲାଟ୍ ଅଛି। ଅନୁଗୁଳରେ ତାଙ୍କର ଦୁଇଟି ଦୁଇ ମହଲା ବିଶିଷ୍ଟ ଘର ରହିଛି। ସେଥିରୁ ଗୋଟିଏ କରଡ଼ାଗାଡ଼ିଆରେ ଓ ଅନ୍ୟ କୋଟି ମାଟିସାହିରେ ଅଛି। ମାଟିସାହିରେ ଥିବା ଘରଟି ତାଙ୍କର ପୈତୃକ ଘର। ଶ୍ରୀ ଷଡ଼ଙ୍ଗୀଙ୍କର ୭ଟି ପ୍ଲଟ୍ ରହିଛି। ଏଥିରୁ ୩ଟି ଅନୁଗୁଳରେ ଥିବା ବେଳେ ୪ଟି ପିପିଲିରେ ଅଛି। ଅନୁଗୁଳରେ ଯେଉଁ ୩ଟି ପ୍ଲଟ୍ ଅଛି, ସେଥିରୁ ୨ଟି କରଡ଼ାଗାଡ଼ିଆରେ ଥିବା ବେଳେ ଗୋଟିଏ ମାଳି ସାହିରେ ଅଛି। ସେହିପରି ପିପିଲିରେ ତାଙ୍କର ଥିବା ୪ଟି ଯାକ ପ୍ଲଟ୍ ସିଉଳାରେ ରହିଛି। ଏହି ସବୁ ଘର ଓ ଜାଗାର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଆବଶ୍ୟକ ମାପଚୁପ କରାଯାଉଛି। ବୈକୁଣ୍ଠନାଥଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର୍ ଅଛି। ତାଙ୍କର ଗୋଟିଏ ଚାରିଚକିଆ ଯାନ ଥିବାବେଳେ ୧ କିଲୋ ୧୦୦ଗ୍ରାମର ସୁନା ଅଲଙ୍କାର ଭିଜିଲାନ୍ସ ମଧ୍ୟ ଠାବ କରିଛି। ସେହିଭଳି ୧୫ଟି ଇମ୍ପୋର୍ଟେଡ୍ ଦାମୀ ରିଷ୍ଟ ୱାଚ୍ ମଧ୍ୟ ଜବତ ହୋଇଛି। ଆଲମୀରାରୁ ବହୁ ସଂଖ୍ୟାରେ ▶▶ ୫

### ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ସେବା ପାଇଁ ସମନ୍ୱୟ ବୈଠକ

# ଅନ୍ୟ ରୁଟ୍ ଗାଡ଼ିକୁ ପୁରୀ ପାଇଁ ସ୍ୱତନ୍ତ୍ର ପରମିଟ୍

**କଟକ,୩୦।୫/ଏନ୍‌ଏନ୍‌ଏସ୍:**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଏଣୁ ଶ୍ରଦ୍ଧାଳୁଙ୍କ ସୁଗମ ପରବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ▶▶ ୫

- ● କୋଣାର୍କ- ପୁରୀ ରୁଟ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା
- ● ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

# କଟକକୁ ଛୁଇଁଲା କରୋନା, ୨ ଚିହ୍ନଟ

**କଟକ, ୩୦।୫/ଏନ୍‌ଏନ୍‌ଏସ୍:**

ରାଜଧାନୀ ଭୁବନେଶ୍ୱର ପରେ କଟକକୁ କରୋନା ଛୁଇଁଛି କରୋନା। କଟକ ସହରରେ ୨ ଆକ୍ରାନ୍ତ ଚିହ୍ନଟ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ ହୋତା ସୂଚନା ଦେଇଛନ୍ତି। ଖୋଲାସାହିର ୪୪ବର୍ଷୀୟ ଜଣେ ପୁରୁଷ ଓ ଅନ୍ୟ ଜଣେ ରାଉସାପାଟଣାର ଅଞ୍ଚଳ ୭୧ବର୍ଷୀୟ ପୁରୁଷ କୋଭିଡ୍ ପଜିଟିଭ୍ ହୋଇଥିବା ଟେଷ୍ଟରୁ ଜଣାପଡ଼ିଛି। ଦୁହେଁ କିଛି ଦିନ ଧରି ଥଣ୍ଡାଜ୍ୱରରେ ପୀଡ଼ିତ ଥିଲେ। ଦୁହେଁ ନିକଟରେ ରାଜ୍ୟ ବାହାରକୁ ଯାଇନଥିବା ଜଣାପଡ଼ିଛି। ତେବେ ଆକ୍ରାନ୍ତ ଯୁବକ ଜଣକ ଘରୋଇ କ୍ୱାରେଣ୍ଟାଇନ୍‌ରେ ରହିଥିଲା ବେଳେ ବୟସ୍କ ଜଣକ ଏକ ଘରୋଇ ହସ୍ପିଟାଲ୍‌ରେ ରହିଥିବା ଜଣାପଡ଼ିଛି। ଆଜିର ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ରେ ପହଞ୍ଚିଛି।

# ଆରପାରିରେ ଓଡ଼ିଶା ବିଜେପିର ପ୍ରଥମ ବିଧାୟକ

### ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଦେଲେ ବାଚସ୍ପତି

**ଭୁବନେଶ୍ୱର,କାମାକ୍ଷାନଗର,୩୦।୫/ଏନ୍‌ଏନ୍‌ଏସ୍:**



ଆରପାରିରେ କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ଓଡ଼ିଶା ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ। ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ବଞ୍ଚାଇ ପାରିନଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଶେଷଦର୍ଶନ ପାଇଁ ତାଙ୍କ ମରଶରୀରକୁ ବିଧାନସଭାକୁ ଅଣାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସେହିପରି ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ଶତାଧିକ ଲୋକ ଶେଷ ବିଦାୟ ଜଣାଇଛନ୍ତି। ସ୍ଥାନୀୟ ଜଗନ୍ନାଥ ବଜାରସ୍ଥିତ ବାସଭବନ ନିକଟରେ ଦଳମତ ନିର୍ବିଶେଷରେ ସ୍ଥାନୀୟ ଜନସାଧାରଣଙ୍କ ସମେତ କାମାକ୍ଷାନଗର ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ବଣିକସଙ୍ଘ ଠାରୁ ଆରମ୍ଭକରି ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସ୍ୱର୍ଗତ ପ୍ରସନ୍ନ କୁମାର ପଟ୍ଟନାୟକ ତିନିଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୭ରୁ ୧୯୮୦ ଜନତା ପାର୍ଟି, ୧୯୮୫ରୁ ୧୯୯୦ ବିଜେପି ଓ ୧୯୯୦ରୁ ୧୯୯୫ ଜନତା ଦଳରୁ ସେ ବିଧାୟକ ଭାବେ ବିଜୟୀ ହୋଇଥିଲେ। ସେ ଥିଲେ ଓଡ଼ିଶାରୁ ପ୍ରଥମ ବିଜେପି ବିଧାୟକ।

ତାଙ୍କ କାର୍ଯ୍ୟକାଳ ଭିତରେ କାମାକ୍ଷାନଗରରେ ବହୁ କାର୍ଯ୍ୟ ହୋଇଥିଲା। ବିଶେଷ କରି ଶିକ୍ଷା କ୍ଷେତ୍ରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। କାମାକ୍ଷାନଗର ମହିଳା ମହାବିଦ୍ୟାଳୟ, ବିରାଶାଳ ଆଞ୍ଚଳିକ ମହାବିଦ୍ୟାଳୟ, ଭୁବନ ମହିଳା ମହାବିଦ୍ୟାଳୟ ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ତାଙ୍କ ଚେଷ୍ଟାରେ ନିର୍ମିତ ହୋଇଥିଲା। ▶▶ ୫

# ସିକ୍କିମ୍ ଦୁର୍ଘଟଣା, ଚାରି ଓଡ଼ିଆ ନିଖୋଜ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ଉତ୍ତର ସିକ୍କିମ୍‌ର ମନ୍‌ଗାଁ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପର୍ଯ୍ୟଟକଙ୍କ ଗାଡ଼ି ପ୍ରାୟ ହଜାରେ ଫୁଟ ତଳ ତିସ୍ତା ନଦୀକୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏବେ ବି ୯ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଓଡ଼ିଶାରୁ ଚାରିଜଣ

**ଘଟଣାସ୍ଥଳରେ ୨ ଯାତ୍ରୀଙ୍କ ମୃତ୍ୟୁ**

**ସୁରକ୍ଷିତ ପ୍ରତ୍ୟାବର୍ତ୍ତନରେ ସହଯୋଗ କରିବାକୁ ଗଲେ ୨ ଅଧିକାରୀ**



**ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଆରୋଗ୍ୟ କାମନା କରୁଛି: ନବୀନ**

ସିକ୍କିମ୍‌ର ତିସ୍ତା ନଦୀରେ ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ବସ୍‌ରେ ଅନେକ ଓଡ଼ିଆ ଯାତ୍ରୀ ଥିବା ଜାଣିବାକୁ ପାଇଲି। ଏପରି ପ୍ରତିକୂଳ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଦିଅନ୍ତୁ। ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

**ପ୍ରେମ୍ ସିଂହ ତମାଙ୍ଗଙ୍କ ସହ କଥାହେଲେ ମୋହନ**

ଶୁକ୍ରବାର ଫୋନ୍ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିକ୍କିମ୍ ମୁଖ୍ୟମନ୍ତ୍ରୀଙ୍କୁ ନିଖୋଜ ଓଡ଼ିଆ ଲୋକଙ୍କର ସ୍ଥିତି କ'ଣ ରହିଛି ଏବଂ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ନା' ନାହିଁ ତାହା ଜାଣିବାକୁ ଚାହିଁଛନ୍ତି। ତେବେ ଶ୍ରୀ ତମାଙ୍ଗଙ୍କ ସୂଚନାନୁସାରେ ପଶ୍ଚିମବଙ୍ଗ ଓ ଓଡ଼ିଶାରୁ ମୋଟ୍ ୧୧ପର୍ଯ୍ୟଟକ ସିକ୍କିମ୍ ବୁଲିବାକୁ ଯାଇଥିଲେ। ସେମାନେ ଉତ୍ତର ସିକ୍କିମ୍‌ର ମନ୍‌ଗାଁ ଜିଲ୍ଲା ଲାଚେନ୍-ଲାଚଙ୍ଗ ଜାତୀୟ ରାଜପଥ ଦେଇ ଆଗକୁ ବଢ଼ୁଥିବା ବେଳେ ମୁନସ୍ତିଙ୍ଗ୍ ନିକଟରେ ସେମାନଙ୍କ ଗାଡ଼ି ରାତି ପ୍ରାୟ ୯ଟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଓଡ଼ିଶାରୁ ସମୁଦାୟ ୪ ପର୍ଯ୍ୟଟକ ନିଖୋଜ ଥିବା ଜଣାପଡ଼ିଛି। ଏଥିରେ ଇତିଶ୍ରୀ ▶▶ ୫

ଥିବାବେଳେ ଯାଜପୁର ଜିଲ୍ଲା ବ୍ୟାସନଗରର ଇତିଶ୍ରୀ ଜେନା ଏଥିରେ ଥିବା ଜଣାପଡ଼ିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିକ୍କିମ୍‌ର ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ରବିବାର ରାତି ସାଢ଼େ ୧୨ଟାରେ ଯାଜପୁର ରୋଡ୍‌ରୁ ଇତିଶ୍ରୀ ଜେନା ଓ ତାଙ୍କ ▶▶ ୫

# ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଚିନ୍ତନ ରଘୁବଂଶୀ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**



୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଇଡି ଡେପୁଟି ଡାଇରେକ୍ଟର୍ ଚିନ୍ତନ ରଘୁବଂଶୀ। ଶୁକ୍ରବାର ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଡି ଡେପୁଟି ଡାଇରେକ୍ଟର୍ ଚିନ୍ତନ ରଘୁବଂଶୀ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ସିବିଆଇ ହାତରେ ଧରାପଡ଼ିଥିଲେ। ୨୦୧୩ ବ୍ୟାଚ୍‌ର ଆଇଆରଏସ୍ ଅଧିକାରୀ ତଥା ଇଡି ଡେପୁଟି ଡାଇରେକ୍ଟର୍ ରଘୁବଂଶୀ ଇଡି ଚଢ଼ଉର ଧମକ ଦେଇ ଜଣେ ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବ୍ୟବସାୟୀ ଜଣକ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଆଞ୍ଚଳିକ କର୍ଯ୍ୟାଳୟରେ ଅଭିଯୋଗ କରିଥିଲେ।ଅଭିଯୋଗକୁ ଭିତ୍ତିକରି ଶହୀଦନଗର ଅଞ୍ଚଳରେ ଅଭିଯୋଗକାରୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ସିବିଆଇ ଅଧିକାରୀ ରଘୁବଂଶୀଙ୍କୁ ଧରିବାରେ ସଫଳ ହୋଇଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ଗିରଫ କରିଥିଲା ସିବିଆଇ।



# ଲଗାଣ ବର୍ଷାରେ କର୍ଣ୍ଣାଟକ ବେହାଲ୍

**ବେଙ୍ଗାଲୁରୁ,୩୦।୫/ଏଜେନ୍ସି:** କର୍ଣ୍ଣାଟକରେ ଅବିଶ୍ରାନ୍ତ ବର୍ଷା ସବୁ ପୁରୁଣା ରେକର୍ଡ ଭଙ୍ଗ କରିଛି। ରାଜ୍ୟରେ ୧୨୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ମେ ମାସରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। କେବଳ ସେତିକି ନୁହେଁ ବର୍ଷାଜନିତ ବିପ୍ରାତ ଯୋଗୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ଦକ୍ଷିଣ କନ୍ନଡ ଜିଲ୍ଲାରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ତଥ୍ୟ ଦିଆଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଶୁକ୍ରବାର କହିଛନ୍ତି ଯେ ଗତ ୧୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାଜ୍ୟରେ ମେ ମାସରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ୨୮ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ତୁରନ୍ତ ବର୍ଷା ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିବା ଏବଂ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବାକୁ ସମସ୍ତ ଜିଲ୍ଲାର ଡେପୁଟି କମିଶନର ଏବଂ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିବା ସିଦ୍ଧରମୈୟା ନିଜେ ସୂଚନା ଦେଇଛନ୍ତି। ପ୍ରକାଶ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରବେଶ ସହିତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଜାରି ରହିଛି। କେରଳ, କର୍ଣ୍ଣାଟକ, ତାମିଲନାଡୁରେ ପ୍ରବଳ ବର୍ଷା ଜୀବନ ଏବଂ ଜୀବନକୁ ଖରାପ ଭାବରେ ପ୍ରଭାବିତ କରିଛି। ଲୋକମାନେ ମଧ୍ୟ ବହୁ ପରିମାଣର ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛନ୍ତି।

# ୨ ବର୍ଷ ପରେ ଅଙ୍କିତାଙ୍କୁ ମିଳିଲା ନ୍ୟାୟ; ୩ ଦୋଷୀଙ୍କୁ ଆଜୀବନ



**ଡେରାଡୁନ, ୩୦।୫/ଏଜେନ୍ସି:** ୨୦୨୨ରେ ଦେଶବ୍ୟାପୀ ଚହଳ ସୃଷ୍ଟି କରିଥିବା ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଶୁକ୍ରବାର କୋର୍ଟଙ୍କ ରାୟ ଆସିଛି। ଉତ୍ତରାଖଣ୍ଡ କୋଟଦ୍ୱାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଏହି ମାମଲାରେ ତିନି ଅଭିଯୁକ୍ତ ପୁଲକିତ ଆର୍ଯ୍ୟ, ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ କୋର୍ଟ ବିଚାରପତି ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଲକିତ ଆର୍ଯ୍ୟଙ୍କ ବିରୋଧରେ ଆଇପିସି ୩୦୨ ଅନୁସାରେ ସଶ୍ରମ ଆଜୀବନ କାରାଦଣ୍ଡ ଏବଂ ୫୦ହଜାର ଟଙ୍କାର ଜୋରିମାନା ଦଣ୍ଡ ମଧ୍ୟ ଲାଗୁ କରିଛନ୍ତି। ତେବେ ଦୋଷୀମାନେ ଏକ ହାଇପ୍ରୋଫାଇଲ୍ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିବାରୁ ଶୁଣାଣି ସମୟରେ ଶୁକ୍ରବାର କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପ୍ରାୟ ୨ବର୍ଷ ୮ମାସ ଧରି ଚାଲିଥିବା ଏହି ଶୁଣାଣି ପ୍ରକ୍ରିୟାରେ ୯୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଗତ ୧୯ ତାରିଖରେ ଶୁଣାଣି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବିଚାରପତି ଆଜି ତାରିଖ ଯାଏ ରାୟ ସଂରକ୍ଷିତ ରଖିଥିଲେ। ଏହି ଘଟଣାରେ ତଦନ୍ତ କରୁଥିବା ଏସ୍‌ଆଇଟି ପ୍ରାୟ ୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ପୁଲକିତଙ୍କୁ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୨ଜଣଙ୍କୁ ହତ୍ୟାରେ ସହଯୋଗ କରିଥିବା ଉଲ୍ଲେଖ କରାଯାଇଥିଲା।

ସୂଚନାଯୋଗ୍ୟ ଉତ୍ତରାଖଣ୍ଡର ପୌରୀ ଗରହୱାଲ୍ ଜିଲ୍ଲାର ଦୋଭ୍-ଶ୍ରୀକୋଟ୍ ଗ୍ରାମର ସ୍ଥାୟୀ ନିବାସୀ ଅଙ୍କିତା ଭଣ୍ଡାରୀ ନାମ୍ନୀ ଜଣେ ୧୯ ବର୍ଷୀୟା ଯୁବତୀ ଏଠାକାର ଯମକେଶ୍ୱର ଠାରେ ଥିବା ବନନ୍ତରା ନାମକ ଏକ ରିସୋର୍ଟରେ ଜଣେ ରିସିପସନିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ପୁଲକିତ ଆର୍ଯ୍ୟ ଏହି ରିସୋର୍ଟର ମାଲିକ ଥିଲେ। ୨୦୨୨ ଅଗଷ୍ଟରେ ଅଙ୍କିତା ଏହି ରିସୋର୍ଟରେ ଚାକିରି କରିବା ଆରମ୍ଭ କରିଥିବା ବେଳେ ମାସକ ମଧ୍ୟରେ ତାଙ୍କୁ ମୃତ ଭାବେ ଋଷିକେଶ ନିକଟସ୍ଥ ପ୍ରଖର ଜଳସ୍ରୋତପୂର୍ଣ୍ଣ ଚିଲ୍ଲା କେନାଲରୁ ଉଦ୍ଧାର କରାଯାଇଥିଲା। ପୁଲକିତ ଆର୍ଯ୍ୟ ହେଉଛନ୍ତି ପ୍ରଦେଶ ବିଜେପିର ପୂର୍ବତନ ମନ୍ତ୍ରୀ ତଥା ବିବାଦୀୟ ନେତା ବିନୋଦ ଆର୍ଯ୍ୟଙ୍କ ପୁଅ।

ଅଙ୍କିତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ୍ ରିସୋର୍ଟ ମାଲିକ ପୁଲକିତ ଆର୍ଯ୍ୟ ଏବଂ ତାଙ୍କର ଦୁଇ ସହଯୋଗୀଙ୍କୁ ସନ୍ଦେହ ପରିସରକୁ ନେଇଥିଲା ଏବଂ ଜେରା କରିବା ଆରମ୍ଭ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ରିସୋର୍ଟକୁ ଆସୁଥିବା ଭିଆଇପିମାନଙ୍କୁ ସେବା ଯୋଗାଇଦେବା ପାଇଁ ଅଙ୍କିତାଙ୍କୁ କୁହାଯାଉଥିଲା, କିନ୍ତୁ ସେ ମନା କରିଦେଉଥିଲେ। ଏପରିକି ଅଧିକାଂଶ ଥର ସେହି ଭିଆଇପିଙ୍କ ସମ୍ମୁଖରେ ହିଁ ଅଙ୍କିତା, ପୁଲକିତଙ୍କ ମୁହଁ ଉପରେ ମନା କରିଦେଉଥିଲେ। ପୁଲକିତଙ୍କ ଉପରେ ଅଙ୍କିତାଙ୍କ ପରିବାରର ସନ୍ଦେହ ବଢ଼ିଥିଲା ଏବଂ ସେମାନେ ପୁଲିସ୍‌ରେ ଅଭିଯୋଗ କରିଥିଲେ। ଫଳରେ ସେମାନଙ୍କୁ ଧମକ ମିଳିବା ଏବଂ ଗୁଣ୍ଡା ଲଗାଇ ମାରଧର କରାଯିବା ଆରମ୍ଭ ହୋଇଯାଇଥିଲା।

## ଭାରତୀୟ ନୌସେନାବାହିନୀକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରଶଂସା

# ଫୁଲ୍ ମୋଡ୍ ଆକ୍ସନ୍‌କୁ ଆସିଥିଲେ ୪ଭାଗ ହୋଇଯାଇଥାନ୍ତା ପାକିସ୍ତାନ

**ପାଣାଜୀ,୩୦।୫/ଏଜେନ୍ସି:** କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ପୁଣିଥାରେ ପାକିସ୍ତାନକୁ ଶାଣିତ ସ୍ୱରତରେ ଚେତାବନୀ ଦେଇଛନ୍ତି। ରାଜନାଥ କହିଛନ୍ତି, ଅପରେସନ୍ ସିନ୍ଦୂର' ସମୟରେ ଭାରତୀୟ ନୌବାହିନୀ ମଧ୍ୟ ବାୟୁସେନା ଏବଂ ସ୍ଥଳସେନା ଭଳି ବେଶ୍ ସକ୍ରିୟ ରହିଥିଲା, କିନ୍ତୁ ଅନ୍ୟ ଦୁଇ ବାହିନୀଙ୍କ ପରି ଆକ୍ସନ ମୋଡ୍‌କୁ ଆସିନଥିଲା। କିନ୍ତୁ ପାକିସ୍ତାନୀ ନୌସେନାକୁ

## ବିକ୍ରାନ୍ତର ଗର୍ଜନରେ ହିଁ ଘରେ ଲୁଚି ରହିଲା ପାକ୍ ନୌସେନା

ସମୁଦ୍ର ପଥରେ ପ୍ରତିହତ କରିବାରେ ଭାରତୀୟ ନୌସେନାର ଯେଉଁଭଳି ନୀରବ କିନ୍ତୁ ପ୍ରଭାବଶାଳୀ ଭୂମିକା ନିର୍ବାହ କରିଛି ତାହା ବେଶ୍ ପ୍ରଶଂସନୀୟ। ଭାରତୀୟ ନୌବାହିନୀର ଆକ୍ରମଣାତ୍ମକ ନିୟୋଜନ, ସାମୁଦ୍ରିକ ପ୍ରାଧାନ୍ୟ ଏବଂ ଉଚ୍ଚ ସ୍ତରର ପ୍ରସ୍ତୁତି ପାକିସ୍ତାନକୁ ସମୁଦ୍ର କ୍ଷେତ୍ରରେ ଭାରତୀୟ ସ୍ୱାର୍ଥକୁ ଚ୍ୟାଲେଞ୍ଜ କରିବାରୁ ଦୂରେଇ ରଖିଥିଲା। ଆଇଏନଏସ୍ ବିକ୍ରାନ୍ତର ଗର୍ଜନରେ ପାକିସ୍ତାନର ନୌସେନା ନିଜ କୂଳରେ ହିଁ ସୀମିତ ରହିବାକୁ ଉଚିତ୍ ମଣିଥିଲେ। ଭାରତୀୟ ନୌସେନାର ପ୍ରସ୍ତୁତି ହିଁ ସମ୍ପୂର୍ଣ୍ଣ ପାକିସ୍ତାନକୁ ଭୟଭୀତ କରିଦେଇଥିଲା। ସେହିପରି ରାଜନାଥ ନୌସେନାବାହିନୀର ଯବାନ୍‌ଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ପାକିସ୍ତାନ ସହ ଏପର୍ଯ୍ୟନ୍ତ ଯାହା ହୋଇଛି ତାହା କେବଳ ଏକ ଅଭ୍ୟାସ ଥିଲା। ଯଦି ପାକିସ୍ତାନ ପୁଣି କିଛି କରିବାକୁ ସାହସ କରେ, ତେବେ ଏଥର ନୌସେନା ମଧ୍ୟ ଫୁଲମୋଡ୍ ଆକ୍ସନକୁ ଆସିବ ଏବଂ ତା'ପରେ କେବଳ ଭଗବାନ ଜାଣନ୍ତି ଯେ ପାକିସ୍ତାନର କ'ଣ ହେବ। ସମ୍ପ୍ରତି ଆରବ ସାଗରରେ ମୁତୟନ ଥିବା ଭାରତର ପ୍ରଥମ ସ୍ୱଦେଶୀ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ବିକ୍ରାନ୍ତ' ଏବଂ ନୌସେନା ଟିମ୍‌ଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଗୋଆରେ ପହଞ୍ଚିଥିବା ରାଜନାଥ ଏପରି କହିଛନ୍ତି।

ଭାରତୀୟ ନୌସେନାର ଅତୁଳନୀୟ ଶକ୍ତି ବିଷୟରେ ପାକିସ୍ତାନକୁ ସୂଚନା ଦେବାକୁ ଯାଇ କହିଛନ୍ତି ଯେ, ଯଦି ଭାରତୀୟ ନୌସେନା ଅପରେସନ୍ ସିନ୍ଦୁର ସମୟରେ ସକ୍ରିୟ ଯୁଦ୍ଧରେ ଏହାର ସହଯୋଗୀ ବାହିନୀ ସହିତ ମିଶି କାର୍ଯ୍ୟ କରିଥାନ୍ତା, ତେବେ ପାକିସ୍ତାନ ୧୯୭୧ ଠାରୁ ଖରାପ ପରିଣାମର ସମ୍ମୁଖୀନ ହୋଇଥାନ୍ତା। ୧୯୭୧ ମସିହାରେ ଯେତେବେଳେ ଭାରତୀୟ ନୌସେନା ସକ୍ରିୟ ଭୂମିକା ତୁଲାଇଥିଲା ସେତେବେଳେ ପାକିସ୍ତାନ ଦୁଇ ଭାଗରେ ବିଭକ୍ତ (ପାକିସ୍ତାନ ଏବଂ ବାଂଲାଦେଶ) ହେବା ଭଳି ପରିଣାମ ସାମ୍ନାକୁ ଆସିଥିଲା। ଏବେ ଯଦି ଭାରତୀୟ ନୌସେନା ଅପରେସନ୍ ସିନ୍ଦୂର' ସମୟରେ ପୁଣିଥରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥାନ୍ତା ତେବେ ପାକିସ୍ତାନ ଏଥର ୨ ଭାଗ ନୁହେଁ ବରଂ ୪ ଭାଗ ହୋଇଯାଇଥାନ୍ତା। ଭାରତୀୟ ନୌସେନା କରିବାରେ ନୌସେନାର ଭୂମିକାକୁ ପ୍ରଶଂସା କରିଥିଲେ।

ଶ୍ରୀ ସିଂହ କହିଛନ୍ତି, 'ଭାରତୀୟ ନୌସେନା ଅପରେସନ୍ ସିନ୍ଦୂର ସମୟରେ ଏହାର ନୀରବ ସେବା ସହିତ ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିଛି। ନୀରବ ରହିବା ସତ୍ତ୍ୱେ, ଭାରତୀୟ ନୌସେନା ପାକିସ୍ତାନୀ ସେନାକୁ ବାନ୍ଧିବାରେ ସଫଳ ହୋଇଥିଲା। ଏହି ସମ୍ପୂର୍ଣ୍ଣ ସମନ୍ୱିତ ଅପରେସନ୍ ରେ ନୌସେନାର ଭୂମିକା ପ୍ରଶଂସନୀୟ। ଅପରେସନ୍ ସିନ୍ଦୂର ସମୟରେ ବାୟୁସେନା ପାକିସ୍ତାନୀ ମାଟିରେ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିବା ବେଳେ, ଆରବ ସାଗରରେ ଆପଣଙ୍କର ଆକ୍ରମଣାତ୍ମକ ନିୟୋଜନ, ଅତୁଳନୀୟ ସାମୁଦ୍ରିକ କ୍ଷେତ୍ର



ପାକିସ୍ତାନର କରାଚୀ ସହରକୁ ନିଜର ପ୍ରଥମ ଟାର୍ଗେଟ୍ ଭାବେ ନେଇସାରିଥିଲା। କେବଳ ଆକ୍ରମଣ କରିବାକୁ ଅପେକ୍ଷା ଥିଲା। ଏସବୁ ସତ୍ତ୍ୱେ ପାକିସ୍ତାନ ଯଦି ନସୁଧୁରେ ତେବେ ଏଥର ନା ସ୍ଥଳ ସେନା ନା ବାୟୁସେନା, ଏଥର ପାକିସ୍ତାନର କୌଣସି ଏକ ସହରରୁ ହିଁ ଭାରତୀୟ ନୌସେନା ଉଦ୍‌ଘାଟନ କରିବ। ନୌସେନା କରିବ। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏଠାରେ ଆଇଏନ୍‌ଏସ୍ ବିକ୍ରାନ୍ତ'କୁ ବୁଲି ଦେଖିବା ସହ ସମୁଦ୍ରପଥରେ ଭାରତୀୟ ନୌସେନାର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ ଏବଂ ଅଭିଯାନ ସମୟରେ ବିପଦକୁ ନିରପେକ୍ଷ ସଚେତନତା ଏବଂ ସାମୁଦ୍ରିକ ପ୍ରାଧାନ୍ୟ ପାକିସ୍ତାନୀ ନୌସେନାକୁ ନିଜ କୂଳରେ ସୀମିତ ରଖିଥିଲା। ସେମାନେ ଖୋଲା ସମୁଦ୍ରରେ ପ୍ରବେଶ କରିବାକୁ ମଧ୍ୟ ସାହସ ମଧ୍ୟ କରିପାରିନଥିଲେ। ନିଜ ଭାଷଣର ଆରମ୍ଭରେ, ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, 'ବିକ୍ରାନ୍ତର ଅର୍ଥ ହେଉଛି - ଅଦମ୍ୟ ସାହସ, ଏବଂ ଅଜେୟ ଶକ୍ତି। ଭାରତର ବର୍ଦ୍ଧିତ ନୌସେନା ଶକ୍ତିର ପ୍ରତୀକ, ଏହି ୪୫,୦୦୦ ଟନ୍ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ' ସମ୍ପ୍ରତି ପରିଚାଳିତ ଅପରେସନ୍ ସିନ୍ଦୂରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

# ନାଇଜେରିଆରେ ପ୍ରଳୟଙ୍କାରୀ ବନ୍ୟା, ୧୧୧ ମୃତ



# ବାଣ କାରଖାନାରେ ବିସ୍ଫୋରଣ, ୫ ମୃତ

**ମୁକ୍ତସର(ପଞ୍ଜାବ), ୩୦।୫/ଏଜେନ୍ସି:** ପଞ୍ଜାବର ଲମ୍ବୀ ନିର୍ବାଚନ ମଣ୍ଡଳୀ ନିକଟବର୍ତ୍ତୀ ସିଂଘେୱାଲା-ଫୁତୁହିୱାଲା ଗାଁର କ୍ଷେତରେ ଥିବା ଏକ ବାଣ କାରଖାନାରେ ଗୁରୁବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୦ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ବଠିଣ୍ଡା ଏମ୍ସରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣରେ କାରଖାନା କୋଠାର ଦୁଇଟି ମହଲା ମୁହୂର୍ତ୍ତକରେ ଭଗ୍ନାବଶେଷରେ ପରିଣତ ହୋଇଗଲା। ରାତି ପ୍ରାୟ ୧୨ଟା ୫୦ ସମୟରେ କାରଖାନାର ବାଣ ତିଆରି ୟୁନିଟରେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ୍ ରିପୋର୍ଟ ଅନୁସାରେ ପଞ୍ଜାବ-ହରିଆଣା ସୀମାନ୍ତରେ ଶ୍ରୀ ମୁକ୍ତସର ସାହିବର ସିଂହେୱାଲା-କୋଟଲି ରାସ୍ତାରେ ଅବସ୍ଥିତ ଏକ ଦୁଇ ମହଲା ବିଶିଷ୍ଟ ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସମୟରେ କିଛି ପ୍ରବାସୀ ଶ୍ରମିକମାନେ ଏଠାରେ ସିଫ୍ଟୱାରୀ କାମ କରୁଥିବା ବେଳେ ଆଉ କିଛି ଶ୍ରମିକ ଶୋଇଥିଲେ ବୋଲି ସେ କହିଛନ୍ତି।

## ରିଲାଏନ୍ସ ଡିଜିଟାଲ୍‌ର ସର୍ବୋତ୍ତମ ଟେକ୍ନୋଲୋଜି ଡିଲ୍ ଓ ୧ କୋଟି ମୂଲ୍ୟର ସ୍କଲାରସିପ୍

# ଯୁବପିଢ଼ିକୁ ସଶକ୍ତ କରିବ 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍

**ମୁମ୍ବାଇ, ୩୦।୫/ଏଜେନ୍ସି:** ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଖୁଚୁରା ବିକ୍ରେତା, ରିଲାଏନ୍ସ ଡିଜିଟାଲ ଏହାର ସର୍ବବୃହତ୍ ଲାପଟପ୍ ସେଲ୍ - 'ବୁଟ୍ ଅପ୍ ଇଣ୍ଡିଆ'ର ଶୁଭାରମ୍ଭ ଘୋଷଣା କରି ଗର୍ବିତ। ସେଲ୍ ଠାରୁ ଅଧିକ 'ବୁଟ୍ ଅପ୍ ଇଣ୍ଡିଆ' ଏକ ଶକ୍ତିଶାଳୀ ମିଶନ ସହିତ ଏକ ଅଭିଯାନ ମଧ୍ୟ। ମିଶନ୍ ହେଉଛି ଆଜିର ଛାତ୍ରଛାତ୍ରୀମାନଙ୍କୁ ଆସନ୍ତାକାଲିର ସୁଯୋଗ ପାଇଁ ପ୍ରସ୍ତୁତ ଏବଂ ସଶକ୍ତ କରିବା। ଏହି ପଦକ୍ଷେପ ୩୧ ମେ' ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିବା 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍ କୁ କେବଳ ଏକ ସପିଂ ଇଭେଣ୍ଟ ଭାବେ ନୁହେଁ ବରଂ ଭାରତର ପରବର୍ତ୍ତୀ ପିଢ଼ିର ଲିଡର, ନିର୍ମାଣକାରୀ ତଥା ନବସୃଜନକାରୀଙ୍କ ପାଇଁ ଏକ ପ୍ରକୃତ ଲଞ୍ଚପ୍ୟାଡ୍ ଭାବରେ ସ୍ଥାନିତ କରିଛି। ରିଲାଏନ୍ସର ସମସ୍ତ ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର ଏବଂ ରିଲାଏନ୍ସଡିଜିଟାଲ.ଇନ୍ ମାଧ୍ୟମରେ ବୁଟ୍ ଅପ୍ ଇଣ୍ଡିଆ ସେଲ'ରେ ଆକର୍ଷଣୀୟ ଅଫର୍ ମଧ୍ୟ ଉପଲବ୍ଧ ରହିଛି। ଲାପଟପ୍, ଆସେସୋରିଜ୍ ଏବଂ ଅନ୍ୟାନ୍ୟ ଆଇଟି ଆବଶ୍ୟକୀୟ ସାମଗ୍ରୀର ଆକର୍ଷଣୀୟ ମୂଲ୍ୟ ବ୍ୟତୀତ, ବୁଟ୍ ଅପ୍ ସେଲ'ରେ ଅନେକ ଆକର୍ଷଣୀୟ ପୁରସ୍କାର ମଧ୍ୟ ରହିଛି।




- ସାରା ଦେଶରେ ଛାତ୍ରଛାତ୍ରୀଙ୍କ ପାଇଁ ୧ କୋଟି ଟଙ୍କାର ସ୍କଲାରସିପ୍
- ୨୫ କାର୍, ୪୦ ବାଇକ୍ ଏବଂ ୪୫୦ରୁ ଅଧିକ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଜିତିବାର ସୁଯୋଗ
- ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର, ପ୍ରତ୍ୟେକ କ୍ରୟକୁ ପୁରସ୍କାରଦାୟକ କରିଥାଏ
- ବ୍ୟାଙ୍କ ଅଫର୍ ଏବଂ କ୍ୟାସବ୍ୟାକ୍

ବୁଟ୍ ଅପ୍ ଇଣ୍ଡିଆ ଏକ ସମନ୍ୱିତ ଅଭିଯାନ ଯାହା ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଇନ୍-ଷ୍ଟୋର ସକ୍ରିୟକରଣ, ସୋସିଆଲ ମିଡିଆ ଯୋଗାଯୋଗ ଏବଂ ଏନ୍‌ଗେଜମେଣ୍ଟ କାର୍ଯ୍ୟକଳାପଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି। ଏହି ଅଭିଯାନ ରିଲାଏନ୍ସ ଡିଜିଟାଲର ସମ୍ଭାବନାକୁ ପୋଷଣ କରିବା ଏବଂ ପ୍ରଯୁକ୍ତିବିଦ୍ୟାକୁ ଅଧିକ ସୁଲଭ କରିବା ପ୍ରତି ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ। ଆପଣ କଲେଜ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ର, ନିଜ ପିଲାଙ୍କ ଭବିଷ୍ୟତରେ ନିବେଶ କରୁଥିବା ପିତାମାତା, ଉତ୍ପାଦକତା ପାଇଁ ଅପଗ୍ରେଡ୍ କରିବାକୁ ଚାହୁଁଥିବା ଜଣେ ବୃତ୍ତିଗତ, ଉନ୍ନତ କାର୍ଯ୍ୟଦକ୍ଷତା ଖୋଜୁଥିବା ଜଣେ ଗେମର, ସୃଜନଶୀଳ ସୀମାକୁ ଆଗକୁ ନେଉଥିବା ଜଣେ ସୃଷ୍ଟିକର୍ତ୍ତା କିମ୍ବା ଡିଜିଟାଲ୍ ଦୁନିଆରେ ନିଜ ପାଇଁ ନାମ ତିଆରି କରିବାକୁ ଚାହୁଁଥିବା ଜଣେ ବରିଷ୍ଠ ବ୍ୟକ୍ତି, ଆପଣଙ୍କ ଆବଶ୍ୟକତା ଅନୁଯାୟୀ ଏକ ଲାପଟପ୍ ଅଛି।

ଆସନ୍ତୁ ଏବଂ ବୁଟ୍ ଅପ୍ ଇଣ୍ଡିଆ ସେଲ୍ ଉପଭୋଗ କରନ୍ତୁ ଏବଂ ଆପଣଙ୍କର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରନ୍ତୁ। ଏହା କେବଳ ଏକ ସେଲ୍' ନୁହେଁ - ଏହା ଭବିଷ୍ୟତ ପାଇଁ ଆପଣଙ୍କର ଲଞ୍ଚପ୍ୟାଡ୍।

ରିଲାଏନ୍ସ ଡିଜିଟାଲ୍ ବିଷୟରେ: ରିଲାଏନ୍ସ ଡିଜିଟାଲ୍ ହେଉଛି ଭାରତର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ଖୁଚୁରା ବିକ୍ରେତା ଯାହାର ଉପସ୍ଥିତି ୬୦୦ ରୁ ଅଧିକ ସହରରେ ଅଛି, ୬୫୦ ରୁ ଅଧିକ ବଡ଼ ଫର୍ମାଟ୍ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର୍ ଏବଂ ୯୯୦ ରୁ ଅଧିକ ମାଇଁ ଜିଓ ଷ୍ଟୋର୍ ସହିତ, ଦେଶବ୍ୟାପୀ ଗ୍ରାହକମାନଙ୍କୁ ସେବା ଯୋଗାଇ ଆସୁଛି, ଯାହା ସର୍ବଶେଷ ପ୍ରଯୁକ୍ତିବିଦ୍ୟାକୁ ସମସ୍ତଙ୍କ ପାଇଁ ସୁଗମ କରିଥାଏ। ୩୦୦ରୁ ଅଧିକ ଅନ୍ତର୍ଜାତୀୟ ଏବଂ ଜାତୀୟ ବ୍ରାଣ୍ଡ ଏବଂ ୫୦୦୦+ ଉତ୍ପାଦ ସହିତ, ରିଲାଏନ୍ସ ଡିଜିଟାଲ୍ ପାଖରେ ଗ୍ରାହକମାନଙ୍କୁ ସେମାନଙ୍କ ଜୀବନଶୈଳୀ ପାଇଁ ସଠିକ୍ ପ୍ରଯୁକ୍ତି ସମାଧାନ ଖୋଜିବାରେ ସାହାଯ୍ୟ କରିବା ପାଇଁ ମଡେଲର ସର୍ବବୃହତ ସଂଗ୍ରହ ରହିଛି।

# ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବନି

## କଡ଼ା ଜବାବ ଦେବାକୁ ଭାରତୀୟ ସେନା ପ୍ରତିବଦ୍ଧ: ସ୍ୱରାଷ୍ଟ୍ରମନ୍ତ୍ରୀ

**ପୁଞ୍ଚ,୩୦।୫/ଏଜେନ୍ସି:** ଜମ୍ମୁ-କାଶ୍ମୀର ଗସ୍ତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ପୁଞ୍ଚ ଘାଟି ପରିଦର୍ଶନ ପରିପ୍ରେକ୍ଷୀରେ ଶ୍ରୀ ଶାହ, ପାକିସ୍ତାନ ପଟୁ ହୋଇଥିବା ଆକ୍ରମଣରେ ପ୍ରାଣହରାଇଥିବା ସ୍ଥାନୀୟ ନାଗରିକଙ୍କ ପରିବାରଙ୍କୁ ସରକାରୀ ନିଯୁକ୍ତି ସମ୍ପର୍କୀତ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୂର ଏବଂ ଏହାପରେ ପାକିସ୍ତାନ ପଟୁ ହୋଇଥିବା ଆକ୍ରମଣରେ ପୁଞ୍ଚ ସୀମାରେଖାରେ କିଛି ଲୋକ ମୃତ୍ୟୁବରଣ କରିଥିଲେ ଏବଂ କିଛି ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ। ତେବେ ପୁଞ୍ଚ ଗସ୍ତ ଅବସରରେ ଶାହ ଏମାନଙ୍କୁ ଭେଟିଛନ୍ତି।

### 'ଅପରେସନ୍ ସିନ୍ଦୂର'ରେ ପ୍ରାଣ ହରାଇଥିବା ପରିବାରକୁ ନିଯୁକ୍ତିପତ୍ର ବାଣ୍ଟିଲେ ଶାହ

ଆୟୋଜିତ ଏକ ସମାବେଶକୁ ସମ୍ବୋଧିତ କରିବା ଅବସରରେ ପାକିସ୍ତାନକୁ ଚେତାବନୀ ଦେଇ ଶାହ କହିଛନ୍ତି ଯେ, ପାକିସ୍ତାନ ଯୁଦ୍ଧରେ ନିରୀହ ଜନସାଧାରଣଙ୍କ ଉପରେ ଆକ୍ରମଣ କରି କାପୁରୁଷ ଭଳି ଆଚରଣ ପ୍ରଦର୍ଶନ କରିଛି। ସାଧାରଣ ନାଗରିକ ଏବଂ ଧାର୍ମିକ ସ୍ଥାନ ଗୁଡ଼ିକୁ ଟାର୍ଗେଟ୍ କରିଛି। ଅପରେସନ ସିନ୍ଦୂର'ରେ ଭାରତୀୟ ସେନା ଯେତେବେଳେ କେବଳ ଆତଙ୍କବାଦୀ ଏବଂ ପାକିସ୍ତାନ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରିଥିଲା ସେତେବେଳ ପାକିସ୍ତାନ ଭୀରୁତାର ପରିଚୟ ଦେଇ ସାଧାରଣ ଏବଂ ନିରସ୍ତ୍ର ଲୋକଙ୍କ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନ ମନେ ରଖିବା ଉଚିତ୍ ଯେ, ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବନି। ଏପ୍ରକାର ଘଟଣାରେ କଡ଼ା ଜବାବ ଦେବାକୁ ଭାରତୀୟ ସେନା ପ୍ରତିବଦ୍ଧ। ସେହିପରି ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ସହ ସେମାନଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତିନି ସେନାବାହିନୀ ଛିଡା ରହିଛି। ଶାହ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ମଧ୍ୟ ଜମ୍ମୁ-କାଶ୍ମୀରର ବିକାଶ ଥମିବନି, ପୂର୍ବ ଭଳି ବିକାଶ କାର୍ଯ୍ୟ ଜାରି ରହିବ। ଖାଲି ସେତିକି ନୁହେଁ ଜମ୍ମୁ କାଶ୍ମୀର ସରକାର, କେନ୍ଦ୍ର ସରକାର ଏବଂ ଦେଶବାସୀଙ୍କ ଭାବନା ଆପଣଙ୍କ ସହିତ ଜଡିତ ହୋଇ ରହିଛି ବୋଲି ଅମିତ ଶାହ କହିଛନ୍ତି।

## ଆର୍ଥିକ ସଙ୍କଟ ସହ ଜୁଝୁଛି ଜାତିସଂଘ

# ୭ହଜାର କର୍ମଚାରୀଙ୍କୁ ଛଟେଇ କରିପାରେ: ରିପୋର୍ଟ

**ଜେନିଭା,୩୦।୫/ଏଜେନ୍ସି:** ଜାତିସଂଘ ସଚିବାଳୟ ଏବେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଫଳରେ ଜାତିସଂଘ ଏହାର ୩.୭ ବିଲିୟନ ଡଲାର ବଜେଟ୍‌କୁ ୨୦% ପର୍ଯ୍ୟନ୍ତ ହ୍ରାସ କରିବା ଏବଂ ପ୍ରାୟ ୬,୯୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଛି ବୋଲି ରଏଟର୍ସ ରିପୋର୍ଟ କରିଛି। କେବଳ ସେତିକି ନୁହେଁ ଜାତିସଂଘ ଏହାର କର୍ମଚାରୀଙ୍କୁ ଖର୍ଚ୍ଚକାଟ ସମ୍ପର୍କୀତ ସବିଶେଷ ବିବରଣୀ ଦାଖଲ କରିବାକୁ ମଧ୍ୟ ଜୁନ୍ ୧୩ ତାରିଖ ଯାଏ ସମୟ ଦେଇଥିବା ଜଣାପଡିଛି। ଏପ୍ରିଲରେ, ଜାତିସଂଘର ମାନବିକ ସାହାଯ୍ୟ ସମନ୍ୱୟ କାର୍ଯ୍ୟାଳୟର ନେତା ଟମ ଫ୍ଲେଚର କହିଛନ୍ତି ଯେ ଆମେରିକାର ଅର୍ଥ ହ୍ରାସ ଯୋଗୁଁ ୫୮ ମିଲିୟନ ଡଲାରର ଅଭାବ ପୂରଣ ପାଇଁ ୨୦% କର୍ମଚାରୀ ଛଟେଇ କରାଯିବ। ପ୍ରକାଶ, ଜାତିସଂଘ ପ୍ରକାର ଆର୍ଥିକ ସଙ୍କଟ ଭଳି ପରିସ୍ଥିତିର ସାମ୍ନା କରିବାର ମୁଖ୍ୟ କାରଣ ହେଉଛି ଆମେରିକାର ନୂଆ ସରକାରଙ୍କ ନୂଆ ନିତି। ରିପୋର୍ଟ ଅନୁସାରେ



ଆମେରିକା ଏବେ ଜାତିସଂଘକୁ ଏହାର ଅନୁଦାନ ସଂକୁଚିତ କରିଦେଇଛି। ଜାତିସଂଘକୁ ବିଶ୍ୱର ଅନ୍ୟ ଦେଶଙ୍କ ତୁଳନାରେ ଆମେରିକା ସର୍ବାଧିକ ଅର୍ଥାତ୍ ଜାତିସଂଘ ବଜେଟ୍‌ର ପ୍ରାୟ ଏକ ଚତୁର୍ଥାଂଶ ଅର୍ଥ ଯୋଗାଇଥାଏ। କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂଆ ରାଷ୍ଟ୍ରପତି ହେବା ପରେ ଆମେରିକା ଫାର୍ଷ୍ଟ ନିତିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚକାଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହିକ୍ରମେ ଆମେରିକା ସରକାରଙ୍କ ପକ୍ଷରୁ ଜାତିସଂଘକୁ ଦିଆଯାଉଥିବା ଅନୁଦାନକୁ ସୀମିତ କରିଦିଆଯାଇଛି। ଆମେରିକାର ଏପ୍ରକାର ବୈଦେଶିକ ସାହାଯ୍ୟ ବନ୍ଦ କରାଯିବା ଯୋଗୁଁ ଜାତିସଂଘର ମାନବିକ ସଂସ୍ଥାଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହୋଇଛି। ସେହିପରି ଚୀନ୍ ମଧ୍ୟ ଅର୍ଥ ପ୍ରଦାନ କରିବାରେ ବାରମ୍ବାର ବିଳମ୍ବ କରୁଛି ଯାହାକି ଜାତିସଂଘର ଆର୍ଥିକ ସଙ୍କଟକୁ ଆହୁରି ବୃଦ୍ଧି କରିଛି। ଏହି ଦୁଇ ଦେଶ ମିଳିତ ଭାବେ ଜାତିସଂଘର ୪୦%ରୁ ଅଧିକ ଅର୍ଥ ଯୋଗାଇଥାନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଚଳିତ ମାସରେ କୂଟନୀତିଜ୍ଞମାନଙ୍କୁ ଦେଇଥିବା ବ୍ରିଫିଂରେ କହିଛନ୍ତି ଯେ ସେ ପ୍ରମୁଖ ବିଭାଗଗୁଡ଼ିକୁ ଏକତ୍ର କରିବା, ସମ୍ବଳକୁ ପରିବର୍ତ୍ତନ କରିବା, କର୍ମଚାରୀମାନଙ୍କୁ ଶସ୍ତା ସହରକୁ ସ୍ଥାନାନ୍ତର କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଅପ୍ରୟୋଜନୀୟ ନୀତିଗତ ବ୍ୟବସ୍ଥା ନିଷ୍କାସନ କରିବା ପାଇଁ ଏକ ବୃହତ ପରିବର୍ତ୍ତନ ବିଚାର କରୁଛନ୍ତି।





ବିଧାନସଭା ପରିସରରେ ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି । ଏହି ଅବସରରେ ଉପସ୍ଥିତ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ ।

## ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ

# ବିଜେପି ସଂଘର୍ଷମୟ ଯାତ୍ରାର ଥିଲେ ଅଗ୍ରଗଣ୍ୟ ନେତା

**ଭୁବନେଶ୍ୱର,୩୦ା୫/ଏନ୍ଏନ୍ଏସ୍:** ବିଶିଷ୍ଟ ରାଜନେତା, ବିଜେପିର ପ୍ରଥମ ତଥା ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଓଡ଼ିଶା ବିଜେପିର ସଂଘର୍ଷମୟ ଯାତ୍ରାର ଅଗ୍ରଗଣ୍ୟ ନେତା ଓ କର୍ମୀ ଥିଲେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।ସ୍ୱର୍ଗତଃ ପଟ୍ଟନାୟକ ତିନି ଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ପ୍ରଥମ ବିଧାୟକ ଭାବେ ଦଳ ପକ୍ଷରୁ ବିଜୟୀ ହୋଇ ଇତିହାସ

### ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି

ରଚିଥିଲେ । ରାଜ୍ୟରେ ଦଳକୁ ତୃଣମୂଳସ୍ତରରେ ମଜ୍‌ଭୁତ କରିବାରେ ସ୍ୱର୍ଗତଃ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ । ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏହାଚଡ଼ା ଶ୍ରୀ ସାମଲ କହିଛନ୍ତି ଯେ ବିଜେପିର ପ୍ରଥମ ନିର୍ବାଚନରେ ସ୍ୱର୍ଗତ ପଟ୍ଟନାୟକ କାମାକ୍ଷାନଗରରୁ ବିଜୟୀ ହୋଇ ଦଳ ପାଇଁ ମୂଳଦୁଆ ପକାଇଥିଲେ । ସେ ବିଧାୟକ ଭାବେ ନିର୍ବାଚିତ ହେବା ପରେ କାମାକ୍ଷାନଗରର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ହୋଇଥିଲା । କାମାକ୍ଷାନଗରରେ ୧୫ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ନିର୍ମିତ ହୋଇଥିଲା । ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜେପି ପରିବାର ପାଇଁ



ଅପୂରଣୀୟ କ୍ଷତି ହୋଇଛି ବୋଲି ଶ୍ରୀ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ପାର୍ଥୀବ ଶରୀର ପହଞ୍ଚିବା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ରାଜ୍ୟ ପଦାଧିକାରୀ ଓ ବହୁ ସମର୍ଥକ ପହଞ୍ଚିଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଶୋକ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର:** କାମାକ୍ଷାନଗରର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ 'ଏକ୍ସ'ରେ ନିଜ ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମ ଦଳର କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ଓଡ଼ିଶା ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜଣେ ସରଳ, କର୍ମନିଷ୍ଠ ସ୍ୱଭାବର ବ୍ୟକ୍ତି ଥିଲେ । ଶିକ୍ଷା



ସହ କାମାକ୍ଷାନଗରର ବିକାଶ, ଆମ ଦଳର ସଂଗଠନ ଓ ଗାରିମାକୁ ବୃଦ୍ଧି କରିବାରେ ତାଙ୍କର ଯୋଗଦାନ ସ୍ମରଣୀୟ ହୋଇରହିବ । ତାଙ୍କ ବିୟୋଗରେ ଆମ ଦଳ ଜଣେ ଦକ୍ଷ ନେତାଙ୍କୁ ହରାଇଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## ବିଧାୟକ ଯୋଗେଶ ସିଂହଙ୍କ ଅଟକକୁ ନିନ୍ଦା କଲା ବିଜେଡି

# 'ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସମୟରେ ଉଠାଇନେବା ଅଗଣତାନ୍ତ୍ରିକ'

**ଭୁବନେଶ୍ୱର,୩୦ା୫/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକର ବରପାଲି ଗ୍ରାମରେ ଅଙ୍ଗନବାଡ଼ି, ସ୍କୁଲ ଓ ଗ୍ରାମାଞ୍ଚଳ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପରିବହନକୁ ବିରୋଧ କରି ଓ ନିକଟସ୍ଥ କୋଇଲା ସାଇଡିଂର ସ୍ଥାନାନ୍ତର ଦାବିରେ ଧାରଣାରେ ବସିଥିବା ସୁନ୍ଦରଗଡ଼ ସଦର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ସୁନ୍ଦରଗଡ଼ ବିଧାୟକ ଶ୍ରୀ ସିଂହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହି ରାସ୍ତାର ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଏହି ରାସ୍ତା କୋଇଲା ବୋଝେଇ ଟ୍ରକ ଯିବାପାଇଁ ଉପଯୋଗୀ ନୁହେଁ ବୋଲି



ବିଧାୟକ ଯୋଗେଶ ସିଂହ ଓ ଅନ୍ୟ ୬୬ ଜଣ ଗ୍ରାମବାସୀଙ୍କୁ ପୁଲିସ ଉଠାଇନେଇ ଅଟକ ରଖିବା ଘଟଣାକୁ ବିଜୁ ଜନତା ଦଳ ନିନ୍ଦା କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଶାନ୍ତିପୂର୍ଣ ଭାବେ ଧାରଣାରେ ବସିଥିବା ଗ୍ରାମବାସୀ ଓ ବିଧାୟକଙ୍କୁ ଏପରି ଉଠାଇନେବା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ । ଏହି ଅଞ୍ଚଳରେ ଏକ କୋଇଲା ସାଇଡିଂ ନିର୍ମାଣ କରାଯାଇ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଛି । ଏହି ସାଇଡିଂ ନିର୍ମାଣ ପାଇଁ ଗ୍ରାମସଭା ଆୟୋଜନ ହୋଇନାହିଁ । ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଜଣାଇଥିଲେ । ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ ଏହି ସମ୍ବନ୍ଧରେ ଗ୍ରାମବାସୀଙ୍କ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିଲା ଯାହାର ଶୁଣାଣି ଆସନ୍ତା ଜୁନ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି । ମାମଲା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହେବାକୁ ଥିବାବେଳେ ଓ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ବେଳେ ଗ୍ରାମବାସୀଙ୍କ ସହ ଜଣେ ଲୋକ ପ୍ରତିନିଧିଙ୍କୁ ଯେଉଁଭଳି ଭାବେ ଉଠାଇ ନିଆଯାଇଛି ତାହା ଗଣତନ୍ତ୍ର ପ୍ରତି କୁଠାରଘାତ । କାହା ଇଙ୍ଗିତରେ ଏହି ଅଗଣତାନ୍ତ୍ରିକ କାର୍ଯ୍ୟ ହୋଇଛି ତାହା ସ୍ପଷ୍ଟ ହେବା ଦରକାର । ଡ଼ ଲେନିନ ମହାନ୍ତି କହିଥିଲେ ଯେ ଜଣେ ଜନ ପ୍ରତିନିଧିଙ୍କୁ ଏପରି ଅଗଣତାନ୍ତ୍ରିକ ଭାବେ ଅଟକ ରଖିବାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି । ଗ୍ରାମବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବେନିୟମ ଭାବେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଛନ୍ତି ।

# ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଖାରଜ

**ଭୁବନେଶ୍ୱର,ନିଶ୍ଚିନ୍ତକୋଇଲି,୩୦ ।୫/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି । ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୮ଜଣ ଆଜିର ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜୁ ଜନତା ଦଳର ସମର୍ଥୀତ ବ୍ଲକ ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିଛନ୍ତି । ଏନେଇ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇ ଆସୁଥିଲା । ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ' ୧୩ ତାରିଖରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକୀୟ ସମର୍ଥନ ଜୁଟାଇ ନପାରିବା କାରଣରୁ କିଛି ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇ ଦିଆଯାଇଥିଲା । ଆଜି ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ । କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟସଭ୍ୟାମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିଲେ ନାହିଁ । ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ଜଣ ଉପସ୍ଥିତ ଥିବା କାରଣରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିଲାନାହିଁ । ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ, ପଞ୍ଚାୟତ ସମିତିରେ ବେନିୟମ ଓ ଦୁର୍ନୀତି କରିବା ପାଇଁ ବିଧାୟକ ସାରଦା ପ୍ରଧାନଙ୍କ ଚାପ ଆଗରେ ମୁଣ୍ଡ ନ ନୁଆଁଇବାରୁ ଅଧ୍ୟକ୍ଷା ଶ୍ରୀମତୀ ସେଠୀଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା । କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକରେ ଜନମତର ବିଜୟ ହୋଇଛି ବୋଲି ଡ. ମହାନ୍ତି କହିଛନ୍ତି ।

ଅନ୍ୟପକ୍ଷରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଉନ୍ନୟନ ଅଧିକାରୀ ମନୋଜ କୁମାର ପଢ଼ିହାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ କୈଳାସ କୁମାର ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ ସାହୁ, ସାଲେପୁର ଥାନା ପୁଲିସ ଉପଖଣ୍ଡ ଅଧିକାରୀ ବିରଞ୍ଚି ନାରାୟଣ ପତି, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସମେତ ବହୁ ଥାନା ଅଧିକାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଆଜିର ଅନାସ୍ଥା ଆଲୋଚନାରେ କ'ଣ ପାଇଁ ବହୁ ସମିତି ସଭ୍ୟସଭ୍ୟା ଅନୁପସ୍ଥିତ ରହିଲେ ଏ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଥିବାର ଲକ୍ଷ୍ୟ କରାଯାଇଛି ।

## ଆଦିବାସୀ ନାବାଳିକା ଦୁଷ୍କର୍ମ ମାମଲା

# ଜାତୀୟ ଏସ୍‌ଟି କମିଶନଙ୍କୁ ବିଜେଡିର ସ୍ମାରକପତ୍ର

**ଭୁବନେଶ୍ୱର,୩୦ ।୫/ଏନ୍ଏନ୍ଏସ୍:** କୋରାପୁଟ ଜିଲ୍ଲାର ଜଣେ ଆଦିବାସୀ ନାବାଳିକା ସହିତ ଗଣଦୁଷ୍କର୍ମ ଓ ଗର୍ଭଧାରଣ ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଧାବଗାଁ ଗ୍ରାମର ଜଣେ ନାବାଳିକା ଆଦିବାସୀ ଝିଅ ସଂପର୍କରେ ମହିଳା ଥାନା ପିଏସ୍ କେସ୍ ନଂ-୭୦/୨୦୨୫ ଉପରେ ଆଲୋକପାତ କରାଯାଇଛି । ଦୁଷ୍କର୍ମ ପରେ ପୀଡ଼ିତା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି । ଜୟପୁର ମହିଳା ଥାନାରେ ପୀଡ଼ିତାଙ୍କ ବିଧବା ମାଆଙ୍କ ଦ୍ୱାରା ଦାୟର ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ କୋରାପୁଟର ବୋରିଗୁମ୍ମା ବ୍ଲକର ସାନପୁରିଆ ପଞ୍ଚାୟତର ସନିଗୁଡା ଗ୍ରାମର ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କ ପୁଅ ରାଜେନ୍ଦ୍ର ଭତ୍ରା ଭାବେ ଚିହ୍ନଟ କରାଯାଇଛି । ରାଜେନ୍ଦ୍ର ଭତ୍ରା ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୀର୍ଘ ୨ ବର୍ଷ ଧରି ଲଗାତାର ଦୁଷ୍କର୍ମ କରିଆସୁଥିଲେ । ଝିଅଟି ପାଞ୍ଚ ମାସର ଗର୍ଭବତୀ ହୋଇଥିବା ଜଣାପଡିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା । ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପି ଦେବା ପାଇଁ ପ୍ରଶାସନିକ ସ୍ତରରେ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି । ଏଥିଯୋଗୁ ଏକ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ପ୍ରତିନିଧି ଦଳ କମିଶନଙ୍କ ଉଦ୍ଦେଶ୍ୟରେ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଉକ୍ତ ପ୍ରତିନିଧିମଣ୍ଡଳୀରେ ବିଜେଡି ମିଡିଆ ସହସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ଇପ୍ସିତା ସାହୁ, ବିଶ୍ୱପ୍ରତାପ ସାହୁ, ଅରୂପ ଶ୍ରୀଚନ୍ଦନ ଓ ସୋଫିଆ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ ।

# 'କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ଦିଆଯିବ'

**ଭୁବନେଶ୍ୱର,୩୦ା୫/ଏନ୍ଏନ୍ଏସ୍:** ରାଜ୍ୟରେ ଚଳିତ ମାସ ୨୭ ମଇରୁ ୩୦ ମଇ ମଧ୍ୟରେ ହୋଇଥିବା ଲଘୁଚାପ ଜନିତ ଅଦିନିଆ ବର୍ଷାରେ ବିଭିନ୍ନ ସ୍ଥାନରେ ଫସଲ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର କ୍ଷୟକ୍ଷତି ସ୍ଥିତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବା ସଂପର୍କରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟଠାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଂଜନ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ପ୍ରଭାତ କୁମାର ରାଉଳଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇ କ୍ଷୟକ୍ଷତି ଓ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରିଥିଲେ ।



### ଅଦିନିଆ ବର୍ଷା

ବୈଠକର ପ୍ରାରମ୍ଭରେ ଭାରତୀୟ ପାଣିପାଗ କେନ୍ଦ୍ର ଆଞ୍ଚଳିକ ଶାଖା ନିର୍ଦ୍ଦେଶିକା ମନୋରମା ମହାନ୍ତି ବର୍ତ୍ତମାନ ଲଘୁଚାପର ଅବସ୍ଥା ଓ ଆଗାମୀ ଦିନରେ ରାଜ୍ୟର ପାଣିପାଗ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ମିଳିଥିବା ତଥ୍ୟ ଅନୁଯାୟୀ ୨୭ ମଇ ରୁ ୩୦ ମଇ ମଧ୍ୟରେ ରାଜ୍ୟରେ ହାରାହାରି ୪୧.୯ ମିମି ବର୍ଷା ହୋଇଥିବା ବେଳେ ୮ ଟି ଜିଲ୍ଲା କେନ୍ଦ୍ରାପଡ଼ା, କଳାହାଣ୍ଡି, ଜଗତସିଂହପୁର, କନ୍ଧମାଳ, ନବରଙ୍ଗପୁର, ଭଦ୍ରକ, ସୁବର୍ଣ୍ଣପୁର ଓ ରାୟଗଡ଼ାରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି । ସେହିପରି ଅନ୍ୟ ୨୨ଟି ଜିଲ୍ଲାରେ ୧୦ ରୁ ୫୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତ ଭାବରେ କ୍ଷୟକ୍ଷତିର ସର୍ଭେ କରାଯାଉଛି । ସରକାର ଅଣ ମୌସୁମୀ ସମୟରେ ଅନିୟମିତ ବର୍ଷାକୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିବା ବେଳେ ପ୍ରତ୍ୟେକ ଚାଷୀ ଓ ବର୍ଷା ପବନରେ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ନିଶ୍ଚିତ ଭାବେ କ୍ଷତିପୂରଣ ଦିଆଯିବ । କେହି ବି ଜଣେ ହେଲେ ଯେମିତି କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ ନାହିଁ ସେଥିପ୍ରତି ସରକାର ସଜାଗ ଅଛନ୍ତି । ଜିଲ୍ଲାପାଳମାନେ ଖୁବ୍ ଶୀଘ୍ର କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିବା ପରେ ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି ।

DSPL-86

NATIONAL HEALTH MISSION

ଓଡ଼ିଶା ସରକାର

# ବିଶ୍ୱ ତମାଖୁ ବର୍ଜନ ଦିବସ

୩୧ ମଇ ୨୦୨୫

ତମାଖୁ ବ୍ୟବହାର ଦ୍ୱାରା ଜନସମାଜ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।

## ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :

- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍‌ଫୁସ୍, ମୁତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍‌ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍‌ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।

ତମାଖୁ

ଆମ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ



ତମାଖୁ ଓ ତମାଖୁ ଉତ୍ପାଦ ବିକ୍ରିବୃଦ୍ଧି ଅପକୌଶଳର ପର୍ଦ୍ଦାଫାଶ କରିବା, ଜନ ଆବେଦନର ଶୁଣାଣି କରିବା

ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।

ତମାଖୁ ବର୍ଜନ, ସୁସ୍ଥ ଜୀବନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0193/2526

## ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା

# ଅସ୍ଥାୟୀ ମଣ୍ଡପରେ କୁଙ୍କୁମ ପୂଜା: ଆକର୍ଷଣ ସାଜିଛି ରଥ, କଳାକୁଞ୍ଜ







**ବ୍ରହ୍ମପୁର,୩୦।୫/ଏନ୍‌ଏନ୍‌ଏସ୍:** ଲାଞ୍ଜିପଲ୍ଲୀ ବାହ୍ମଣ ସାହି ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମା' ତାରାଦେବୀ ଠାକୁରାଣୀଙ୍କ ଯାତ୍ରା ଧୁମ୍‌ଧାମରେ ଚାଲିଛି। ମା'ଙ୍କୁ ଦର୍ଶନ ପାଇଁ ସକାଳ ପାଇଲେ ମଣ୍ଡପରେ ଭିଡ ଜମୁଛି। ଆଜି ସକାଳେ ମା'ଙ୍କ ପୂଜାନୀତି ସରିବା ପରେ ସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମହିଳା ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇ କୁଙ୍କୁମ ପୂଜାରେ ସାମିଲ ହୋଇଥିଲେ। ନଡିଆ, କଦଳି ଆଦି ଭୋଗ ଧରି ଶତାଧିକ ମହିଳା ମା'ଙ୍କ ଅସ୍ଥାୟୀ ମଣ୍ଡପ ନିକଟରେ ପୂଜାର୍ଚ୍ଚନା କରିଥିଲେ। ବିଶ୍ୱ ଶାନ୍ତି ଏବଂ ପରିବାରରେ ମଙ୍ଗଳ କାମନା କରିଥିଲେ। ଆଜି ଟାଣ ଖରା ନଥିବାରୁ ମଣ୍ଡପରେ ମା'ଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଛୁଟିଥିଲା। ସନ୍ଧ୍ୟାରେ ମା'ଙ୍କ ୧୦୮ ସନ୍ଧ୍ୟା ଆଳତୀ ଦର୍ଶନ କରିଥିଲେ ଭକ୍ତ। ପରେ ମା' ଠାକୁରାଣୀଙ୍କ ଘଟ ସାହି ଭ୍ରମଣରେ ବାହାରିଥିଲା। ରାଜାଘର ଭୋଗ ଖାଇବା ପରେ ମା'ଙ୍କ ଘଟ ପ୍ରଥମେ ବ୍ରାହ୍ମଣ ସାହି, କାଳଞ୍ଜି ସାହି, କାଞ୍ଜିଆମ୍ମା ମନ୍ଦିର, ଉମାନଗର ପ୍ରଥମ ଲାଇନ୍, ଦ୍ୱିତୀୟ ଲାଇନ୍ ହୋଇ କାଞ୍ଜିଆମ୍ମା ମନ୍ଦିର ରାସ୍ତା ଦେଇ ପୁଣି କାଳଞ୍ଜି ସାହି ହୋଇ ଅସ୍ଥାୟୀ ପୀଠକୁ ଫେରିଥିଲେ। ମା'ଙ୍କ ଘଟ ଯାତ୍ରାରେ ବହୁ ସଂଖ୍ୟାରେ ମାନସିକଧାରୀ ଭକ୍ତ ସାମିଲ ହୋଇଥିଲେ। ବହୁ ମାନସିକଧାରୀ ଭକ୍ତଙ୍କୁ ବିଭିନ୍ନ ଦେବାଦେବୀଙ୍କ ବେଶରେ ଦେଖିବାକୁ ମିଳିଥିଲା। ମା'ଙ୍କ ସାହି ପରିକ୍ରମା ବେଳେ ବିଭିନ୍ନ ସାହି କମିଟି ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। ମହିଳା ଭକ୍ତମାନେ ହଳଦୀ ପାଣିରେ ମା'ଙ୍କ ପାଦ ଧୋଇ ପୂଜାର୍ଚ୍ଚନା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ସରିବାକୁ ଆଉ ମାତ୍ର କେଇଟା ଦିନ ଥିବା ବେଳେ ସାହି ସାହିରେ କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜା ହୋଇଛି। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିଛି ପୁରା ଅଞ୍ଚଳ। ବିଭିନ୍ନ ସାହିରେ ଗଢି ଉଠିଥିବା ରଥ, କଳାକୁଞ୍ଜ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଅନ୍ୟପକ୍ଷରେ ଭକ୍ତଙ୍କ ଆଗମକୁ ଦୃଷ୍ଟିରେ ରଖି ସାହି କମିଟି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତଙ୍କୁ ବିଭିନ୍ନ ବ୍ୟଞ୍ଜନର ଖାଦ୍ୟ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା। ଗହଳିକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



## ଏମ୍‌କେସିଜି ମେଡିକାଲ୍

# ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ବିଭିନ୍ନ ବିଭାଗ ସମସ୍ୟାର ସମୀକ୍ଷା

**ବ୍ରହ୍ମପୁର,୩୦।୫/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ପରିଦର୍ଶନ କରିଛନ୍ତି ଓଡିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ। ମେଡିକାଲର ବିଭିନ୍ନ ବିଭାଗ ବୁଲି ସମସ୍ୟା ଅନୁଧ୍ୟାନ କରିଥିଲେ ୯ ଜଣିଆ ସଦସ୍ୟ। ମେଡିକାଲ କଲେଜ ଡିନ ତଥା ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ସହ ମେଡିକାଲରେ ଲାଗି ରହିଥିବା ସମସ୍ୟା ଓ ତାର ସମାଧାନ ନେଇ ଟିମ୍ ସଦସ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗୀର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପି. କେ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲରେ ଡାକ୍ତରଙ୍କ ଅଭାବ, ବର୍ଣ୍ଣ କେୟାର ୟୁନିଟ୍‌ର ବ୍ୟବସ୍ଥା, ଟ୍ରମା କେୟାର ସେଣ୍ଟର, ରୋଗୀଙ୍କ ନିମନ୍ତେ ଆବଶ୍ୟକୀୟ ନୂତନ କୋଠା, ଆଇସିୟୁ ୟୁନିଟ୍ ବୃଦ୍ଧି, ରୋଗୀଙ୍କ ପାଇଁ ଉନ୍ନତ ମାନର ରକ୍ତ ନମୁନା ପରୀକ୍ଷା ସହ ତୁରନ୍ତ ରିପୋର୍ଟ ପ୍ରଦାନ ବ୍ୟବସ୍ଥା ଆଦି ବିଭିନ୍ନ ବିଷୟ ଉପରେ ସମୀକ୍ଷା କରିଥିଲେ। ମେଡିକାଲରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସମାଧାନ ନେଇ ଉଦ୍ୟମ କରାଯିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଭୁତି ଭୂଷଣ ପ୍ରଧାନ ସୂଚନା ଦେଇଥିଲେ। ମେଡିକାଲ ପରିଦର୍ଶନରେ ଆସିଥିବା କମିଟି ସଦସ୍ୟଙ୍କ ମଧ୍ୟରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନଙ୍କ ସମେତ ରୁପେଶ କୁମାର ପାଣିଗ୍ରାହୀ, ଗୌତମ ବୁଦ୍ଧ ଦାସଙ୍କ ସମେତ ଅନ୍ୟ କେତେକ ସଦସ୍ୟ ଆସିଥିବା ବେଳେ ଆଉ କେତେକ ସଦସ୍ୟ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ମେଡିକାଲରେ ଲାଗି ରହିଥିବା ବହୁବିଧ ସମସ୍ୟା ସମ୍ପର୍କରେ ସହରର ବହୁ ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ରହି କମିଟି ସଦସ୍ୟଙ୍କ ନଜରକୁ ଆଣିଥିଲେ। କମିଟି ସଦସ୍ୟଙ୍କୁ ଅବଗତ କରି ସ୍ଥାୟୀ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ମେଡିକାଲର ଲାଗି ରହିଥିବା ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଏମ୍‌କେସିଜି ମେଡିକାଲ କଲେଜ ଡିନ ତଥା ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ଆଶା ରଖିଥିବା କହିଛନ୍ତି।



ସୂଚନାଥାଉକି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଉପରେ ଦକ୍ଷିଣ ଓଡିଶା ସମେତ ପଡୋଶୀ ଓ ଆନ୍ଧ୍ର ଓ ଛତିଶଗଡ ଅଞ୍ଚଳର ରୋଗୀ ନିର୍ଭର କରୁଛନ୍ତି। ସକାଳେ ପାଇଲେ ଦୈନିକ ହଜାର ହଜାର ରୋଗୀଙ୍କ ଚିକିତ୍ସା ପାଇଁ ଲମ୍ବା ଲାଇନ୍ ଲାଗୁଛି। ତେବେ ମେଡିକାଲର ବିଭିନ୍ନ ବିଭାଗରେ ଲାଗି ରହିଥିବା ଡାକ୍ତର ଅଭାବ ସମସ୍ୟା, ରୋଗ ନିଦାନ କେନ୍ଦ୍ରରେ ଅବ୍ୟବସ୍ଥା, ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟା, ବର୍ଣ୍ଣ କେୟାର ୟୁନିଟ୍ ନଥିବା ଯୋଗୁଁ ଗୁରୁତର ରୋଗୀ କଟକ, ଭୁବନେଶ୍ୱର ଭଳି ଅଞ୍ଚଳର ମେଡିକାଲ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ ବିଭିନ୍ନ ସଂଗଠନ ପକ୍ଷରୁ ମେଡିକାଲ ଅଧିକ୍ଷକଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

**ବ୍ରହ୍ମପୁର,୩୦।୫/ଏନ୍‌ଏନ୍‌ଏସ୍:** ବାଲିଗୁଡାରୁ ଖଲ୍ଲିକୋଟ ଦେଇ ନୟାଗଡ ଜିଲ୍ଲାକୁ ଚାଲାଣ ହେଉଥିଲା ଗଞ୍ଜେଇ। ମାଡି ବସିଲା ଅବକାରୀ ଗୁଇନ୍ଦା ପୁଲିସ୍। ଗଞ୍ଜେଇ ସହ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଜଣକ ନୟାଗଡ ଜିଲ୍ଲା ଶରଣକୂଳ ଅଞ୍ଚଳର ବିକାଶ ଭଞ୍ଜ ବୋଲି ଜଣାପଡିଛି। ସେହିପରି ଗାଙ୍ଗପୁର ପୁଲିସ୍ ପକ୍ଷରୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ତା ନିକଟରୁ ୫୨ କିଲୋ ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ପ୍ରକାରେ ଗତକାଲି ଅବକାରୀ ପୁଲିସ୍ ପକ୍ଷରୁ ଖଲ୍ଲିକୋଟ ସାନଘାଟି ନିକଟରେ ଚେକିଂ ଚାଲିଥିଲା। ଏହି ସମୟରେ ମହିନ୍ଦ୍ରା ଏକ୍ସୟୁଭି-୫୦୦ କାର୍‌କୁ ସନ୍ଦେହରେ ଅଟକ ରଖି ଖାନତଲାସୀ କରାଯାଇଥିଲା। ଗାଡିରେ ଥିବା ଦୁଇଟି ଜରି ଅଖାକୁ ଖୋଲିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଦୁଇଟି ଅଖାରୁ ୭୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ପୁଲିସ୍ ଗାଡିର ଡ୍ରାଇଭର ନୟାଗଡ ଜିଲ୍ଲା ଶରଣକୁଳ ଅଞ୍ଚଳର ବିକାଶ ଭଞ୍ଜ ନାମକ ବ୍ୟକ୍ତିକୁ ଗିରଫ କରିବାରେ ସଫଳ ହୋଇଛି। ତେବେ ଗଞ୍ଜେଇ ଚାଲାଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା ବେଳେ ସେ ଜବତ ଗଞ୍ଜେଇକୁ ବାଲିଗୁଡା ଅଞ୍ଚଳରୁ ଖଲ୍ଲିକୋଟ ଦେଇ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିବା ନେଇ ପ୍ରକାଶ କରିଥିଲା। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଫେରାର୍ ଅଭିଯୁକ୍ତକୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ପୁଲିସ୍ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହି ଚଢାଉରେ ଅବକାରୀ ଏସ୍‌ଆଇ ଅଜିତ ନାୟକଙ୍କ ସମେତ ଅବକାରୀ ପୁଲିସ୍ ପବିର ସାମଲ, କପିଳାଶ ଭତ୍ରା, ସନ୍ତୋଷ ନାୟକ, କୁମୁଦ ପ୍ରଧାନ, ବଳରାମ ଜେନା ପ୍ରମୁଖ ସାମିଲ ଥିଲେ। ସେହିପରି ଗାଙ୍ଗପୁର ଥାନା ଅଞ୍ଚଳରେ ଏକ ଏକ୍ସଲ୍ ଗାଡିରେ ଦୁଇଟି ବସ୍ତାରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ବ୍ୟକ୍ତିକୁ ପୁଲିସ୍ ଗିରଫ କରିଛି। ତା ନିକଟରୁ ୫୨ କେଜି ୧୫୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ ହୋଇଥିବା ନେଇ ସୂଚନା ମିଳିଛି। ଅବକାରୀ ଗୁଇନ୍ଦା ଓ ପୁଲିସର ଗଞ୍ଜେଇ ଧରପଗଡ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ଜାତୀୟ ରାଜପଥରେ ଏହିଭଳି ବେଆଇନ୍ ଭାବେ ମଦ, ଗଞ୍ଜେଇ ଆଦି ନିୟମିତ ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ତେଣୁ ଅବକାରୀ ପୁଲିସ୍ ଧରପଗଡ ଅଭିଯାନକୁ ଆହୁରୀ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି।




# ପିପୁଲ୍ଲ ହାଇସ୍କୁଲ୍ ମାଟ୍ରିକ୍ ଟପରଙ୍କୁ ସମ୍ବର୍ଦ୍ଧନା

**ବୁଗୁଡା,୩୦।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲର ୧୯୭୨ ମାଟ୍ରିକ ବ୍ୟାଚ୍ ପ୍ରାକ୍ତନ ଛାତ୍ର ସଂଘ ପକ୍ଷରୁ ହାଇସ୍କୁଲ ପରିସରରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ସଂଘର କୈଳାସ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି ସଭାନେତ୍ରୀ ସୁଜାତା ପାଢୀ , ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ, ଅଭିଭାବକ କିଶୋର ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ମେଧାବୀ ଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫୦୨ ମାର୍କ ହାସଲ କରି ସ୍କୁଲ ଟପର ଭାବେ ବିବେଚିତ ହୋଇଥିବା ଛାତ୍ର ସଂଗ୍ରାମ କେଶରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ମାତୃଭାଷା ଓଡିଆ ବିଷୟରେ ସର୍ବାଧିକ ୯୪ ନମ୍ବର ହାସଲକାରୀ ସ୍କୁଲର ଅନ୍ୟତମ ମେଧାବୀ ଛାତ୍ର ସନ୍ତୋଷ କୁମାର ପରିଡାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଭୟ ପ୍ରସାଦ ପାଣିଗ୍ରାହୀ ଓ ତ୍ରିଲୋଚନ ସାହୁ ସହଯୋଗ କରିଥିବା ବେଳେ ଟି. ସୁଦର୍ଶନ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।



# ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଡିଜିଟାଲ୍ ଫିଡ୍‌ବ୍ୟାକ୍ କିଓସ୍କ

**କନ୍ଧମାଳ, ୩୦।୫/ଏନ୍‌ଏନ୍‌ଏସ୍:** ଦେଶରେ ପ୍ରଥମ ଥର ପାଇଁ ସରକାରୀ ଡାକ୍ତରଖାନାରେ ଲାଗିଲା ଫିଡ୍‌ବ୍ୟାକ କିଓସ୍କ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଡିଜିଟାଲ ଭାରତର ଏକ ଉଦାହରଣ କନ୍ଧମାଳ ଜିଲ୍ଲାରେ ଆଜି ଦେଖିବାକୁ ମିଳିଛି। ବାଲ ରକ୍ଷା ଭାରତର ସହାୟତାରେ ଏକ ନୂତନ ପଦକ୍ଷେପ ରୂପେ ଆଜି କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ "ଫିଡ୍‌ବ୍ୟାକ କିଓସ୍କ" ର ଉଦ୍‌ଘାଟନ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅକ୍ଷୟ କୁମାର ସାହୁଙ୍କ ଦ୍ୱାରା କରାଯାଇଛି। ଏହି କିଓସ୍କ ଦ୍ୱାରା ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ପାଉଥିବା ରୋଗୀ ଓ ତାଙ୍କର ସହଯୋଗୀମାନେ ସ୍ୱତନ୍ତ୍ର ଓ ସହଜ ଭାବରେ ନିଜର ପ୍ରତିକ୍ରିୟା ଦେଇପାରିବେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚିକିତ୍ସା ସେବାର ଗୁଣବତ୍ତା ଉପରେ ନିରନ୍ତର ଅନୁସରଣ ଓ ସୁଧାରକୁ ସୁନିଶ୍ଚିତ କରିବା। ବାଲ ରକ୍ଷା ଭାରତର ଓଡିଶା ମୁଖ୍ୟ ଡ଼ଃ. ଅଭିଜିତ୍ ଭଦ୍ର କାର୍ଯ୍ୟକ୍ରମ ବିଷୟରେ ସଂକ୍ଷେପ ବିବରଣୀ ଦେଇଥିଲେ। ଏହି ଅବସରରେ ୧୦୦୦ ଦିନର ଗୁରୁତ୍ୱ" ବିଷୟରେ ଆଲୋଚନା ହୋଇଥିଲା। ହେଲଥ ଏଟିଏମ, ଡିଜିଟାଲ ଷ୍ଟେଥୋସ୍କୋପ, ବିପଦ ସଂକୁଳ ଗର୍ଭବତୀ ମହିଳାଙ୍କୁ ଗୃହ ପରିଦର୍ଶନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରାମର୍ଶ ଭଳି ସେବାଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ କିପରି ସୁଦୃଢ଼ି କରଣ କରାଯାଇ ପାରିବ ତାହା ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ମେଡିକାଲ କଲେଜ ଅଧ୍ୟକ୍ଷ ଡ଼ା. ନରେନ୍ଦ୍ର ବେହେରା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଗୀତାଞ୍ଜଳି ଦାସ, ଡି.ପି.ଏଚ. ଓ ଡ଼ଃ କଲ୍ୟାଣୀ ମିଶ୍ର, ଡ଼ଃ ପ୍ରସନ୍ନ ତ୍ରିପାଠୀ, ପି. ଓ ସରୋଜଲତା ଦେଇ, ସ୍ୱାତି ସଂଗଠନର ମୁଖ୍ୟ ଙ୍କ ହରିଶଙ୍କର ରାଉତ, ସମାଜ ସେବୀ ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଲ ରକ୍ଷା ଭାରତର କାର୍ଯ୍ୟକାରୀ ବିଭାଗ ମୁଖ୍ୟ ପ୍ରଦୀପ ମିଶ୍ର ଦେଶରେ ପ୍ରଥମ ଥର ଭାବେ ସରକାରୀ ଡାକ୍ତରଖାନାରେ ଏହି ବ୍ୟବସ୍ଥା ଆରମ୍ଭ ହେବା ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡି କର୍ମୀ ଓ ଯୁବ ଚାମ୍ପିୟନମାନେ ନିଜ ଅଭିଜ୍ଞତା ଆଲୋଚନା କରିଥିଲେ। ବିଭିନ୍ନ ଅଂଶଗ୍ରହଣକାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।



# ନକଲି ଶିକ୍ଷକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଦାବି

**ଆସିକା,୩୦।୫/ଏନ୍‌ଏନ୍‌ଏସ୍:** ଆସିକା ଅଞ୍ଚଳର କେତେକ ବିଦ୍ୟାଳୟରେ ନକଲି ପ୍ରମାଣପତ୍ର ଦାଖଲ କରି ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଶିକ୍ଷକଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଛି। ଆସିକା ଅଞ୍ଚଳର କେତେକ ଶିକ୍ଷାନୁଷ୍ଠାନରେ ବହୁ ଶିକ୍ଷକ ଅତୀତରେ ବିଇଡି ଶିକ୍ଷା ତାଲିମ୍ ନେବା ପାଇଁ ଆବଶ୍ୟକତା ସମୟରେ ନକଲି ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରି ପରବର୍ତ୍ତୀ ସମୟରେ ଶିକ୍ଷକ ରୂପେ ନିଯୁକ୍ତି ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଅତୀତରେ ଆସିକା କଲେଜ ଛକ ଅଞ୍ଚଳର ଜନୈକ ଶିକ୍ଷକ ବିଇଡି ନକଲି ଅଭିଜ୍ଞତା ପ୍ରମାଣପତ୍ର ଦାଖଲ ଅଭିଯୋଗରେ ଠିକ୍ ସମୟରେ ପଦୋନ୍ନତିରୁ ବଞ୍ଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ନିଜକୁ ଆତ୍ମଘୋଷିତ ସଂଘନେତା ବୋଲି ପରିଚୟ ଦେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୌଣସି ପ୍ରକାରେ କାରାୟତ କରି ଦୀର୍ଘ ଦିନ ପରେ ପଦୋନ୍ନତି ପାଇଥିବା ଆସିକା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଇଛି । ଆସିକା କଲେଜ ଛକ ଅଞ୍ଚଳରେ ରହୁଥିବା ୨ ଜଣ ଆତ୍ମଘୋଷିତ ଶିକ୍ଷକ ସଂଘ ନେତା ନକଲି ବିଇଡି ଅଭିଜ୍ଞତା ପ୍ରମାଣ ପତ୍ର ଦାଖଲ କରି ନିଯୁକ୍ତି ପାଇ ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରି ସେମାନଙ୍କ ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ନକଲି ବିଇଡି ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରି ଚାକିରି କରୁଥିବା ଆସିକା କଲେଜ ଛକ ଅଞ୍ଚଳର ୨ ଜଣ ଶିକ୍ଷକଙ୍କ ଶିକ୍ଷାଗତ, ଜାତିଗତ ଓ ଅଭିଜ୍ଞତା ସମେତ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରକୃତରେ ଅସଲି କି ନକଲି ତାହା ଜାଣିବା ସହ ସତ୍ୟାସତ୍ୟ ଉନ୍ମୋଚନ ପାଇଁ ବର୍ତ୍ତମାନ କେତେକ ସଚେତନ ନାଗରିକ ସଜବାଜ ହେଉଥିବା ଜଣାପଡିଛି । ଅତୀତରେ ଆସିକାରେ ବହୁ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ମଧ୍ୟ ଆହୁରି କେତେକ ନକଲି ଶିକ୍ଷକ ଚାକିରୀ କରୁଥିବା ଚର୍ଚ୍ଚା ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ନିତିଦିନ NITIDIN



# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ, ୩ ଗୁରୁତର

**ଚିକିଟି,୩୦।୫/ଏନ୍‌ଏନ୍‌ଏସ୍:** ଚିକିଟି ତହସିଲ ତଥା ଚିକିଟି ବ୍ଲକ ଗାଦପୁର ପଞ୍ଚାୟତ ଅନ୍ତର୍ଗତ ବାତରଡ଼ାପଲ୍ଲୀ ଗ୍ରାମ ଠାରୁ ୫ଶହ ମିଟର ଦୂରରେ ଥିବା ପାହାଡ଼ ପାଦଦେଶରେ ବଜ୍ରପାତ ହେବାରୁ ଗାଦପୁର ପଞ୍ଚାୟତ ହରିପୁର ଗ୍ରାମର ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଗେଳି ଚରାଇବା ପାଇଁ ଯାଇଥିବା ବେଳେ ମଧାହ୍ନରେ ଗୋଟିଏ ଗଛ ମୂଳେ ଠେଙ୍ଗା ଧରି ଖାଇବା ପାଇଁ ବସିବା ସମୟରେ କାଳ ବୈଶାଖୀର କରାଳ ଛାୟାରେ ଜଣେ ଯୁବକ ସମେତ ତିନିଜଣ ବନ୍ଧୁ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ଉକ୍ତ ଗ୍ରାମର ଶିବ ପାଇକ(୪୮)ଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିଟି ବ୍ଲକ ଗାଦପୁର ପଞ୍ଚାୟତ ଲେଲେଗଡ଼ ଗ୍ରାମର ବିଜୟ ଗୌଡ଼ ଓ ବାତରଡ଼ା ଗ୍ରାମର ଗଣପତି ନାଇକ ସହ ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ ଖଇରପଙ୍କ ଗ୍ରାମର ଡ଼ିଲି କନ୍ୟାରୀ ଗୁରୁତର ଆହାତ ହୋଇଛନ୍ତି । ପ୍ରଥମେ ଆହାତ ମାନଙ୍କୁ ୧୦୮ ଯୋଗେ ବମକେଇ ଓ ପରେ ଦିଗପହଣ୍ଡି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଘଟଣା ସ୍ଥଳରେ ପ୍ରଶାସନ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଚିକିତ୍ସାରେ ସହଯୋଗ କରିଥିଲେ ।

# ମହିଳାଙ୍କଠୁ ଅଳଙ୍କାର ଲୁଟ୍ ଅଭିଯୋଗ

**ବୁଗୁଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ନିକଟରେ ପ୍ରାତଃଭ୍ରମଣରେ ଯାଇଥିବା ଜନୈକା ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଲୁଟ୍‌ର ଶିକାର ହୋଇଥିବା ମହିଳା ଜଣକ ହେଲେ ସ୍ଥାନୀୟ ଶକ୍ତିନଗର ନିବାସୀ ଅଭିମନ୍ୟୁ ସାହୁଙ୍କ ପତ୍ନୀ ସୁକାନ୍ତି ସାହୁ । ପ୍ରକାଶ ଯେ, ଆଜି ଭୋର ୫ଟା ସମୟରେ ସୁକାନ୍ତି ସାହିର ଅନ୍ୟ ତିନି ଜଣ ମହିଳାଙ୍କ ସହ ମିଶି ପ୍ରାତଃଭ୍ରମଣରେ ଯାଇଥିଲେ । ସହର ଉପକଣ୍ଠସ୍ଥ ସ୍ୱାଗତ ତୋରଣ ପରେ ତିନି ଜଣ ମହିଳା ଏକ କଲଭର୍ଟଠାରେ ବିଶ୍ରାମ ନେଉଥିଲେ ଓ ସୁକାନ୍ତି ଆଉ ଅଳ୍ପ ଦୂର ଆଗକୁ ଯାଉଥିଲେ । ଏହି ସମୟରେ ବାଇକ୍‌ରେ ଦୁଇ ଜଣ ଆସି ତାଙ୍କ ପାଖରେ ଅଟକିଲେ । ଜଣେ ବାଇକରୁ ଓହ୍ଲାଇ ପଛପଟୁ ମାଆ-ମାଆ ବୋଲି ଡାକିଲା । ସୁକାନ୍ତି ଯେତେବେଳେ ପଛକୁ ବୁଲିଲେ ସେତେବେଳେ ଦୁର୍ବୃତ୍ତ ଜଣକ ସେ ପିନ୍ଧିଥିବା ଦଶ ଭରି ଓଜନର ସୁନା ଚେନ୍ ଓ ତିନି ଭରି ଓଜନର ମଙ୍ଗଳସୂତ୍ରକୁ ଛିଣ୍ଡାଇ ବାଇକ୍‌ରେ ଖୋଳମାଲି ଅଭିମୁଖେ ଦ୍ରୁତଗତିରେ ଚାଲିଯାଇଥିଲେ । ଏନେଇ ଥାନାରେ ଅଭିଯୋଗ କ୍ରମେ ପୁଲିସ କେସ୍ ନଂ ୩୫୩/୨୫ରେ ଏକ ମାମଲା ରୁଜୁ କରି ଆଖପାଖରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ଏହି ଘଟଣା ପରେ ପ୍ରାତଃଭ୍ରମଣକାରୀଙ୍କ ଛାତିରେ ଛନକା ପଶିଥିବା ବେଳେ ପୁଲିସ୍ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ



**ଫୁଲବାଣୀ, ୩୦।୫/ଏନ୍‌ଏନ୍‌ଏସ୍:** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କନ୍ଧମାଳ ଜିଲ୍ଲା ଶାଖା ତରଫରୁ ଆଜି ରାଜ୍ୟ ଜୋନାଲ ସମ୍ପାଦକ ବିଭୂତିଭୂଷଣ ନାୟକଙ୍କ ନେତୃତ୍ୱରେ ନୂତନ ଭାବରେ କନ୍ଧମାଳରେ ଜିଲ୍ଲା ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିବା ରାଜେଶ୍ କୁମାର ସ୍ୱାଇଁ ଓ ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଜିଲ୍ଲା ଶିକ୍ଷକ ସହିତ ବିଭିନ୍ନ ବ୍ଲକ୍ ବ୍ଲକ୍ ପ୍ରତିନିଧିମାନେ ଯୋଗଦେଇ ଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଜିଲ୍ଲାର ପ୍ରାଥମିକ ଶିକ୍ଷାର ସଫଳ ରୂପାୟନ ପାଇଁ ଆଲୋଚନା ହୋଇଥିଲା । ତା ସହିତ ଆଜି ଲାଗିଥିବା ପରେନ୍ଟ୍ ଲୋବ୍ଲିକ୍ ସରକାରଙ୍କ ନୀତି ନିୟମ ବିଷୟରେ ସର୍ମ୍ପକ ସହିତ କିଛି ବ୍ଲକରେ ଶିକ୍ଷକ ଶିକ୍ଷୟିତ୍ରୀ ଗତ ଏପ୍ରିଲ ମାସର ଦରମା ପାଇନାହାନ୍ତି । ତେଣୁ କନ୍ଧମାଳ ଜିଲ୍ଲାରେ ଯେମିତି ଗୋଟିଏ ତାରିଖରେ ସମସ୍ତ ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଦରମା ପାଇବେ ସେଥିପାଇଁ ସୁବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା । ତା' ସହିତ ଅବସରପ୍ରାପ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବକେୟା ରହିଥିବା ପ୍ରାପ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବାକୁ ଆଲୋଚନା ହୋଇଥିଲା ।

# ଜବରଦଖଲକାରୀଙ୍କ କବ୍‌ଜାରେ ସେବା ସମବାୟ ସମିତିର ଜାଗା

**ଆସିକା,୨୯।୫/ଏନ୍‌ଏନ୍‌ଏସ୍:** କୃଷିର ବିକାଶ ଓ କୃଷକର ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବା ଲାଗି ରାଜ୍ୟ ସରକାର ସମବାୟ ବିଭାଗ ଜରିଆରେ ବହୁ ଜନହିତକର ସରକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦିଗରେ ସେବା ସମବାୟ ସମିତି ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସିକା ସମବାୟ କେନ୍ଦ୍ରବ୍ୟାଙ୍କ ଅଧିନସ୍ଥ ସହରାଞ୍ଚଳ ଅଧିନରେ ଥିବା ସେବା ସମବାୟ ସମିତି ଗୁଡ଼ିକ ସରକାର କାର୍ଯ୍ୟକାରୀ କରୁଥିବା ଚାଷୀ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ଦିଗରେ ଅହରହ ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି । ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ସଦର ଶାଖା ଅଧିନସ୍ଥ କାଳୀକଣ୍ଠପୁର, ଗହଣ୍ଡ୍, ଧନିଯା, ନୁଆଗାଁ ସେବା ସମବାୟ ସମିତିର କୋଟି କୋଟି ଟଙ୍କାର ମୂଲ୍ୟବାନ ନିଜସ୍ୱ ଜାଗା ବିଗତ କିଛି ବର୍ଷ ମଧ୍ୟରେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଥିଲେ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାରୁ ପ୍ରାଥମିକ ସେବା ସମବାୟ ସମିତିର ନିଜସ୍ୱ ଜାଗାକୁ ଉଦ୍ଧାର କରିବା ଦିଗରେ ସମବାୟ ବିଭାଗର ନୀରବତାକୁ ନେଇ ସମବାୟ ପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଗୋଟିଏ ପଟେ ପ୍ରାଥମିକ ସେବା ସମବାୟ ସମିତିର ନିଜସ୍ୱ ଜାଗା ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଥିବା ବେଳେ ଅନ୍ୟପଟେ କେତେକ ପ୍ରାଥମିକ ସେବା ସମବାୟ ସମିତି ଭଡା ଘରେ ପରିଚାଳିତ ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଶାସନ ତଥା ସମବାୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ଜବରଦଖଲକାରୀଙ୍କ କବ୍‌ଜାରୁ ସେବା ସମବାୟ ସମିତି ଗୁଡ଼ିକର ମୂଲ୍ୟବାନ୍ ନିଜସ୍ୱ ଜାଗାକୁ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

# ଜିଲ୍ଲାରେ ଗୁଟ୍‌ଖା ବନ୍ଦ ଆଇନ୍ ଧର୍ମଙ୍କୁ ଆଖିଠାର



**ଆସିକା,୩୦।୫/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ । ତମାଖୁର ଭୟାବହତାକୁ ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଉଛି । ଚଳିତବର୍ଷ ତମାଖୁଜନିତ ହୃଦ୍‌ରୋଗ ସମ୍ବନ୍ଧରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହା ସତ୍ତ୍ୱେ ମଧ୍ୟ ତମାଖୁ କିମ୍ବା ତମାଖୁଜନିତ ଦ୍ରବ୍ୟର ବିକ୍ରୀ ଓ କ୍ରୟ ନିୟନ୍ତ୍ରଣ ହୋଇପାରି ନାହିଁ । ୨୦୧୩ ମସିହା ଠାରୁ ଗୁଟ୍‌ଖାକୁ ନିଷିଦ୍ଧ ଘୋଷଣା କରାଯାଇଛି । ଏହା ଭିତରେ ୧୨ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ସଂପୂର୍ଣ୍ଣ ଭାବେ ଗୁଟ୍‌ଖା ବନ୍ଦ ହୋଇପାରି ନାହିଁ । ନିଷିଦ୍ଧ ଘୋଷଣା ହେବାର କିଛିଦିନ ପର୍ଯ୍ୟନ୍ତ ଲୁଚାଛପାରେ ଏହାର ବିକ୍ରୀ ହେଉଥିଲା ବେଳେ ଏବେ ଖୁଲମ୍‌ଖୁଲା ଭାବେ ଗୁଟ୍‌ଖା ବିକ୍ରୀ ହେଉଛି । ବିଦ୍ୟାଳୟ ଠାରୁ ଆରମ୍ଭ କରି ହସ୍ପିଟାଲ୍ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଗୁଟ୍‌ଖା ମାଳ ଝୁଲୁଥିବା ଦେଖିବାକୁ ମିଳୁଛି । କୋଟ୍‌ପା ଆଇନ୍‌ର ଧାରା ୬ରେ ବିଦ୍ୟାଳୟ ଠାରୁ ୧୦୦ ମିଟର ଦୂରରେ ତମାଖୁ ବିକ୍ରୀ ହେବାକୁ ନେଇ ବାରଣ କରାଯାଇଛି । ମାତ୍ର ଏହାକୁ ସମସ୍ତେ ଭୁଲି ଯାଉଛନ୍ତି । ପ୍ରଶାସନ ପକ୍ଷରୁ ତମାଖୁ ବିକ୍ରୀ ଉପରେ ଧରପଗଡ ଠିକ୍ ଭାବେ ହେଉନଥିବାରୁ ଏହାର ବିକ୍ରୀ ଦିନକୁ ଦିନ ବଢିବାରେ ଚାଲିଛି । ଗୁଟ୍‌ଖା ନିଷିଦ୍ଧ ଘୋଷଣା ହୋଇଥିଲେ ମଧ୍ୟ ଏହାର ବହୁଳ ବିକ୍ରୀ ଚାଲିଛି । ରାଜ୍ୟରେ କୋଟ୍‌ପା ଆଇନ ସହ କେନ୍ଦ୍ର ଖାଦ୍ୟ ସୁରକ୍ଷା ଓ ମାନବ ପ୍ରାଧିକରଣ ଆଇନ ବା ଏଫ୍‌ଏସ୍‌ଏସ୍‌ଏଆଇ କାର୍ଯ୍ୟକାରୀ ହେଉଛି । ଏଫ୍‌ଏସ୍‌ଏସ୍‌ଏଆଇ ଆଇନ୍‌ରେ ଜର୍ଦା ଓ ଖଇନି ଆସୁନଥିବାରୁ ଖାଦ୍ୟ ସୁରକ୍ଷା ପକ୍ଷରୁ ଏହାର ବିକ୍ରୀ ଉପରେ କଟକଣା ଜାରି କରିବା ସମ୍ଭବ ହେଉନାହିଁ । ଗତ ୨୦୧୩ ମସିହାରୁ ରାଜ୍ୟ ସରକାର ତମାଖୁ ନିଷେଧ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତମାଖୁ ପ୍ରସ୍ତୁତି ସହ କିଣାବିକା ଉପରେ ମଧ୍ୟ କଟକଣା ଜାରି ହୋଇଛି କିନ୍ତୁ ପ୍ରଶାସନର ଏଥିପ୍ରତି ଆନ୍ତରିକତା ନଥିବା ସ୍ପଷ୍ଟ ବାରି ହୋଇପଡୁଛି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା କେତେକ ପାନପୁଡିଆ ଦୋକାନରେ ବିନା ଦ୍ୱିଧାରେ ଗୁଟ୍‌ଖା ବିକ୍ରୀ ଚାଲିଛି । ଯେଉଁଠି ଦେଖିବ ମାଳମାଳ ଗୁଟ୍‌ଖା ପାଉଚ୍ ଦେଖିବାକୁ ମିଳୁଛି । ନା ହେଉଛି ଧରପଗଡ ନା ହେଉଛି କାର୍ଯ୍ୟାନୁଷ୍ଠାନ । ପାନ, ବିଡି, ଗୁଟ୍‌ଖା ଓ ସିଗାରେଟ୍ ଭଳି ତମାଖୁ ସେବନକାରୀ ନିଜ ଅଭ୍ୟାସ ଛାଡି ପାରୁନାହାନ୍ତି । ତମାଖୁ ସେବନ ଦ୍ୱାରା ନିଜର ମୂଲ୍ୟବାନ ଜୀବନ ବିପଦ ଆଡକୁ ଚାଲି ଯାଉଥିବା ଜାଣିଥିଲେ ମଧ୍ୟ ଅଭ୍ୟାସରେ ପରିବର୍ତ୍ତନ ଆଣିପାରୁ ନାହାନ୍ତି । ଫଳରେ ତମାଖୁ ସେବନକାରୀ କ୍ୟାନ୍‌ସର୍ ଭଳି ରୋଗରେ ପୀଡିତ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଦୋକାନ ବଜାରରେ ଖୁଲା ମେଲାରେ ତମାଖୁ ଦ୍ରବ୍ୟ ବିକ୍ରୀ ହେଉଛି । ଜଣେ ତମାଖୁ ସେବନ କରିବା ଦ୍ୱାରା ତାର ମାନସିକତା ଗଭୀର ଭାବେ ପ୍ରଭାବିତ ହୋଇଥାଏ । ଅଭ୍ୟାସ ହୋଇଗଲା ପରେ ଏହାକୁ ଛାଡିବା କଷ୍ଟକର ହୋଇପଡେ । କେବଳ ଦୃଢ ମନୋବଳ ଓ ଇଚ୍ଛାଶକ୍ତି ଦ୍ୱାରା ହିଁ ଜଣେ ତମାଖୁ ଠାରୁ ଦୂରେଇ ରହିପାରିବ । ଏଥିପାଇଁ ତାର ପରିବାରର ସହଯୋଗ ସହ ଉପଯୁକ୍ତ ପରାମର୍ଶଦାତାର ଆବଶ୍ୟକତା ମଧ୍ୟ ରହିଛି ବୋଲି ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା ପ୍ରକାଶ କରିଛନ୍ତି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ତମାଖୁ ସେବନକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତମାଖୁ ବର୍ଜନ ଦିବସରେ ତମାଖୁ ଦ୍ରବ୍ୟ ତ୍ୟାଗ କରିବା ଲାଗି ଶପଥ ନେବାକୁ ସାଧାରଣରେ ଦୃଢମତ ପ୍ରକାଶ ପାଉଛି ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ଟିବି ଟିମ୍ ସଦସ୍ୟ



**ଛତ୍ରପୁର,୩୦।୫/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀଙ୍କ ଆୟୁଷ୍ମାନ ଭାରତ ଜରିଆରେ ଆୟୋଜିତ ୧୦୦ ଦିନିଆ ଯକ୍ଷ୍ମା ଶିବିରର ସୁନ୍ଦର ପ୍ରଚାର ପ୍ରସାର ଓ କାର୍ଯ୍ୟ ଶୈଳୀକୁ ଅନୁଧ୍ୟାନ କରିବାକୁ ମୁନିଶିପେଣ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର ପରିର୍ଶଦନ କରିଥିଲେ ରାଜ୍ୟ ଟିବି ଟିମ୍ ସଦସ୍ୟ । ରାଜ୍ୟ ଟିବି ସେଲର ଯକ୍ଷ୍ମା ଅଧିକାରୀ ଡ଼ା. ଚିତ୍ତ ବାରିକ, ଅଧିକ୍ଷକ(ରାଜ୍ୟ ଟି.ବି ସେଲ, ଏସ.ସି.ବି ମେଡିକାଲ କଲେଜ), ଏସ୍‌ସିବି ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ଆସୋସିଆଟ ପ୍ରଫେସର ଡା. ପରେଶନାଥ ମହାନ୍ତି ପରିଦର୍ଶନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଡା ସ୍ୱାଧୀନ ରଥ ଛତ୍ରପୁର ବ୍ଲକକୁ ଟିବି ମୁକ୍ତ କରିବା ଅଭିଯାନରେ ଯାହା ଯାହା କାର୍ଯ୍ୟକ୍ରମ କରାଯାଇଥିଲା ତାହା ଟିମ୍ ସମ୍ମୁଖରେ ଉପସ୍ଥାପନ କରିଥିଲେ । ବୈଠକରେ ଜିଲ୍ଲା ଟିବି ସେଲର ଡ଼ା ଗିତିମୟ ପଟ୍ଟନାୟକ, ସୁଧୀରକାନ୍ତ ବେହେରା, ମୁନିଶିପେଣ୍ଟ ଟିବି ସୁପରଭାଇଜର ପ୍ରଭାତ ସାହୁ, ବିପିଏମ୍ ସିମାଞ୍ଚଳ ପ୍ରଧାନ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପାଗଳ କୁକୁର କାମୁଡ଼ାରେ ବହୁ ବ୍ୟକ୍ତି ଆହତ

# ପଦକ୍ଷେପ ନେଉନି ବନ ବିଭାଗ, ବଢୁଛି ଅସନ୍ତୋଷ



**ବ୍ରହ୍ମପୁର,୩୦।୫/ଏନ୍‌ଏନ୍‌ଏସ୍:** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାତୁଳି ଗ୍ରାମ ଓ ଏହାର ଅଞ୍ଚଳରେ ପାଗଳ କୁକୁରଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । ଗତ କିଛିଦିନ ଧରି ପାଗଳ କୁକୁର କାମୁଡ଼ାରେ ବହୁ ବ୍ୟକ୍ତି ଆହତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି । ବନ ବିଭାଗ କିମ୍ବା ସ୍ଥାନୀୟ ଏ ଦିଗରେ ପଦକ୍ଷେପ ନେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ବଢୁଛି ଅସନ୍ତୋଷ ।

ଅଞ୍ଚଳରେ ପାଗଳ କୁକୁର କିଛି ଦିନ ହେଲା ଗଳିକନ୍ଦିରେ ବୁଲୁଛନ୍ତି । କାମ ଅନ୍ୱେଷଣରେ ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା ମହିଳା ମାନଙ୍କୁ କାମୁଡିବା ଫଳରେ ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ସାତୁଳି ଗ୍ରାମର ମହାଦେଇ ଜେନା, ମନ୍ଦ ଜେନା, ପାଟପୁର ଗ୍ରାମର ଜାନକୀ ପଲାଇ, ଖଣ୍ଡଦେଉଳିର ଜଣେ, ବିରୁଳିଗଡ଼ର ଜଣେ ଆହତ ହୋଇଛନ୍ତି । ପାଗଳ କୁକୁର ଗାଈଗୋରୁଙ୍କୁ ମଧ୍ୟ ଛାଡୁନି । ଅଞ୍ଚଳର ୪ଟି ଗାଈ ଓ ୫ଟି ପୋଷା କୁକୁରକୁ କାମୁଡି ଆହତ କରିଥିବା ଜଣାପଡ଼ିଛି । ପାଗଳା କୁକୁରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏନେଇ ଅଞ୍ଚଳବାସୀ ସ୍ଥାନୀୟ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି ।

କିନ୍ତୁ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ପାଗଳ କୁକୁର ନିର୍ବିଘ୍ନରେ ବିଚରଣ କରୁଛି । କୁକୁର ଉପଦ୍ରବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷ ଦେଖାଦେଇଛି । ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରାସ୍ତା ରୋକ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଷ ପିଇ ଜଣେ ମୃତ

**ବୁଗୁଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ମାନସିକ ଅଶାନ୍ତି ଯୋଗୁଁ ଜଣେ ବ୍ୟକ୍ତି ବିଷ ପିଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ କଣଛାଇ ଗ୍ରାମର ମହେଶ୍ୱର ବାଡତ୍ୟା(୫୫) । ପ୍ରକାଶ ଯେ ହାତୀପାଦପଲ୍ଲୀ ଗାଁରେ ଶାଶୂଙ୍କ ଦ୍ୱାଦଶାହ କାର୍ଯ୍ୟରେ ଯୋଗଦେଇ ମହେଶ୍ୱର ନିଜ ଘରକୁ ଆସିଥିଲେ । ସେଠାରେ ସେ ବିଷ ଖାଇ ଦେଇ ବାନ୍ତି କରିଥିଲେ । ପାଖ ପଡୋଶୀ ତାଙ୍କର ସମ୍ପର୍କୀୟମାନେ ଏହା ଦେଖି ଗ୍ୟାଷ୍ଟିକ୍ ରୋଗ ଯୋଗୁଁ ବାନ୍ତି ହେଉଛି ବୋଲି ଭାବିଥିଲେ । ସନ୍ଧ୍ୟାବେଳେ ହାତୀପାଦପଲ୍ଲୀ ଗାଁରେ ଥିବା ପରିବାର ଲୋକେ କଣଛାଇକୁ ଫେରି ମହେଶ୍ୱରଙ୍କଠାରୁ ବିଷ ଖାଇଦେଇଥିବା ଘଟଣା ସମ୍ପର୍କରେ ଜାଣିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ପ୍ରାଥମିକ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । ତେବେ ୧୦୮ ଆମ୍ବୁଲାନ୍ସ ଆସି ପହଞ୍ଚିବା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା ।

# ଏସିଡ୍ ମାଡ଼ ଘଟଣାରେ ଅଭିଯୁକ୍ତଙ୍କୁ ୧୨ ବର୍ଷ ଜେଲ୍

**କନ୍ଧମାଳ,ଫୁଲବାଣୀ,୩୦।୫/ଏନ୍‌ଏନ୍‌ଏସ୍:** ଏକ ଏସିଡ ଆକ୍ରମଣ ମାମଲାର ଶୁଣାଣି କରି ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଭିଯୁକ୍ତକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏଥି ସହିତ ଦୋଷୀକୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୬ ମାସ ଜେଲ ଭୋଗିବାକୁ ହେବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଟାଉନ ଥାନା ଅନ୍ତର୍ଗତ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦) । ଘଟଣା ଅନୁଯାୟୀ ୨୦୨୩ ଡିସେମ୍ବର ୨୮ ତାରିଖରେ ଫୁଲବାଣୀ ସାହିର ସୁରଜ କୁମାର ମହାନ୍ତି ସ୍ଥାନୀୟ ଶଶି ପାନ ଦୋକାନ ଛକ ଠାରେ ଠିଆ ହୋଇଥିବା ବେଳେ ଆସାମୀ ପ୍ରମୋଦ ତାଙ୍କ ଉପରକୁ ଏସିଡ ଫିଙ୍ଗିଥିଲା । ଏ ଖବର ପାଇ ସୁରଜଙ୍କ ବାପା କୃଷ୍ଣଚନ୍ଦ୍ର ମହାନ୍ତି ଘଟଣା ସ୍ଥଳରେ ପହଁଚିବାରୁ ଅଭିଯୁକ୍ତ ତାଙ୍କ ଉପରକୁ ମଧ୍ୟ ଏସିଡ ମାଡ କରିଥିଲା । ଏସିଡ ମାଡ଼ରେ ଗୁରୁତର ବାପା ଓ ପୁଅଙ୍କୁ ସ୍ଥାନୀୟ ଲୋକେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ଅଭିଯୁକ୍ତକୁ କାବୁ କରି ପୁଲିସ ଜିମା ଦେଇଥିଲେ । ଟାଉନ ପୁଲିସ ଏହି ଘଟଣାରେ ୩୨୯/୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଆଜି ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରିତିଶ କୁମାର ରାଉତରାୟ ୧୭ ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶିବପ୍ରସାଦ ତ୍ରିପାଠୀ ପରିଚାଳନା କରୁଥିଲେ ।

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ

**କୁକୁଡାଖଣ୍ଡି,୩୦।୫/ଏନ୍‌ଏନ୍‌ଏସ୍:** କୁକୁଡାଖଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ବ୍ଲକ ପରିସରସ୍ଥ ରାଜୀବ ଗାନ୍ଧୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନ ଓ ଜନପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ସଭାରେ ବହୁ ରାଜନେତା, ଜନସାଧାରଣ ପ୍ରମୁଖ ଯୋଗଦେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । କୁକୁଡାଖଣ୍ଡି ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ରଙ୍କ ନେତୃତ୍ୱରେ ପାଳିତ ଉତ୍ସବରେ ଏହା ତିଥି ଅନୁଯାଇ ପାଳନ ହୋଇଥିବା ବେଳେ ପୁନଃ ତୀରଧାନ ଦିବସ ଆଗାମୀ ଜୁନ ୮ରେ ପାଳନ କରାଯିବ ବୋଲି ତାଙ୍କ ନିକଟତମ ବନ୍ଧୁ ମଣିବାବୁ ଏବଂ ଶିବରାମ ପାତ୍ର କହିଛନ୍ତି । ସ୍ୱର୍ଗତ ଶ୍ରୀ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ବହୁ ଜନ ପ୍ରତିନିଧି ଓ ସ୍ୱର୍ଗତ ପାତ୍ରଙ୍କ ସହଯୋଗୀ ଏବଂ ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ସ୍ୱର୍ଗତ ଶ୍ରୀ ପାତ୍ରଙ୍କ କାର୍ଯ୍ୟଦକ୍ଷତା ଏବଂ ତାଙ୍କ କାର୍ଯ୍ୟକାଳ ସମୟରେ ବ୍ଲକରେ ହୋଇଥିବା ବହୁବିଧ ଉନ୍ନତି ସମ୍ପର୍କରେ କହିଥିଲେ । ସ୍ୱର୍ଗତ ଶ୍ରୀ ପାତ୍ରଙ୍କ ଅମରଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । କୁକୁଡାଖଣ୍ଡି ବିଡ଼ିଓ ପଲ୍ଲବୀ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ,ସରପଞ୍ଚ ସଙ୍ଘ ସଭାପତି ବୈଶିଷ୍ଟ୍ୟ ଜେନା, ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ପାତ୍ର, ମିଟୁ ବିଶ୍ୱାଳ, ସନ୍ତୋଷ ଚୌଧୁରୀ, ବିଜେଡି ବ୍ଲକ ସଭାପତି ସୀତାରାମ ସାହୁ, କୈଳାଶ ବିଷୋୟୀ, ରାଧାମୋହନ ସେଠି, ଅନିଲ ଗୌଡ଼, କାମେଶ୍ୱର ବିଶ୍ୱାଳ, ଚିତ୍ରସେନ ବିଷୋୟୀଙ୍କ ସମେତ ବହୁ ଜନପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ, ସାମ୍ବାଦିକ ଏମ୍‌ବିକେ, ସିଆର୍‌ପି ପ୍ରମୁଖ ଉପସ୍ଥିତ ଥିଲେ ।

# ଲୁହା ଦୋକାନୀଙ୍କ ଘରେ କଳା କନା ବୁଲାଇଲେ ଚୋର

**କନ୍ଧମାଳ, ଫୁଲବାଣୀ, ୩୦।୫/ଏନ୍‌ଏନ୍‌ଏସ୍:** ତୁମୁଡ଼ିବନ୍ଧ ଜଗନ୍ନାଥ ବଜାରସ୍ଥିତ ପ୍ରମୁଖ ଲୁହା ଦୋକାନୀ ସିମାଞ୍ଚଳ ଦାସଙ୍କ ଘରେ ଲକ୍ଷାଧିକ ଟଙ୍କାର ସୁନଗହଣା ଏବଂ ନଗଦ ୩୨ ହଜାର ଟଙ୍କା ଲୁଟ କରି କଳା କନା ବୁଲାଇଛନ୍ତି ଚୋର । ଦୀର୍ଘ ଦିନ ବ୍ୟବଧାନ ପରେ ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ପୁଣି ଏକ ଚୋରି କରି ନିଜ ଉପସ୍ଥିତି ଜାହିର କରିଛନ୍ତି ଚୋର । ପୂର୍ବରୁ ଏକାଧିକ ଚୋରି ଘଟଣାରେ ସଂପକ୍ତଥିବା ପ୍ରାୟ ସମସ୍ତ ଚୋର ଜେଲ୍‌ରେ ଥିବା ବେଳେ ଏକ ନୂଆ ଚୋର ଦଳ ହଇଚଇ ସୃଷ୍ଟି କରିଛନ୍ତି । ତେବେ ଏହି ଚୋରି ଘଟଣାର ଏତଲା ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳ ପରିଦର୍ଶନ କରି ଏକାଧିକ ବ୍ୟକ୍ତି ଏଥିରେ ସଂପୃକ୍ତ ଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରିଥିବା କହିଛି । ପ୍ରକାଶ ଯେ ଗତ ୨୧ ତାରିଖ ଦିନ ସାବିତ୍ରୀ ଅମାବାସ୍ୟା ପାଳନ କରିବା ନିମନ୍ତେ ସୀମାଞ୍ଚଳ ଦାସଙ୍କ ପରିବାର ସମୂହ ବ୍ରହ୍ମପୁର ଯାଇଥିଲେ । ୩୦ ତାରିଖ ଦିନ ଭୋର ୪ ଟାରେ ଆସି ଘରେ ପହଞ୍ଚି ଦେଖିଲା ବେଳେ ସବୁ ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ଦେଖି ଭାଳେଣି ପଡ଼ିଥିଲା ପରିବାରରେ । ତେବେ ଇତି ମଧ୍ୟରେ ଲଘୁଚାପ ଜନିତ ବର୍ଷା ଏବଂ ବିଦ୍ୟୁତ୍ କାଟର ସୁଯୋଗ ନେଇ କେଉଁଦିନ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ହେଲେ ସୀମାଞ୍ଚଳ ଦାସଙ୍କ



ସାନଭାଇ ଜୟକୃଷ୍ଣ ଦାସ ମଧ୍ୟ ନିଜ ଘର ମରାମତି କରୁଥିବାରୁ ସମସ୍ତ ସୁନାଗହଣା ଆଣି ବଡ଼ଭାଇ ଘରେ ରଖିଥିଲେ । ଉଭୟଙ୍କର ସୁନାଗହଣା ଏବଂ ନଗଦ ଟଙ୍କା ଚୋରି ହୋଇଯାଇଛି । ଥାନାରେ ହୋଇଥିବା ଅଭିଯୋଗ ମୁତାବକ ସୀମାଞ୍ଚାଳ ଦାସଙ୍କର ସୁନା ହାର ଗୋଟିଏ , କାନ ଫୁଲ ହଳେ, ହାତ ମୁଦି ୫ଟି, ହୀରା ମୁଦି ଗୋଟିଏ, ରୁପା ଚେନ ଗୋଟିଏ, ରୁପା କଏନ୍ ୧୦ ଟି, ରୁପା ଫରୁଆ ୨ ଟି ଏବଂ ଜୟକୃଷ୍ଣ ଦାସଙ୍କର ୧୭ ଗ୍ରାମ ଓଜନର ସୁନା ହାର ଗୋଟିଏ, ହାତ ମୁଦି ୮ ଟି, କାନ ଫୁଲ ହଳେ ଏବଂ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ଖୁଚୁରା ଗେଣ୍ଟୁ ଟଙ୍କା ୩୨ ହଜାର ସବୁ ଚୋରି ହୋଇଯାଇଛି । ଏ ସଂକ୍ରାନ୍ତରେ ସୀମାଞ୍ଚଳ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ପୋଲିସ୍ ତଦନ୍ତ ଜାରୀ ରଖିଥିବା କହିଛନ୍ତି ।

## ୪୫ ବର୍ଷର ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ

# ଯୁକ୍ତ ତିନିରେ ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଖୋଲିବାକୁ ଦାବି




**ଆସିକା,୩୦।୫/ଏନ୍‌ଏନ୍‌ଏସ୍:** ଉଚ୍ଚଶିକ୍ଷାର ବିକାଶ ଲାଗି ଆସିକା ଏନ୍‌ଏସି ଅଞ୍ଚଳରେ ସ୍ଥାପିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟକୁ ୪୫ ବର୍ଷ ପୁରିଛି । ଯୁକ୍ତ ତିନି ବିଭାଗରେ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଏବଂ ଯୁକ୍ତ ଦୁଇ ବିଭାଗରେ ବାଣିଜ୍ୟ ପାଠ୍ୟକ୍ରମ ଖୋଲିବା ଦିଗରେ ଶିକ୍ଷାବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଯୋଗୁଁ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏ ସଂପର୍କରେ ଖବର ନେବାରେ ଜଣାଯାଏ ନାରୀଶିକ୍ଷାର ବିକାଶ ଲାଗି ୧୯୮୦ ମସିହା ସେପ୍ଟେମ୍ବର ମାସ ୬ତାରିଖରେ ସ୍ଥାପିତ ହୋଇଥିବା ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟକୁ ୧୯୯୩ ମସିହା ଫେବୃଆରୀ ମାସ ୧ ତାରିଖରେ ରାଜ୍ୟ ସରକାର ନିଜ ଅଧିନକୁ ନେଇଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଶିକ୍ଷାନୁଷ୍ଠାନରେ ଯୁକ୍ତତିନି ପାଠ୍ୟକ୍ରମରେ ବିଜ୍ଞାନ ଓ ବାଣିଜ୍ୟ ବିଷୟ ଏବଂ ଯୁକ୍ତଦୁଇ ପାଠ୍ୟକ୍ରମରେ ବାଣିଜ୍ୟ ବିଷୟ ବିଭାଗ ଖୋଲୁନଥିବାରୁ ଆଗ୍ରହୀ ଛାତ୍ରୀମାନେ ନାମଲେଖାରୁ ବଞ୍ଚିତ ହେଉଛନ୍ତି । ଶିକ୍ଷା ବିଭାଗ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଆସିକା ସରକାରୀ ନିରଞ୍ଜନ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧିକାଂଶ ପାଠ୍ୟକ୍ରମରେ ସ୍ଥାୟୀ ଅଧ୍ୟାପକ ପଦବୀ ଖାଲି ପଡିଛି । ଅତିଥି ଅଧ୍ୟାପକ ମାନଙ୍କୁ କେତେକ ବିଷୟରେ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ କରାଯାଉଛି । ପରୀକ୍ଷା ଫଳ ସନ୍ତୋଷଜନକ ହେଉନଥିବା ସାଧାରଣରେ ଆଲୋଚିତ ହେଉଛି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ନାମରେ ଏହି ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଥିଲା । ଏହି ମହାବିଦ୍ୟାଳୟ ନାକ୍ ମାନ୍ୟତାରୁ ବଞ୍ଚିତ ହୋଇଥିଲା ବେଳେ ଯୁକ୍ତତିନି କଳା ପାଠ୍ୟକ୍ରମରେ ଅର୍ଥଶାସ୍ତ୍ର, ଶିକ୍ଷା, ଗୃହବିଜ୍ଞାନ, ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଓଡିଆ, ଇଂରାଜୀ, ସମାଜ ବିଜ୍ଞାନ, ତର୍କଶାସ୍ତ୍ର, ମନସ୍ତତ୍ତ୍ୱବିଜ୍ଞାନ ଆଦି ୧୧ଟି ବିଷୟରେ ସମ୍ମାନ (ଅନର୍ସ) ଶିକ୍ଷାଦାନ ଦିଆଯାଉଛି । ଜିଲ୍ଲା ପ୍ରଶାସନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଖାଲି ପଡିଥିବା ସ୍ଥାୟୀ ଅଧ୍ୟାପକ ପଦବୀ ପୂରଣ, ଯୁକ୍ତ ତିନି ପାଠ୍ୟକ୍ରମରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଏବଂ ଯୁକ୍ତଦୁଇ ପାଠ୍ୟକ୍ରମରେ ବାଣିଜ୍ୟ ବିଭାଗ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

**ନିତି ଭାରତୀ** | ବନ୍ଧୁତ୍ୱ ହେଉଛି ନିଃସ୍ୱାର୍ଥପର ପ୍ରେମ, ଯତ୍ନ, ସମ୍ମାନ ପ୍ରଦର୍ଶନ ତଥା ଆଦର; ଏହା ଏକ ଲାଭଦାୟକ ସୁଯୋଗ ନୁହେଁ। - **ସନ୍ତୋଷ କାଲୱାର୍**

NITIDIN
ନିତିଦିନ
ଶନିବାର, ୩୧ ମେ, ୨୦୨୫

# ମନକୁ ଶାନ୍ତ ରଖିବାର ଉପାୟ: ଗୀତାରୁ ଶିକ୍ଷା

ଏଗାର ଗୋଟି ଇନ୍ଦ୍ରିୟ କହିଲେ ଆମେ ସାଧାରଣତଃ ପାଞ୍ଚ କର୍ମେନ୍ଦ୍ରିୟ, ପାଞ୍ଚ ଜ୍ଞାନେନ୍ଦ୍ରିୟ ଏବଂ ମନକୁ ବୁଝିଥାଉ। ଅର୍ଥାତ୍ ମନ ଏକ ଇନ୍ଦ୍ରିୟ ଭାବରେ ଗଣା, ହେଲେ ଏହାର ଅବସ୍ଥିତି ବିଷୟରେ କ'ଣ ଆମମାନଙ୍କର ଅବବୋଧ ? ଏହା କ'ଣ ଆମର ଖପୁରି ଭିତରେ ଥିବା ମସ୍ତିଷ୍କ ? ମସ୍ତିଷ୍କ ଏକ ସ୍ଥୁଳ ଅଙ୍ଗ; ମାତ୍ର ଏହାର ସୂକ୍ଷ୍ମ ସ୍ତରଟିକୁ କୁହାଯାଏ ମନ। ମନ ହେଉଛି ବ୍ୟକ୍ତିର ସେହି ସୂକ୍ଷ୍ମ ପ୍ରକରଣ, ଯାହା ତାକୁ ଚିନ୍ତା କରିବା, ଅନୁଭବ କରିବା, ଧାରଣା ସୃଷ୍ଟି କରିବା, ସ୍ମୃତି ବହନ କରିବା ପରି କାମ କରାଏ। ଅନ୍ୟ ଇନ୍ଦ୍ରିୟମାନେ ଦୃଶ୍ୟମାନ ହୋଇଥିବା ବେଳେ ମନ ହେଉଛି ଅଦୃଶ୍ୟ। ଆଧୁନିକ ପ୍ରେକ୍ଷାପଟରେ କୁହାଯାଇ ପାରିବ, ଅନ୍ୟ ସବୁ ଇନ୍ଦ୍ରିୟ ହାର୍ଡୱେର ଭଳି କାମ କଲା ବେଳେ ସବୁର ମୂଳ ସଫ୍ଟୱେର ହେଉଛି ମନ। ମନର ଇଚ୍ଛାରେ ଅନ୍ୟସବୁ ଇନ୍ଦ୍ରିୟ କାର୍ଯ୍ୟ କରନ୍ତି।

ଆପଣ ଯଦି ବାଲ୍ୟକାଳରେ ପଢ଼ିଥିବା ପାଠକୁ ମନେ



**ନିରଞ୍ଜନ ସାହୁ**

ପକେଇବେ, ତାହା ଏମିତି- କେମିତି ମଶାଟିଏ କାମୁଡ଼ିଲେ ଆମେ ଜାଣିପାରୁ। ମଶା ଶରୀରର କୌଣସି ଅଂଶରେ କାମୁଡ଼ିବା ମାତ୍ରେ ଆମର ସ୍ନାୟୁମାନେ ତୁରନ୍ତ ସେଇ ଖବର ମସ୍ତିଷ୍କ ନିକଟରେ ପହଞ୍ଚେଇ ଦିଅନ୍ତି ଏବଂ ସଙ୍ଗେ ସଙ୍ଗେ ମସ୍ତିଷ୍କରୁ ଆଦେଶ ପାଇ ହାତ କାମୁଡ଼ା ସ୍ଥାନରେ ପହଞ୍ଚି ଯାଇ ମଶାକୁ ଚାପୁଡ଼ାଟିଏ ମାରେ। ମଶାର ଭାଗ୍ୟ ଥିଲେ ଖସିଯାଏ କିମ୍ବା ମୃତ୍ୟୁମୁଖରେ ପଡ଼େ। କେବଳ ଆମର ଶରୀର ଉପରେ କେହି ଆକ୍ରମଣ କରିବା ପରେ ମନର କ୍ରିୟା ଆରମ୍ଭ ହୁଏ, ତାହା ନୁହେଁ- ଏଇ ଜାଗାରେ ମଶା ଥାଇ ପାରନ୍ତି, ତେଣୁ ସମୟ ସୁବିଧା ଥିଲେ ମଶାରୀ ବ୍ୟବହାର ପାଇଁ ଯିଏ ପ୍ରବର୍ତ୍ତାଏ ବା ଆଗତୁରା ସତର୍କତା ବ୍ୟବସ୍ଥା କରେ, ସେ ବି ସେଇ ମନ। ତା'ର ଚିନ୍ତା କରିବାର ଶକ୍ତି ମଣିଷ ପାଖରେ ଅଧିକ। ପଶୁପକ୍ଷୀ ବା ଇତର ପ୍ରାଣୀଙ୍କଠାରେ ମନ ବୋଲି କୌଣସି ଚିଜ ନାହିଁ, ଏମନ୍ତ କୁହାଯାଇ ପାରିବ ନାହିଁ। ସେମାନେ ମଧ ପ୍ରତିକ୍ରିୟା ସୃଷ୍ଟି କରନ୍ତି ଏବଂ ସ୍ମୃତି ଶକ୍ତି ବହନ କରନ୍ତି, ମାତ୍ର ତାହା ଅପେକ୍ଷାକୃତ କମ୍ ଉନ୍ନତ। ମଣିଷର ମନ ସବୁଠାରୁ ବେଶି ସକ୍ରିୟ, କ୍ରିୟାଶୀଳ ଏବଂ ତା'ର ବୁଦ୍ଧି ବା ଜ୍ଞାନ ସବୁ ସେଇ ମନରୁ ଉଦ୍ଭବ।

ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- 'ମନଃ ଏବଂ ମନୁଷ୍ୟାଣାଂ କାରଣଂ ବଂଧ ମୋକ୍ଷୟୋ', ଅର୍ଥାତ୍ ମଣିଷମାନଙ୍କର ମନ ସେମାନଙ୍କୁ ବନ୍ଧନ ଭିତରେ ରଖିପାରେ କିମ୍ବା ମୋକ୍ଷ ଆଡ଼କୁ ନେଇଯାଇ ପାରେ। କଥାରେ କୁହାଯାଏ, 'ଯାହାର ମନ ଯେଡ଼େ, ତା'ର ପ୍ରଭୁ ତେଡ଼େ', ଅର୍ଥାତ୍ କାହାରି ମନକୁ ଯଦିଓ ପଢ଼ିହୁଏ ନାହିଁ, ମାତ୍ର ତା'ର କାର୍ଯ୍ୟରୁ ତା'ର ମନରେ କ'ଣ ସବୁ ଚାଲିଛି, ଜାଣିହୁଏ। ମନସ୍ତତ୍ତ୍ୱ ଏକ ବିକଶିତ ବିଜ୍ଞାନ, ଯାହାର ଅଧ୍ୟୟନ ଆଧୁନିକ ଯୁଗକୁ ବହୁ ବଳିଷ୍ଠ ତତ୍ତ୍ୱ ପ୍ରଦାନ କରିଛି ଏବଂ ବହୁ ଦୁରାରୋଗ୍ୟ ମାନସିକ ରୋଗର ନିଦାନ ମଧ କରାଯାଇ ପାରିଛି।

ଗୀତାର ଷଷ୍ଠ ଅଧ୍ୟାୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଯେଉଁ ପ୍ରଶ୍ନ ପଚାରି ଥିଲେ, ତାହା ଆଜି ବି ପ୍ରତ୍ୟେକ ମଣିଷ କେବେ ନା କେବେ ପଚାରେ। ସେଇ ଅଧ୍ୟାୟର ଚଉତିରିଶ ନମ୍ବର ଶ୍ଳୋକଟି ଏହିପରି- 'ଚଞ୍ଚଳଂ ହିଁ ମନଂ କୃଷ୍ଣଂ ପ୍ରମାଥି ବଳବଦ୍ଦୃଢ଼ମ୍/ ତସ୍ୟାଂହଂ ନିଗ୍ରହଂ ମନ୍ୟେ ବାୟୁରିବ ସୁଦୁଷ୍କରମ୍। ଆମକୁ କେହି ଗୁରୁଜନ ଯେମିତି ପରାମର୍ଶ ଦିଅନ୍ତି ବାବା, 'ମନକୁ ଶାନ୍ତ ରଖ', ଠିକ୍ ସେମିତି କିଛି କଥା ଶ୍ରୀକୃଷ୍ଣଙ୍କଠାରୁ ଶୁଣିଲା ପରେ ଆବେଗ. ଉଦ୍‌ବେଗରେ ଏଇ କଥା କହିଛନ୍ତି ଅର୍ଜୁନ- 'ହେ କୃଷ୍ଣ, ମନ ହେଉଛି ଅତିଶୟ ଚଞ୍ଚଳ; ବେଗବାନ୍, ପ୍ରଭଞ୍ଜନଠାରୁ ବି ଅଧିକ ଗତିଶୀଳ। ଏଇ ମୁହୂର୍ତ୍ତରେ ଏଇଠି ଅଛି ତ ଚାହିଁଲେ ଆଖି ପିଛୁଳାକେ ସାରା ବ୍ରହ୍ମାଣ୍ଡ ବୁଲି ପୁଣି ଏଇଠି ପହଞ୍ଚି ଯାଇ ପାରିବ- ଏମିତି ବଳବାନ ମନକୁ କିପରି ନିୟନ୍ତ୍ରଣ କରିବା, କେମିତି ନିଜ ଅଧୀନରେ ରଖିବା, ମୁଁ ଭାବି ପାରୁନାହିଁ।'

ଅର୍ଜୁନଙ୍କର ଅସହାୟତା ଦେଖି ଶ୍ରୀକୃଷ୍ଣ ଯାହା ଉତ୍ତର ଦେଇଛନ୍ତି, ତାହା ଯୁଗେ ଯୁଗେ ଅବିସ୍ମରଣୀୟ ହୋଇ ରହିଛି। ପରବର୍ତ୍ତୀ ଶ୍ଳୋକ ହିଁ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର- 'ଅସଂଶୟ ମହାବାହୁ ମନୋଦୁର୍ନିଗ୍ରହଂ ଚଳଂ/ ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ।' ଅର୍ଥାତ୍ ମନକୁ ବଶ କରିବାର ଦୁଇଟି ଉପାୟ ରହିଛି- ଗୋଟିଏ ହେଲା ଅଭ୍ୟାସ ଏବଂ ଆଉ ଗୋଟିଏ ହେଲା ବୈରାଗ୍ୟ। ବାରମ୍ବାର ଚିନ୍ତା ଏକ ଦୁଃସ୍ୱପ୍ନ ସୃଷ୍ଟି କରେ। ତେଣୁ ଚିନ୍ତାରେ ମନ ନ ଦେଇ ମନକୁ କାମରେ ନିୟୋଜିତ କଲେ ମନ ସେଇଥିରେ ବ୍ୟସ୍ତ ରହେ। କାମରେ ବାରମ୍ବାର ନିୟୋଜିତ ରହିବାର ପ୍ରକ୍ରିୟା ହେଉଛି ଅଭ୍ୟାସ। ଏଇ ଅଭ୍ୟାସ ଫଳରେ ମନ




ନିୟନ୍ତ୍ରିତ ହୁଏ। ତେଣୁ ଆଳସ୍ୟ, ନିଦ୍ରା ବା ଚିନ୍ତା ସାଗରରେ ନିଜକୁ ଛାଡ଼ି ନ ଦେଇ କର୍ମରେ ନିରନ୍ତର ଲିପ୍ତ ହେବାକୁ ଭଗବାନ ପରାମର୍ଶ ଦେଇଛନ୍ତି। ମନରେ କ'ଣ ଚିନ୍ତା ଆସୁଛି, ତାକୁ ଲକ୍ଷ୍ୟ ରଖିବାକୁ ହେବ ଏବଂ ଧ୍ୟାନ ମାଧ୍ୟମରେ ତାହା ନିୟନ୍ତ୍ରିତ ହେବ। ଧ୍ୟାନ କେବଳ ପ୍ରାର୍ଥନା ବା ଚକ୍ଷୁ ମୁଦ୍ରିତ କରିବାର ପ୍ରକ୍ରିୟା ନୁହେଁ, ନିଜର କର୍ମରେ ନିଜକୁ କେନ୍ଦ୍ରୀଭୂତ ରଖିବା। ଏହା ହିଁ ଅଭ୍ୟାସ କର୍ମ, ଯେଉଁ କଥା ଶ୍ରୀଭଗବାନ ସୂଚେଇ ଦେଇଛନ୍ତି।

ଆମେ ଯେଉଁ କାମ କରନ୍ତି, ସେଇ କାମର କର୍ତ୍ତା ବୋଲି ଆମ ଭିତରେ ହୃଦ୍‌ବୋଧ ହୁଏ। ତେବେ ବାସ୍ତବରେ କର୍ମ କରିବାରେ ଆମର ଅଧିକାର ଅଛି, ମାତ୍ର କର୍ମ ଫଳରେ ଆମର ଅଧିକାର ନାହିଁ। ଏଇ ଧାରଣା ନ ଥିବାରୁ ଆମେ କର୍ମରେ ବାନ୍ଧି ହୋଇ ଯାଆନ୍ତି ଏବଂ ଅନେକ ସମୟରେ କର୍ମଫଳ ଆଶାନୁରୂପ ନ ହେବାରୁ ଆମେ ଦୁଃଖରେ ଘାଣ୍ଟି ହେଉ। ତେଣୁ ଭଗବାନଙ୍କର ପରାମର୍ଶ ହେଲା, ନିଜକୁ ବନ୍ଧନରେ ନ ରଖି ଏକ ବୈରାଗ୍ୟ ଭାବରେ ଲକ୍ଷ୍ୟ କର। ମୋ ଦ୍ୱାରା କର୍ମ କରାଯାଉଛି, ମାତ୍ର ମୁଁ ଏହାର ଅଧୀଶ୍ୱର ନୁହେଁ। ଏହାର ଫଳ ଭଗବାନଙ୍କ ଇଚ୍ଛାମତେ ଫଳିବ। ଫଳର ସମୟ ମଧ ତାଙ୍କ ଦ୍ୱାରା ନିର୍ଦ୍ଧାରିତ। ଏଇ ଅବବୋଧ ଆସିଲେ ଆମେ ମନର ଅଧୀନ ହେବା ନାହିଁ। ସେଇ ବୈରାଗ୍ୟ ଭାବନା ହେଲା କୌଣସି ଜିନିଷ ଦୁନିଆରେ ଚିରନ୍ତନ ନୁହେଁ।

ଥରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ପଚାରିଲେ- କହିଲ ଦେଖି, ଏମିତି ପଦଟିଏ ଯାହା ଦୁଃଖ ଆଉ ସୁଖ ଯେ କୌଣସି ସମୟରେ ମନେ ପକାଇଲେ ବି ଭଲ ଲାଗିବ ? ତା'ର ଉତ୍ତର ଅର୍ଜୁନ କହି ନ ପାରିବାରୁ ନିଜେ ଶ୍ରୀକୃଷ୍ଣ ହିଁ ତା'ର ଉତ୍ତର ରଖିଲେ। ସେଇଟି ହେଲା- 'ଏ ସମୟ ଚାଲିଯିବ'। ଦୁଃଖ ବେଳେ ଏଇ କଥା ପଦକ ମନେ ପକେଇଲେ ମନରେ ସାହସ ଆସିବ ଏବଂ ସୁଖ ବେଳେ ମନେ ପକେଇଲେ ଅହଂକାର ଆସିବ ନାହିଁ। ତେଣୁ ବୈରାଗ୍ୟ ଭାବ ନିଜ ଭିତରେ ସଂରଚନା କଲେ ମଣିଷ ମନ କବଳରେ ପଡ଼େ ନାହିଁ। ଅର୍ଥାତ୍, ସେ ଈର୍ଷା, ଅସୂୟା, ଅହଂକାର, ପରଶ୍ରୀକାତରତା ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ।

ବେଦରେ ମନକୁ ନିୟନ୍ତ୍ରଣ କରିବାର ବିଭିନ୍ନ ଉପାୟ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ସେଗୁଡ଼ିକ ସଂକ୍ଷିପ୍ତ ଭାବରେ ହେଲା- ଧ୍ୟାନ, ପ୍ରାଣାୟାମ, ଅଭ୍ୟାସ, ମନ୍ତ୍ର ଉଚ୍ଚାରଣ, ଶୃଙ୍ଖଳିତ ଖାଦ୍ୟ ଗ୍ରହଣ ତଥା ଜୀବନ ଚର୍ଚ୍ଚା, ସ୍ୱାଧ୍ୟାୟ, ସତ୍‌ସଙ୍ଗ ଏବଂ ବୈରାଗ୍ୟ। ଏ ବିସ୍ତୃତ ବ୍ୟାଖ୍ୟାନକୁ ଯୁଦ୍ଧଭୂମିରେ ଅବତାରଣା କରିବା ତ ସମ୍ଭବ ହୋଇ ନଥାନ୍ତା, ତାକୁ ସଂକ୍ଷିପ୍ତ ଭାବରେ କହି ଶ୍ରୀକୃଷ୍ଣ ଜଣେଇ ଦେଲେ ଯେ ଅଭ୍ୟାସ ଓ ବୈରାଗ୍ୟ ମାଧ୍ୟମରେ ମନକୁ ନିୟନ୍ତ୍ରିତ କରି ଶାନ୍ତ ଓ ସମାହିତ କରାଯାଇ ପାରେ।

ଗୀତାରେ ଦ୍ୱାଦଶ ଅଧ୍ୟାୟରେ ଭଗବାନ ମଧ କହିଛନ୍ତି ଭକ୍ତମାନଙ୍କର ବିଭିନ୍ନ ଲକ୍ଷଣ ସମ୍ପର୍କରେ। ତନ୍ମଧ୍ୟରୁ ପଞ୍ଚଦଶ ଶ୍ଳୋକରେ ଯାହା କହିଛନ୍ତି, ତାହାର ମର୍ମାର୍ଥ ହେଲା- ଯିଏ ଅନ୍ୟଠାରେ ଉଦ୍‌ବେଗ ସୃଷ୍ଟି କରନ୍ତି ନାହିଁ ବା ନିଜେ ଉତ୍ତେଜନାର ବଶବର୍ତ୍ତୀ ହୁଅନ୍ତି ନାହିଁ; ଯିଏ ହର୍ଷ, ଦ୍ୱେଷ, ଭୟ ଓ ଆକୁଳତାର ଊର୍ଦ୍ଧ୍ୱରେ, ସେଇ ଭକ୍ତ ତାଙ୍କର ଅତ୍ୟନ୍ତ ପ୍ରିୟ। କହିବା ବାହୁଲ୍ୟ, ଯିଏ ମନକୁ ନିୟନ୍ତ୍ରିତ କରିଛନ୍ତି, ସେ ହିଁ ଭଗବାନଙ୍କର ପ୍ରିୟ। ମନ ଶାନ୍ତ ରହିଲେ ସକଳ କାମ ହୁଏ ସାର୍ଥକ ଓ ପରିପୂର୍ଣ୍ଣ। ●

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)**
**ମୋ: ୯୪୩୮୪୮୨୯୧୧**

# ଉଦୟ ସୂର୍ଯ୍ୟ

ଯଦିଓ ବିଜ୍ଞାନ ମତରେ ସୂର୍ଯ୍ୟର ଉଦୟ ନାହିଁ କି ଅସ୍ତ ନାହିଁ, ତଥାପି ପୃଥିବୀର ଘୂର୍ଣ୍ଣନ ଓ ସୂର୍ଯ୍ୟଙ୍କର ପରିଚଳନ ଅବସ୍ଥାରୁ ସେହି ବିଜ୍ଞାନ ତଥ୍ୟ ଅନୁସାରେ ଏକ ଆଲୋକ ଓ ଅନ୍ଧାରର ବାସ୍ତବତା ନିତ୍ୟ ସତ୍ୟ ଓ ପ୍ରଥା ପରମ୍ପରା ପ୍ରଚଳିତ ଜନ ସମାଜରେ। ଉଦୟ ସୂର୍ଯ୍ୟ କହିଲେ ପ୍ରତୀତ ହୁଏ ସୂର୍ଯ୍ୟ ପ୍ରବେଶିବା ଓ ପତିତ ହେଉଥାଏ ରଶ୍ମୀ। ସ୍ଥୁଳ ଦୃଷ୍ଟିକୋଣରୁ ଆମେ ଦେଖି ପାରୁଥିବା ସ୍ଥଳଭାଗ ବା ସମତଳ ଭୂଇଁର ପୂର୍ବ ଦିଗରୁ ଦିଶେ ବାଳ ସୂର୍ଯ୍ୟର ସୁନ୍ଦର ରୂପ। ଦିଗ ମଧ ଆମ ଇଲାକାକୁ ଚିହ୍ନଟ କରୁଥିବା ସାଙ୍କେତିକ ପ୍ରାଚୀର, ଯାହାକି ସାରା ପୃଥିବୀ ପାଇଁ ସଠିକ୍ ନୁହେଁ। ସେ ଯାହାହେଉ, ଏକ ନିର୍ଦ୍ଦିଷ୍ଟ ଦିଗରୁ ଉତ୍‌ଥାନ ଓ ଏକ ବିପରୀତ ଦିଗରେ ପତନ ହିଁ ବ୍ୟବହାରିକ ପ୍ରକ୍ରିୟା ସୂର୍ଯ୍ୟର।



**ବିଜୟ ଦାସ**

ଖଣ୍ଡ ପୃଥିବୀର ଉଦୟ ସୂର୍ଯ୍ୟ ଏକ ସୁକୋମଳ, ସୁନ୍ଦର ଓ ସୁଖଦ ଆଶାର ବର୍ତ୍ତିକା! ଶକ୍ତି ଆହରଣର ଝରଣା ସ୍ରୋତ। ସମସ୍ତ ଜୀବ ଜଗତର ଭରସା। ଏଣୁ ଆମେ ପ୍ରଣାମ କରୁ, ସ୍ୱାଗତ କରୁ ଓ ପ୍ରାର୍ଥନା କରୁ ଯେ ଦିବସଟି ମଙ୍ଗଳମୟ ହେଉ। ପ୍ରମାଣ ପାଇଲେ ବିଶ୍ୱାସ କରିବା ପରି, ଅନ୍ଧକାରକୁ ନାଶ କରିଛି ସକାଳର ସୂର୍ଯ୍ୟ ବୋଲି ସଭିଏଁ ପ୍ରମାଣ ପାଇଲେ ଓ ବିଶ୍ୱାସ କଲେ। ତମସା ବା ତିମିର, ଯାହା ଅନ୍ଧକାରର ମାୟା ଦେବୀ, ତାକୁ ପ୍ରତିହତ କରିବାକୁ ସକ୍ଷମ ବୋଲି ଉଦୟ ସୂର୍ଯ୍ୟ ଏକ ପୂଜିତ ଦେବତା। ଏହା ଏକ ଭେଳିକି ନୁହେଁ, ବରଂ ଶତପ୍ରତିଶତ ସୁବର୍ଣ୍ଣ ପିଣ୍ଡୁଳା। ଏକ ଜନ୍ମର ପ୍ରତୀକ ଓ ଜୀବନର ପୁନର୍ଜନ୍ମ, ସତ୍ୟତାର ସଙ୍କେତ ଦିଏ। ସିନ୍ଦୁରା କାଳ ଯଦି ଶୈଶବ ତ ସାୟଂକାଳ ହିଁ ବୃଦ୍ଧାବସ୍ଥା। ଉଷା, ସିନ୍ଦୁରା ଫାଟିବା ସକାଳ ନିଶ୍ଚେ। ପରିଷ୍କାର, ପରିଚ୍ଛନ୍ନ, ନିର୍ମଳ ଓ ସରଳତାର ପ୍ରତୀକ, ଯାହା ଉଦୟ ସୂର୍ଯ୍ୟର ସୃଷ୍ଟି। ଅତଃ ସାରା ସଂସାରକୁ ଆଲୋକିତ କରିବାର ପ୍ରତିବଦ୍ଧତା।

ପ୍ରତ୍ୟେକ ମଣିଷ ତ ଜନ୍ମରେ ଜୀବନ ଆକାଶର ଉଦିତ ସୂର୍ଯ୍ୟ! ଏହାର ଅର୍ଥ, ନିଜେ ଜଳି ଜଳି ସଂସାରକୁ, ସମାଜକୁ ଆଲୋକ ଦେବା, ଅନେକ କିଛି ଜୀବନରେ ବଞ୍ଚିବାର ରାହା ଦେଖାଇବା ଓ ପ୍ରଭାବ ବିସ୍ତାର କରିବା। କିନ୍ତୁ ଏପରି କାହିଁକି ହୁଏ ଯେ ସିଂହଭାଗ ମାନବ ସମାଜ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଏ ? ମାୟା କୁହୁଡ଼ିରେ ନିଜକୁ ହଜେଇ ଦିଏ ? ମାୟାର ରାହୁ ଗ୍ରାସରୁ ନିଜକୁ ମୁକୁଳେଇବାକୁ ଚେଷ୍ଟା ନକରି ନିଜେ ରାହୁ ସାଜେ ? ଏହାର ପ୍ରକୃତ କାରଣ ଆମେ ସକାଳକୁ, ଉଦୟ ସୂର୍ଯ୍ୟକୁ ନିରୀକ୍ଷଣ କରି ପାରୁନା। ଭୋର ବେଳାର ଉତିଷ୍ଠ ସୂର୍ଯ୍ୟକୁ ଦେଖି କିଛି ଶିଖିବାକୁ ଚେଷ୍ଟା କରୁନା। ନିଦ୍ରା କବଳରୁ ନିଜକୁ ମୁକ୍ତ କରି ମୁକ୍ତ ଆକାଶର ପକ୍ଷୀମାନଙ୍କର ମେଲା ପକ୍ଷର ଉଡ୍ଡୟନରୁ ଚଳଚଞ୍ଚଳ ଜୀବନକୁ ଆବିଷ୍କାର କରି ପାରୁନା।

ଉଦୟ ସୂର୍ଯ୍ୟ କେବଳ ଜୀବନ ସଂଚାରର ଉଦାହରଣ ନୁହେଁ, ବରଂ ଊର୍ଦ୍ଧ୍ୱ ଗମନ ପ୍ରୟାସର ପ୍ରେରଣା ଓ ପ୍ରମାଣ। ପୁଣି କିଛି ଭଲ, କିଛି ମନ୍ଦର ପୃଥିବୀରୁ କେବଳ ଉତ୍ତମ ନିର୍ମଳ ଜଳ ଆହରଣ କରିବାରେ କର୍ମ ଭିତରେ ପୁଣ୍ୟ ସାଇଁଟିବାର ଉଦାହରଣ ଦିଏ। ବାର୍ତ୍ତା ଦିଏ ପୁଣି ଅନ୍ଧାର ପରି ଅଧର୍ମକୁ ଚିରି ଆଲୋକର ଧର୍ମ ସ୍ଥାପନାର। ଉଦୟ ସୂର୍ଯ୍ୟ ଉର୍ଜାର ପ୍ରତୀକ, ପୁଣି ରଙ୍ଗ ବୈଭବର ସମଷ୍ଟି। ତା'ର ଶୁଭ୍ର ରଶ୍ମୀ ଭିତରେ ସାତ ରଙ୍ଗ ସମାହିତ, ଯାହା କେବେ ଇନ୍ଦ୍ରଧନୁରେ ପ୍ରତିଭାତ। ଯେତେ ଯେତେ ରଙ୍ଗ ସମ୍ଭାର ଏ ମାଟି ଉପରେ ଦେଖୁ, ତା'ର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ।




ମୁଁ ଉଦିତ ସୂର୍ଯ୍ୟ ପରି ହେବି- କଳଙ୍କଶୂନ୍ୟ, ଆଳସ୍ୟ ରହିତ ଏବଂ କର୍ମତତ୍ପର। ମୁଁ ଉଦୟ ସୂର୍ଯ୍ୟ ପରି ସାରା ଆକାଶ ପରିଭ୍ରମଣ କରିବି ଓ ଭରସାର ବାର୍ତ୍ତା ବାଣ୍ଟିବି। ମୁଁ ସକାଳ ସୂର୍ଯ୍ୟର କଅଁଳ ଖରା ପରି ନିଜର ପ୍ରଜ୍ଞା ବିତରଣ କରିବି ଓ ସୂର୍ଯ୍ୟ ବଂଶର ଦାୟାଦ ହେବି। ଏସବୁ ଏକ ପ୍ରତୀକାତ୍ମକ ପୁସ୍ତକର ପୃଷ୍ଠାସବୁ। ସାମୟିକ ଭାବେ ମେଘମାଳା କିମ୍ବା ରାହୁଛାୟା ମୋର ପ୍ରକାଶର ଗତିରୋଧ କରିପାରେ, ମାତ୍ର ମୁଁ ବିଚଳିତ ନୁହେଁ। ଏସବୁ ଅଳୀକ ଓ କେଇ କ୍ଷଣର ଦୁର୍ଘଟଣା। ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି- ନିଜେ ଉଦୟ ସୂର୍ଯ୍ୟର ଅଭିବ୍ୟକ୍ତି। ପୁଣି କେହି ଯଦି ସାଥୀରେ ନାହିଁ, ତେବେ ଏକଲା ଚାଲରେ...। କିଏ ସାଥୀରେ ଥାଉ ବା ନଥାଉ, ଚାଲିବା ବନ୍ଦ କରନାହିଁ। ଏହା ପୁଣି ଉଦୟ ସୂର୍ଯ୍ୟର ମାର୍ମିକ ଅଭିବ୍ୟକ୍ତି।

କଅଁଳ ଖରାର ତାତି ହେଲା ଚନ୍ଦନ ବୋଳା ଶୀତଳତାର ସ୍ପର୍ଶ। ସକାଳର ଚେତନା ସାରା ଦିବସ ପାଇଁ ପ୍ରେରଣା। ପକ୍ଷୀମାନଙ୍କର କୂଜନ, କାକଳି ଓ କଳରବ ସୁନ୍ଦର ଆବହ ସଂଗୀତ, ଗୋଟିଏ ଦିନର ଜୀବନ ନାଟକ ପାଇଁ। ମନ୍ଦିରର 'ଘଣ୍ଟି' ପୁଣି ଉଦୟ ସୂର୍ଯ୍ୟର ଆବାହନ ସଂଗୀତ। କାର୍ଯ୍ୟର ଶୁଭାରମ୍ଭ ଓ ବାଛୁରୀର ହମ୍ବା ରଡ଼ିରେ ସମ୍ପର୍କର ଦରୋଟି କଥା। ସ୍ନାନର ମାହେନ୍ଦ୍ର ବେଳା ଓ ସବୁକିଛି ପରିଷ୍କାର ଦୃଶ୍ୟମାନ ହେବାର ସମୟ। କୁହୁଡ଼ି ଛିଡ଼େଇବାର ପ୍ରଥମ ପ୍ରୟାସ ତ କାକରକୁ ହୀରା ସଦୃଶ ପ୍ରତିରାତ କରିବାର ନିଆରା ମାନସିକତା ଏହି ଉଦୟ ସୂର୍ଯ୍ୟର। ଆମକୁ ସନ୍ଦେଶ- ଆଳସ୍ୟ କୁହୁଡ଼ି ଛିଡ଼ାଅ ଓ ଶୂନ୍ୟକୁ ପୂର୍ଣ୍ଣ କରିଦିଅ। ଫୁଲ ପାଖୁଡ଼ାରେ ସକାଳ, ସବୁଜ ପତ୍ରରେ ସକାଳ ଓ କାଚକେନ୍ଦୁ ପାଣିରେ ସକାଳ। ସବୁକିଛି ଉଦୟ ସୂର୍ଯ୍ୟର ପ୍ରକାଶରେ ବିହ୍ୱଳ। ଗୋଟିଏ କଥା- ସବୁଦିନ ସବୁ ମଣିଷ ଏପରି ଉଦୟ ସୂର୍ଯ୍ୟକୁ ଅବଲୋକନ କରନ୍ତୁ। ତା'ହେଲେ ସୂର୍ଯ୍ୟମୟ ହୋଇଯିବ ପୃଥିବୀ।

# ଅସ୍ତରାଗ

ଦୈନନ୍ଦିନ ଜୀବନ ନାଟକରେ ମଧ୍ୟଭାଗ ପରର ଘଟଣା। ଆସ୍ତେ ଆସ୍ତେ ଅସ୍ତରାଗ। ସୂର୍ଯ୍ୟାସ୍ତର ରଙ୍ଗ। ଉଦୟ ସୂର୍ଯ୍ୟର ସିନା କଅଁଳ ସିନ୍ଦୁରା, ହେଲେ ସୂର୍ଯ୍ୟାସ୍ତରେ ବହଳ ସିନ୍ଦୁରା। ସିନ୍ଦୁରା, ଅର୍ଥାତ୍ ଲାଲ୍ ରଙ୍ଗ, ଯାହାକି ଅସ୍ତରାଗରେ ସାଧାରଣତଃ ବ୍ୟବହାର ହୁଏନାହିଁ, ତଥାପି ବିଚ୍ଛୁରଣ ଓ କୋମଳତା ଏକା ପ୍ରକାରର। ଅସ୍ତରାଗ ଅନେକ ଅନୁଭୂତି ଜଡ଼ିତ, ଅଭିଜ୍ଞତାସମ୍ପନ୍ନ ଏବଂ ପାକଳ ହେବାର ସମସ୍ତ ଗୁଣରେ ଭରପୂର। ବୟୋଜ୍ୟେଷ୍ଠ ମଣିଷ ପରି ନିଶ୍ଚୟ କିଛି ବାର୍ତ୍ତା ଦେଇଯାଏ ଦିନାନ୍ତରେ। ଅନ୍ଧାର ଚିରି ସିନା ସୂର୍ଯ୍ୟର ଉଦୟ ହୁଏ, ହେଲେ ଅନ୍ଧାର କବଳିତ ହୋଇ ସୂର୍ଯ୍ୟ ଅସ୍ତ ହୁଏ। ଏହାକୁ ଯଦି ମାନବର ଜୀବନ କାଳ ସହ ତୁଳନା କରିବା, ତା'ହେଲେ କାଳ ଗହ୍ୱରରୁ ଜୀବନର ଉତ୍ପତ୍ତି ଓ କାଳ ଗହ୍ୱରରେ ଜୀବନର ସମାପ୍ତି।

ଆରମ୍ଭରୁ ଶେଷ ପୁଣି ଶେଷରୁ ଆରମ୍ଭ ହିଁ ଜୀବନ ଚକ୍ର। ଏଥକୁ ଦୁଇ ଭାଗରେ ବିଭକ୍ତ ଜୀବନର ଦିନାନ୍ତ ଠିକ୍ ଗୋଟିଏ ଦିନର ସୂର୍ଯ୍ୟ ଚଳନ ପରି। ସକାଳରୁ ମଧ୍ୟାହ୍ନ, ମଧ୍ୟାହ୍ନରୁ ଅପରାହ୍ଣ ଓ ଅପରାହ୍ଣରୁ ସନ୍ଧ୍ୟା ଶୈଶବରୁ ଯୌବନ, ଯୌବନରୁ ପ୍ରୌଢ଼ ଓ ପ୍ରୌଢ଼ ଅବସ୍ଥାରୁ ଶେଷ ଅବସ୍ଥା। ଏହି ପୌଢ଼ ଅବସ୍ଥା ଅପରାହ୍ଣ ପରି, ଯାହାର ଅସ୍ତରାଗ ମଧ ସୁନ୍ଦର, ସୁଦୃଶ୍ୟ ତଥା ସୁମଧୁର ହେବା ଉଚିତ୍। ସଭିଙ୍କୁ ନିଜ ନିଜର କର୍ମ ସାରି ଘର ବାହୁଡ଼ାର ସଙ୍କେତ ଦିଏ ଅସ୍ତରାଗ। ଏହା ହିଁ ତ ଜୀବନଚର୍ଯ୍ୟାର ଧର୍ମ। ଅସ୍ତରାଗ ବାହୁଡ଼େଇ ଆଣେ ପକ୍ଷୀଙ୍କୁ ନିଜ ନୀଡ଼କୁ ତ ସକାଳର ଘଣ୍ଟା ଘଣ୍ଟି ଶବ୍ଦ ପରି ପୁନଃ ନିନାଦିତ ହୁଏ ଶ୍ଳୋକର ସ୍ୱର।

ସମସ୍ୟା ବହୁଳ ରୌଦ୍ରତାପରୁ ଶୀତଳତା ଦିଏ ଅସ୍ତରାଗ। ଅସ୍ତରାଗ ନିଶ୍ଚେ ଗାଈ ଗୋଠ ବାହୁଡ଼ାର ଧୂମାୟିତ ଧୂଳିର ରଙ୍ଗ। ଚାଳ ଉପରୁ ଉଠୁଥିବା ଧୂଆଁର କଳା ରଙ୍ଗ ଏବଂ ବିଶ୍ରାମ ପାଇଁ ରାତିକୁ ଡାକି ଆଣୁଥିବା ଡାହୁକା ବାଦଲ ଉହାଡ଼ୁ ତେରଛା ଚାହାଣୀ ମାରୁଥିବା ସାବଧାନତାର ସଙ୍କେତ। ଅନେକ ହୁଏତ ଅସ୍ତରାଗକୁ ଏତେ ନିରିଖେଇ ଦେଖନ୍ତି ନାହିଁ। ହୁଏତ ଏହା ଆସନ୍ନ ଆମୋଦ ପ୍ରମୋଦର ମୁହୂର୍ତ୍ତ ଭାବି ବା ପ୍ରସ୍ତୁତି ଭାବି। ଅପରନ୍ତୁ, ଏହା ଅସ୍ତ ସୂର୍ଯ୍ୟକୁ ବିଦାୟ ଦେବାର ବେଳ, ପୁନଃ ଜନ୍ମ ଦେବାର ପ୍ରତିଶ୍ରୁତି ପାଇବାର ଜଣାଣ ହେବା ଉଚିତ୍।

ଏହା ସତ୍ୟ ଯେ ଅସ୍ତରାଗ ଏକ ଦୁଃଖଦ ସମୟ ନୁହେଁ। ବରଂ ସାରା ଦିବସ ଉର୍ଜା ଭରି ଦେଇଥିବାରୁ ସୂର୍ଯ୍ୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନର ସମୟ, ଠିକ୍ ଯେପରି ମାନବ ସମାଜରେ ଆମେ ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା ଉଚିତ୍। ତମେ ପର ପିଢ଼ି ପାଇଁ ଅନେକ କଲ, ଏବେ ଟିକେ ଶାନ୍ତିରେ ଶୋଇପଡ଼। ପ୍ରଶାନ୍ତିରେ ବିଶ୍ରାମ କର। ଏହାକୁ କେହି କେହି ମଉଳା ଖରା ବୋଲି କୁହନ୍ତି। ମଧ୍ୟାହ୍ନର ରୌଦ୍ରତାପ ପରେ କ୍ରମଶଃ ତେଜ ହ୍ରାସ ହେଉଥାଏ, ଅର୍ଥାତ୍ ଉଦ୍ଦାମତା ଓ ପରାକ୍ରମ ଶେଷ ହେଲେ ଅସ୍ତରାଗ ଆସେ ବୋଲି ଏକ ସାବଧାନତାର ବାର୍ତ୍ତା। କିନ୍ତୁ ମନେ ରଖିବା ଉଚିତ୍, ଏହି ଦିବସ ବ୍ୟାପି କର୍ମରେ ସମସ୍ତ ଜୀବ ଜଗତ ଭିତରେ ସେ ଉର୍ଜା ଭରି ଦେଇଥାଏ। ଆଲୋକର ବନ୍ୟା ବୁହାଇ ସିକ୍ତ କରିଥାଏ କର୍ମଠ ଜୀବନ ସବୁକୁ। ସିନ୍ଦୁରା ତ ରଙ୍ଗରେ ଲାଲ୍, ପୁଣି ଅସ୍ତରାଗ ବି ରଙ୍ଗରେ ଲାଲ୍। ଶୈଶବର ଲାଲ୍ ରଙ୍ଗ ଆହରଣର ରଙ୍ଗ ହୋଇଥିବା ବେଳେ ବୃଦ୍ଧାବସ୍ଥାର ଲାଲ୍ ରଙ୍ଗ ବିକିରଣର ରଙ୍ଗ। ଏହା ହିଁ ତ ତଫାତ୍ ଉଦୟ ସୂର୍ଯ୍ୟ ଓ ଅସ୍ତ ସୂର୍ଯ୍ୟ ଭିତରେ।

ଏମିତି ଏକ ଧାରଣା ରହିଛି ଯେ ସାଗରରୁ ସୂର୍ଯ୍ୟୋଦୟ ଏବଂ ପର୍ବତରେ ସୂର୍ଯ୍ୟାସ୍ତ। ଯଦିଓ ଏହା ଏକ ଲୋକମତ, ଲୋକାଚାର ଓ ବିଶ୍ୱାସ, ତଥାପି ପର୍ବତରୁ ସାଗର ଓ ସାଗରରୁ ପର୍ବତ ହିଁ କୀବନ ଚକ୍ରର ପ୍ରତିରୂପ। ପ୍ରାରବ୍ଧ କର୍ମ ଓ ପୁନର୍ଜନ୍ମରେ ବିଶ୍ୱାସ କରୁଥିବା ମଣିଷମାନଙ୍କ ପାଇଁ ଏହା ହିଁ ବଳିଷ୍ଠ ଉଦାହରଣ। ଯେପରି ଆକାଶ ହିଁ ସୂର୍ଯ୍ୟଙ୍କର ଗତିପଥ, ସେହିପରି ଧରିତ୍ରୀ ହିଁ ମାନବର ଗତିପଥ। ଆଉ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଉଦାହରଣ ହେଉଛି ସୂର୍ଯ୍ୟ, ଯାହାକି ମାନବ ପାଇଁ ଏକ ମାର୍ଗଦର୍ଶିକା। ସିନ୍ଦୁରାରୁ ଅସ୍ତରାଗ ଭିତରେ ସୌର ରଶ୍ମି ଯାହା ବି କିଛି ଜଳ ଆହରଣ କରେ, ତାକୁ ନିଜ ପାଇଁ ବ୍ୟବହାର ନ କରି ଅଧା ବାଟରେ ମେଘ ତିଆରି କରିଦିଏ ଧରିତ୍ରୀର ଜୀବ ଜଗତ ପାଇଁ। ଏଣୁ ମାନବ ମଧ ଯାହାକିଛି ଉପାର୍ଜନ କରିଛି ବା ଆହରଣ କରିଛି, ସେ ଧନ ହେଉ କି ଜ୍ଞାନ ହେଉ, ସବୁକିଛି ସମାଜ ମଙ୍ଗଳ ପାଇଁ ଦାନ କରିବା ଉଚିତ୍।

ଅସ୍ତରାଗ ଏକ ସମାପ୍ତିର ରଙ୍ଗ ବୋଲି ଲାଗୁଥାଇ ପାରେ, ମାତ୍ର ଏହା ପୁଣି ସମ୍ଭାବନାର ରଙ୍ଗ। ଅସ୍ତରାଗ ଅସ୍ତ ସୂର୍ଯ୍ୟର ଜୀବନଚର୍ଯ୍ୟାର କାହାଣୀ ହୋଇପାରେ, ମାତ୍ର ଏହା ଏକ ଅସମାପ୍ତ ଅଧ୍ୟାୟ। ସୂର୍ଯ୍ୟର ଚେଇଁବା ଓ ଶୋଇବାର ଦୁଇଟି ପର୍ବ। କେବେ ଜହ୍ନର ଆଲୋକ ଭିତରେ ଅସ୍ତରାଗର ଛିଟା ତ ପୁଣି ରାତ୍ରିର ଜ୍ୟୋତିରିଙ୍ଗଣ କି ଅବୟବରେ ସୂର୍ଯ୍ୟର ଆଲୋକ। ଏମିତିରେ ନା ତାରାର ମୃତ୍ୟୁ ଅଛି ନା ସୂର୍ଯ୍ୟର; ନା ଜୀବନର ମୃତ୍ୟୁ ଅଛି ନା ଆତ୍ମାର। ମୃତ୍ୟୁ କେବଳ ଶରୀରର ବା ପାର୍ଥିବ ଶରୀରର। ●

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

# ମଣିପୁରରେ ଶାନ୍ତି

ମଣିପୁରରେ ଏବେ ରାଜନୀତିକ କାର୍ଯ୍ୟକଳାପ ଆରମ୍ଭ ହୋଇ ଯାଇଥିବାର ଖବର ମିଳିଛି। ଇତି ମଧ୍ୟରେ ଦୁଇ ବର୍ଷ ଅତିବାହିତ ହୋଇ ସାରିଲାଣି ଏହି ରାଜ୍ୟ ସର୍ବବୃହତ୍ ତଥା ଭୟାବହ ସାମ୍ପ୍ରଦାୟିକ ସଂଘର୍ଷର ଶିକାର ହେବାକୁ, ଯେଉଁଥିରେ ୨୫୦ରୁ ଅଧିକ ସଂଖ୍ୟକ ଲୋକ ପ୍ରାଣ ହରାଇବା ସହିତ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ତଥାପି ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଅବସ୍ଥାରେ ଏଯାବତ୍ ରହିଛି। ଏଭଳି ଏକ ପ୍ରେକ୍ଷାପଟରେ ବିଜେପି ବିଧାୟକମାନଙ୍କର ଏକ ବର୍ଗ ରାଜ୍ୟରେ ସରକାର ଗଠନ କରିବା ପାଇଁ ରାଜ୍ୟପାଳଙ୍କ ନିକଟରେ ସେମାନଙ୍କର ଦାବି ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ସେମାନେ ରାଜ୍ୟରେ ଗତ ଫେବ୍ରୁଆରୀ ମାସଠାରୁ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନର ଅନ୍ତ ଘଟାଇ ଏକ 'ଲୋକପ୍ରିୟ' ସରକାର ପ୍ରତିଷ୍ଠା କରିବାକୁ କହିଛନ୍ତି। ତେବେ ଏହା କ୍ୱଚିତ୍ ଏକ ଭରସା ସୃଷ୍ଟି କରିବା ଭଳି କଥା, କାରଣ ସେମାନଙ୍କ କଥାରେ ପରିସ୍ଥିତିର ଗମ୍ଭୀରତାକୁ ସମାଧାନ କରିବା ନିମନ୍ତେ କୌଣସି ଉଦ୍ୟମର ଝଲକ ନାହିଁ। ନା ରହିଛି ରାଜ୍ୟକୁ ପଙ୍ଗୁ କରି ଦେଇଥିବା ସମସ୍ୟା ସମୂହର ସମାଧାନର କିଛି ପନ୍ଥା। ବିରୋଧାଭାସର କଥା ହେଉଛି, କେନ୍ଦ୍ର ସରକାର ଏବଂ ଏହାଙ୍କର ବିଶାଳ ଶାସନ କଳର ଏହି ରଜ୍ୟର ଅଧିବାସୀ ସ୍ଥାନୀୟ ସମ୍ପ୍ରଦାୟମାନଙ୍କ ଉପରେ କଦାଚିତ୍ କିଛି ଧାରଣା ରହିଛି। ମଣିପୁରର ଗୋଟିଏ ବର୍ଗର ଲୋକମାନେ ବର୍ତ୍ତମାନ ଆଇନ ଅମାନ୍ୟ ଆନ୍ଦୋଳନରେ ମାତିଛନ୍ତି। ସେମାନେ ଏକ ସରକାରୀ ବସ୍‌ର ଲକ୍ଷ୍ୟସ୍ଥଳୀ ବୋର୍ଡରୁ 'ମଣିପୁର' ଶବ୍ଦ ହଟାଇବାକୁ ନେଇ ଏକ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳର ଆଦେଶ ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି। ଏକ ମୈତେଇ ସଂଗଠନ ମଣିପୁର ଏକତା ସମନ୍ୱୟ କମିଟି (କୋକୋମି)ର ଗୋଟିଏ ବିଦ୍ୟାର୍ଥୀମାନଙ୍କ ଶାଖା ଦ୍ୱାରା ଅନୁପ୍ରେରିତ ହୋଇ ବିକ୍ଷୋଭକାରୀମାନେ ଅର୍ଦ୍ଧସାମରିକ ବାହିନୀର ବରିଷ୍ଠ ସ୍ତରର ଅଧିକାରୀମାନଙ୍କଠାରୁ ମଣିପୁରର ଲୋକମାନେ ପାଉଥିବା ଅସମ୍ବେଦନଶୀଳ ବ୍ୟବହାର ବିରୁଦ୍ଧରେ ପ୍ରତିବାଦ କରିବା ସହିତ ସେମାନଙ୍କର ବରଖାସ୍ତ ଦାବି କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ନିକଟରେ ବିଜେପିର ୧୦ ଜଣ ବିଧାୟକ ରାଜ୍ୟପାଳଙ୍କୁ ଭେଟି ସେମାନଙ୍କ ପଛରେ ଏନ୍‌ଡିଏର ୪୪ ବିଧାୟକଙ୍କ ସମର୍ଥନ ରହିଥିବା ଏବଂ ଲୋକମାନେ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସରକାରକୁ ଚାହୁଁଥିବା ଅବଗତ କରାଇଛନ୍ତି। ସେମାନେ ଆହୁରି ମଧ କହିଛନ୍ତି ଯେ ସେମାନଙ୍କ ଦ୍ୱାରା ଗଠିତ ସରକାର ଯଦି ଲୋକମାନଙ୍କ ଆଶା ପୂରଣ କରିବାରେ ବିଫଳ ହୁଅନ୍ତି, ତା'ହେଲେ ରାଜ୍ୟରେ ପୁଣିଥରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇ ପାରିବ। ସଂଯୋଗବଶତଃ, ମଣିପୁର ବିଧାନସଭା ସମ୍ପ୍ରତି ନିଲମ୍ବିତ ଅବସ୍ଥାରେ ରହିଛି ଏବଂ ରାଷ୍ଟ୍ରପତି ଶାସନର ଚଳିତ ଅବଧି ପୂର୍ଣ୍ଣ ହେବା ପୂର୍ବରୁ ଏହାର ପୁନରୁଦ୍ଧାର କରାଯାଇପାରେ। ବିଧାୟକମାନଙ୍କର ଏହି ଦାବି ଏପ୍ରିଲ ମାସରେ ୨୧ ଜଣ ଏନ୍‌ଡିଏ ବିଧାୟକଙ୍କ ଦ୍ୱାରା ଏକ ମିଳିତ ପତ୍ର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ହୋଇଛି, ଯେଉଁଥିରେ ସମାନ ଧରଣର ଦାବି କରାଯାଇଥିଲା। ମଣିପୁରକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଅଧୀନରେ ରଖାଯାଇ ନ ପାରେ। ରାଜ୍ୟର ନିର୍ବାଚିତ ସରକାରଙ୍କ ପୁନରୁଦ୍ଧାର କରାଯିବାର ଅବଶ୍ୟ ଆବଶ୍ୟକତା ରହିଛି; ଏହା ଲୋକମାନଙ୍କ ଇଚ୍ଛାର ପ୍ରତିଫଳନ। ତେବେ ଏକ 'ଲୋକପ୍ରିୟ' ସରକାର ମଣିପୁର ସମାଜର ପ୍ରତି ବର୍ଗର ଲୋକଙ୍କର ପ୍ରତିନିଧି ହେବା ଉଚିତ ଯେଉଁମାନେ କି ସାମ୍ପ୍ରଦାୟିକ ତ୍ରୁଟିରେଖା ଆଧାରରେ ପରସ୍ପର ସହିତ ସଂଘର୍ଷ କରୁଛନ୍ତି। ଉଲ୍ଲେଖ କରାଯିବା ପ୍ରାସଙ୍ଗିକ ଯେ ବିଧାନସଭାରେ କୁକି-ଜୋ ସମ୍ପ୍ରଦାୟର ନିର୍ବାଚିତ ପ୍ରତିନିଧି ଏମିତିକି ଯେଉଁମାନେ ବିଜେପି ତରଫରୁ ମଧ ନିର୍ବାଚିତ ହୋଇଛନ୍ତି, ସେମାନଙ୍କର ସଦ୍ୟତମ ପଦକ୍ଷେପରେ ଅନୁପସ୍ଥିତିକୁ ନେଇ ସନ୍ଦେହ ଉପୁଜୁଛି। ତେଣୁ ମଣିପୁରରେ ଏକ ସରକାର ପ୍ରତିଷ୍ଠା କରାଯାଇ ରାଜନୀତିକ ଥଇଥାନ ସମ୍ପର୍କରେ ବିଚାର କରାଯିବା ପୂର୍ବରୁ ତୃଣମୂଳ ସ୍ତରରେ ସଂକଟର ଏକ ସମାଧାନ କରାଯିବାର ଆବଶ୍ୟକତାକୁ ଉପସ୍ଥାପନ କରୁଛି।

ଯେ କୌଣସି ଅର୍ଥରେ ବି ହେଉ ନା କାହିଁକି, ଏକ ଲୋକପ୍ରିୟ ସରକାର ଯେ ପର୍ଯ୍ୟନ୍ତ ମଣିପୁରରେ ବିବିଧତାବାଦୀ ମନୋଭାବ ନେଇ ସାମ୍ପ୍ରଦାୟିକ ବିଦ୍ୱେଷକୁ ସମାଧାନ କରିବା ନିମନ୍ତେ ସଂକଟରେ ସମ୍ପୃକ୍ତ ସମସ୍ତ ହିତଧାରକଙ୍କ ସହିତ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରି ନାହାନ୍ତି, ସେ ପର୍ଯ୍ୟନ୍ତ ତାଙ୍କର ସଫଳ ହେବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ତେଣୁ ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ ଏହି ପରାମର୍ଶ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲେ। ଏସବୁ ବାଦ୍ ମଣିପୁରର କୌଶଳପୂର୍ଣ୍ଣ ଅବସ୍ଥିତି ଏଭଳି ପରୀକ୍ଷଣ ପ୍ରତି ମଧ ଅତିରିକ୍ତ ଆହ୍ୱାନମାନ ବହନ କରି ଆଣିଥାଏ। ପଡ଼ୋଶୀ ମିଆଁମାରର ଶାସନ ଅବସ୍ଥା ସାମ୍ପ୍ରତିକ ସମୟରେ ଅତି ଖରାପ ସ୍ତର ଦେଇ ଗତି କରୁଛି; ଏହି ଦେଶର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ। ଏସବୁ ପରିପ୍ରେକ୍ଷୀରେ ପୁଣିଥରେ ହିଂସାର ଉଦ୍‌ଗମ ପୂର୍ବରୁ ଏହି ସମସ୍ୟା ପ୍ରପୀଡ଼ିତ ରାଜ୍ୟରେ ଏକ ବଳିଷ୍ଠ ସରକାର ଶାସନ କରିବାର ଆବଶ୍ୟକତା ରହିଛି। ବିଜେପି ସରକାର ମଣିପୁରକୁ କେଉଁଭଳି ଭାବରେ ପରିଚାଳନା କରୁଛନ୍ତି, ତା' ଉପରେ ନିର୍ଭର କରିବାକୁ ଯାଉଛି ଅନେକ କିଛି। ବର୍ତ୍ତମାନ ସମୟରେ ଏହି ରାଜ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଯାହା ଆବଶ୍ୟକ, ତାହା ହେଉଛି ରାଜ୍ୟବାସୀଙ୍କ ସହିତ କେନ୍ଦ୍ର ସରକାରଙ୍କର ଅନ୍ତରଙ୍ଗ ସବିଶଦ ଆଲୋଚନା। ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା କରିବା ଭଳି ଅସ୍ଥାୟୀ ପ୍ରସ୍ତାବଗୁଡ଼ିକୁ ଏଡ଼ାଇ ଯିବା ବରଂ ଶ୍ରେୟସ୍କର। ପରିବର୍ତ୍ତେ ଏହି ରାଜ୍ୟରେ ରାଜ୍ୟପାଳ ଆରମ୍ଭ କରିଥିବା ପଦକ୍ଷେପକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିକ ବଳିଷ୍ଠ କରାଯିବା ସହିତ ପ୍ରକୃତ ସମସ୍ୟାଗୁଡ଼ିକର ସମାଧାନ କରାଯିବା ଉଚିତ। ●

# ସୁଖ ଦୁଃଖର ଦାତା କିଏ ?

ମଣିଷ ଜୀବନରେ ସୁଖ- ଦୁଃଖ ଛାଇ ପରି ଲାଗିଛନ୍ତି। ଏ କଥାଟି ଆମେ ପୂର୍ବରୁ ଶୁଣି ଆସିଛୁ। କେବେ କେବେ ଅନୁଭବ ମଧ କରିଛୁ। ସୁଖ ଆସିବା ପରେ ଦୁଃଖ ମଧ ଆସିଥାଏ। ତା'ହେଲେ ସେ ସୁଖ- ଦୁଃଖ କିଏ ଦିଏ ? କାହିଁକି ଦିଏ ? ଏ ନେଇ ତର୍ଜମା ଚାଲିଥିବା ବେଳେ ଲୋକ ଜଣକ ନିଜ ଅଭିଜ୍ଞତାରୁ କଥାଟିଏ କହିଲେ।

ସେଦିନ ମୁଁ ବାଇକ୍‌ରେ ଗୋଟିଏ କାମରେ ବାହାରି ଥାଏ। ପକେଟ୍‌ରେ ଅଳ୍ପ କେତେ ଟଙ୍କା ଥିଲା। ସେତିକି ଟଙ୍କା ଭିତରେ ଗାଡ଼ିରେ ତେଲ ପକାଇ, କାମଟି ସାରି ଫେରି ହେବ। କିନ୍ତୁ ଗାଡ଼ି ଖରାପ ହେଲେ ବା ଅନ୍ୟ କିଛି ସମସ୍ୟା ହେଲେ ଅସୁବିଧା ହେବ। କିଛି ବାଟ ଗଲାପରେ ଦେଖିଲି ରଙ୍ଗୀନ୍ କାଗଜଟିଏ ମୋଡ଼ାମୋଡ଼ି ହୋଇ ପଡ଼ିଛି। ଟଙ୍କା ଭଳି ଲାଗୁଥିଲା। କାହାର ପଡ଼ିଯାଇଛି ବୋଧହୁଏ! ଦୂରରେ ଟ୍ରକ୍‌ଟିଏ ଥୁଆ ହୋଇଥିଲା। ଫେରିଆସି ଦେଖେ ତ ସତକୁ ସତ ଦୁଇଶହ ଟଙ୍କିଆ ନୋଟ୍‌ଟିଏ। ଏତିକି ବେଳେ ଟ୍ରକ୍ ତା' ବାଟରେ ଚାଲିଗଲା। ମୋ ଭଳି କେହି ଅଭାବୀ ଲୋକ ଦୁଇଶହ ଟଙ୍କା ହଜାଇ ଦୁଃଖରେ ବି ଥିବ ବୋଲି ଭାବିଲି। ଟଙ୍କାକୁ ହାତରେ ଧରି ଗାଡ଼ି ଚଳାଇଲି। ଅଭାବ ବେଳେ ଦୁଇଶହ ଟଙ୍କା ପାଇ ଥିବାରୁ ଭଗବାନଙ୍କୁ କୃତଜ୍ଞତା ଜଣାଇଲି। ପ୍ରଭୁ ମୋତେ ଜଳଖିଆ, ପାନ, ଗାଡ଼ିର ତେଲ ଖର୍ଚ୍ଚ ଦେଇଦେଲେ ବୋଲି ଖୁସି ହେଲି। ନିଛାଟିଆ ରାସ୍ତାରେ ଗାଡ଼ି ଅଟକାଇ ଟଙ୍କାକୁ ପକେଟ୍‌ରେ ରଖିବାକୁ ଗଲାବେଳେ ହଠାତ୍ ଟଙ୍କାକୁ ଫିଙ୍ଗିଦେଲି। କାରଣ, ତାହା ଥିଲା ମିଛିମିଛିକା ଟଙ୍କା। ମଜା ଦେଖିବା ପାଇଁ କେହି ବାଟରେ ପକାଇ ଥିଲା।

ସମସ୍ତ ଯୋଜନା ହଠାତ୍ ଭୁଶୁଡ଼ି ପଡ଼ିଲା ବାଲିଘର ଭଳି। ସେତେ ବେଶୀ ମନ ଦୁଃଖ ହେଲାନାହିଁ। କାରଣ ସେ ଟଙ୍କାକୁ ନେଇ ପକେଟ୍‌ରେ ରଖି ନଥିଲି କିମ୍ବା ନିଜର ବୋଲି ସାବ୍ୟସ୍ତ କରି ନଥିଲି। ବାହାର ଟଙ୍କା ବାହାରେ ଯାଇ ଥାଆନ୍ତା ବୋଲି ଭାବିଥିଲି। ତେଣୁ ନକଲି ଟଙ୍କା ବେଶୀ ଦୁଃଖର କାରଣ ହେଲାନାହିଁ। ଅପର ପକ୍ଷରେ ସେହି ଟଙ୍କାକୁ ମୁଁ ପରିଶ୍ରମ କରି ମଧ ରୋଜଗାର କରି ନଥିଲି। ରାସ୍ତାରୁ ପାଇଥିଲି। ଈଶ୍ୱରଙ୍କୁ ମଧ ପୁଣି କୃତଜ୍ଞତା ଜଣାଇ ଥିଲି। ଗୋଟିଏ ମିଛ ବାହାନା କରାଇ କିଛି ସମୟ ପାଇଁ ହେଉ ପଛେ ଖୁସିରେ ରଖିଦେଲେ।

ଗଛର ଚେର ଯେତେ ଗଭୀରକୁ ଯାଏ, ଉପାଡ଼ିବା ସେତିକି କଷ୍ଟ ହୁଏ। ସେହିଭଳି ପାଇଥିବା ଟଙ୍କାକୁ ନେଇ ମନ ଯେତେ ଗାଢ଼ କଳ୍ପନା ଜଳ୍ପନା କରି ଥାଆନ୍ତା, ଟଙ୍କାଟି ନକଲି ଜାଣିଲା ପରେ ମନ ସେତିକି ଦୁଃଖ ହୋଇ ଥାଆନ୍ତା। ଏସବୁ ହେଉଛି ଆମ ମନର ଖେଳ। କୌଣସି ସ୍ଥିତିକୁ ମନ ବୁଝିଗଲେ ଦୁଃଖ ଲାଗେନା। ସେହି ମନ ଅବୁଝା ହେଲେ ଦୁଃଖ ଲାଗେ। ତେବେ ନିଜ ମନକୁ ବୁଝାଇବା ଦାୟିତ୍ୱ ଆମ ନିଜର। ●

## ସମ୍ପାଦକଙ୍କୁ ପତ୍ର

# ପଥପାର୍ଶ୍ୱ ବୃକ୍ଷର ରକ୍ଷଣାବେକ୍ଷଣ

ବିଶ୍ୱ ପରିବେଶ ଦିବସ ଏବଂ ବନ ମହୋତ୍ସବ ଅବସରରେ ଉଭୟ ସରକାରୀ ଏବଂ ବେସରକାରୀ ଉଦ୍ୟମରେ ଆମ ରାଜ୍ୟର ଅନେକ ସ୍ଥାନରେ ଚାରା ରୋପଣ କରା ଯାଇଥିଲା। ଏହା ବାଦ୍ ବିଭିନ୍ନ ସମୟରେ ରାସ୍ତା କଡ଼ମାନଙ୍କରେ ମଧ ଅନେକ ଗଛ ଲାଗିଥିଲା। ବର୍ତ୍ତମାନ ବର୍ଷା ପ୍ରାୟତଃ ଛାଡ଼ି ଆସିଲାଣି। ଗଛ ଚାରି କଡ଼ରେ ଦିଆ ଯାଇଥିବା ବାଡ଼ଗୁଡ଼ିକ ମଧ ହୁଗୁଳି ଗଲାଣି, ଯାହା ଫଳରେ ଚାରାଗୁଡ଼ିକ ବଞ୍ଚି ରହିବା କଷ୍ଟକର ହୋଇଯିବ। ଏହାକୁ ଲକ୍ଷ୍ୟ ରଖି ବର୍ତ୍ତମାନଠାରୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳମାନଙ୍କରେ ଏ ଦିଗରେ ଶିଥିଳତା ସ୍ପଷ୍ଟ ବାରିହୁଏ। ଏଥିପାଇଁ ଦୀର୍ଘସୂତ୍ରୀ ଯୋଜନା କାର୍ଯ୍ୟକାରୀ ହେବା ସହିତ ପଞ୍ଚାୟତିରାଜ ବିଭାଗ ଓ ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗର ମିଳିତ ସହଯୋଗ ଏକାନ୍ତ କାମ୍ୟ।

**ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

ନିତିଦିନ NITIDIN



## ଜାତୀୟ ଟାଏକ୍ୱାଣ୍ଡୋ ପ୍ରତିଯୋଗିତା ପାଇଁ ୯ ପ୍ରତିଯୋଗୀ ମନୋନୀତ



**ଢେଙ୍କାନାଳ,୩୦।୫/ଏନ୍‌ଏନ୍‌ଏସ୍:** କଟକ ସହର ସ୍ଥିତ ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିସରରେ ଟାଏକ୍ୱାଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ ଦ୍ୱାରା ଆୟୋଜନ ହେବାକୁ ଯାଉଛି ୯ମ ଓପେନ ଜାତୀୟସ୍ତରୀୟ ଟାଏକ୍ୱାଣ୍ଡୋ ପ୍ରତିଯୋଗିତା । ଏଥିରେ ଭାରତର ବିଭିନ୍ନ ରାଜ୍ୟର ତାଇକୋଣ୍ଡୋ ଏକାଡେମୀ, ଆସୋସିଏସନ ଓ କ୍ଲବର ଖେଳାଳି ମାନେ ଭାଗନେବେ ଏହା ଚଳିତ ମଇ ମାସ ୨୯ ତାରିଖରୁ ଜୁନ ମାସ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ନିମନ୍ତେ ଢେଙ୍କାନାଳ ଟିମ୍ ୨୯ ତାରିଖ ଦିନ କଟକ ଗସ୍ତ କରିଛନ୍ତି । ଏହି ଯାତ୍ରା ସଫଳ ହେବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତା, ଶୁଭେଚ୍ଛୁ ଓ ଅଭିଭାବକ ପ୍ରମୁଖ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ ଓ ଆଶା ରଖିଛନ୍ତି ଫେରିଲା ବେଳେ ଓଡ଼ିଶା ପାଇଁ ପଦକ ଜିତି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ହାସଲ କରିବା ହେବେ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚଳିତ ମାସରେ ସ୍ୱତନ୍ତ୍ର ଶିବିର କରାଯାଇ ମନୋନୀତ କରାଯାଇଥିଲା । ଏଥିରେ ଭାଗ ନେଉଥିବା ଖେଳାଳି ମାନେ ଗାୟତ୍ରୀ ମିଶ୍ର, ଅମ୍ରିତା ସାହୁ, ସୀକ୍ରିତି, ସାନଭି ସାଇ ଲକ୍ଷ୍ମୀ, ବିଶ୍ୱ ରଞ୍ଜନ ବେହେରା, ସୌମିକ ମହାନ୍ତି, ବିଶ୍ୱଜିତ ମହାପାତ୍ର, ସୁରଜ ବାହାଦୁର ଓ ଯୁବରାଜ ମିଶ୍ର ପ୍ରମୁଖ ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟରର ବିଭିନ୍ନ ଓଜନ ବିଭାଗରେ କ୍ୟୁରୋଗୀ ଏବଂ ପୁମସେ ପ୍ରତିଯୋଗିତାରେ ଭାଗନେବେ । ଏହି ଗସ୍ତରେ ଟିମ୍ ସହିତ ମ୍ୟାନେଜର ଭାବେ ପ୍ରତାପ ନାଏକ ଏବଂ କୋଚ୍ ଭାବରେ ଆମେଚର ଟାଏକ୍ୱାଣ୍ଡୋ ଆସୋସିଏସନର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ୪ର୍ଥ ଡ୍ୟାନ୍ ବ୍ଲାକ ବେଲ୍ଟ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଟିମ ସହିତ ଗସ୍ତ କରିଛନ୍ତି ।

## ‘ଜିପସମ୍ ପରିବହନରେ କୌଣସି ଅନିୟମିତତା ନାହିଁ’




**ପାରାଦୀପ,୩୦।୫/ଏନ୍‌ଏନ୍‌ଏସ୍:** ପାରାଦୀପରେ ଥିବା ସାର ଉତ୍ପାଦନକାରୀ ସଂସ୍ଥା ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍ (ପିପିଏଲ)ର ଜିପସମ୍ ପରିବହନରେ କୌଣସି ଅନିୟମିତତା ହୋଇନାହିଁ ବୋଲି ଶୁକ୍ରବାର ଦିନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଜିପସମ୍ ଡିଲର ଓ ଲୋଡିଙ୍ଗ କଣ୍ଟ୍ରାକ୍ଟରସ୍ । ଶୁକ୍ରବାର ଦିନ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନୂଆ କରି ଜିପସମ୍ ଡିଲର ଭାବେ କାମ ନେଇଥିବା ଏନକେଏସ୍ କନ୍‌ଷ୍ଟ୍ରକସନ୍ ଆଣ୍ଡ ଇଞ୍ଜିନିୟରିଂ ପ୍ରା.ଲି.କୁ ପିପିଏଲ୍ କର୍ତ୍ତୃପକ୍ଷ ଏହି କାମ କରିବାକୁ ନିଯୁକ୍ତି ଦେଇଛନ୍ତି । ଏହି କାମରେ ଶିଳ୍ପମନ୍ତ୍ରୀଙ୍କର କୌଣସି ଭୂମିକା ନାହିଁ ବୋଲି କହିଛନ୍ତି ଜିପସମ୍ ଲୋଡିଙ୍ଗ କଣ୍ଟ୍ରାକ୍ଟର ବାଳକୃଷ୍ଣ ଜେନା । ଏନ୍‌କେଏସ୍‌ରେ ମନ୍ତ୍ରୀ ହେବା ପୂର୍ବରୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସଦସ୍ୟ ଥିଲେ । ମନ୍ତ୍ରୀ ହେବା ପରେ ସେ ଏନ୍‌କେଏସ୍‌ରୁ ଇସ୍ତଫା ଦେଇଛନ୍ତି ଏଣୁ ଫେସବୁକ୍ ଲାଇଭରେ ବାପି ସର୍କେଲ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ । ଯେତେବେଳେ ପିପିଏଲ୍ ପ୍ରତି ଟନ୍ ପିଛା ୩୨୦ଟଙ୍କା ଦେଉଥିଲା ସେତେବେଳେ ବିଏନ୍‌କେଏସ୍ କାମ କରୁଥିଲା । ଗତ ୨୦୨୩ ଏପ୍ରିଲ୍ ମାସ ୧ତାରିଖରୁ କୋଷ୍ଟାଲ୍ କନ୍‌ଷ୍ଟ୍ରକସନ୍ ସଂସ୍ଥା ସୁପର ଡିଲର ଭାବେ ନିଯୁକ୍ତି ହେବା ପରେ ଏଠାରେ କାମ କରୁଥିବା ୧୫ଜଣ କଣ୍ଟ୍ରାକ୍ଟରଙ୍କୁ ବାଦ ଦେଇଥିଲେ । କୋଷ୍ଟାଲ୍ କନ୍‌ଷ୍ଟ୍ରକସନ୍ ସଂସ୍ଥା ୧୦୦ଟଙ୍କାରେ ଜିପସମ୍ କାମ ନେଇଥିଲା ୨୦୨୪ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ । ଟନ୍ ପିଛା ୩୦୦ଟଙ୍କା ଶିଳ୍ପମନ୍ତ୍ରୀଙ୍କ ପରିବାର ହଡପ୍ କରୁଥିବା ଅଭିଯୋଗକୁ ଶ୍ରୀ ଜେନା ଖଣ୍ଡନ କରିଛନ୍ତି । ଯଦି ଶିଳ୍ପମନ୍ତ୍ରୀଙ୍କ ପରିବାର ୩୦୦ଟଙ୍କା ପ୍ରତି ଟନ୍‌ରେ ହଡପ କରିଛନ୍ତି ତାହେଲେ କୋଷ୍ଟାଲ୍ କନ୍‌ଷ୍ଟ୍ରକସନ୍ ସଂସ୍ଥା କେତେ ହଡପ କରିଛନ୍ତି ତାହା ବାପି ସର୍କେଲ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଜେନା କହିଥିଲେ । କୋଷ୍ଟାଲ୍ କନ୍‌ଷ୍ଟ୍ରକସନ୍ ସଂସ୍ଥା କାମ ନେବା ସମୟରେ ୧୫ଜଣ କଣ୍ଟ୍ରାକ୍ଟରଙ୍କର ତିନି ବର୍ଷ କାମ ଥିଲା । ହେଲେ ପିପିଏଲ୍ କର୍ତ୍ତୃପକ୍ଷ କାହା କଥା ନଶୁଣିନଥିଲେ ବହୁ ପ୍ରଶାସନିକ ଅଧିକାରୀମାନଙ୍କ ପାଖରେ ଫେରାଦ ହୋଇଥିଲେ ବି କୌଣସି ସୁଫଳ ମିଳିନଥିଲା । ଏବେ ଏନକେଏସ୍ କାମ ନେବା ପରେ ପୂର୍ବରୁ କାମରୁ ବଞ୍ଚିତ ସମସ୍ତ ଜିପସମ୍ ଡିଲର ଓ ଲୋଡିଙ୍ଗ କଣ୍ଟ୍ରାକ୍ଟରସ୍ କାମ ଫେରି ପାଇଛନ୍ତି । ଜିପସମ୍ ପଣ୍ଡ ଓ ରେଳ ଲୋଡିଙ୍ଗର ସମସ୍ତ ଠିକାଦାର ଏବେ କାମ ଆରମ୍ଭ କରିଛନ୍ତି ଯାହାକି ଶିଳ୍ପମନ୍ତ୍ରୀଙ୍କ ଉଦ୍ୟମରେ ସଫଳ ହୋଇଛି ବୋଲି ଜିପସମ୍ ଡିଲର ଏସଏକେଏସ ସର୍ଭିସେସ୍‌ର ସୁଶାନ୍ତ କୁମାର ସାମଲ କହିଛନ୍ତି । ଅଯଥାରେ ଶିଳ୍ପମନ୍ତ୍ରୀଙ୍କୁ ଏବାବଦରେ ବଦନାମ ନକରିବାକୁ ନିବେଦନ କରିଥିଲେ । ରେଳ ଲୋଡିଙ୍ଗରେ ନିଯୁକ୍ତ ଠିକାଦାର ସନ୍ତୋଷ ସାଶମଲ କହିଛନ୍ତି ଏଠାରେ ନିଯୁକ୍ତ ଠିକାଦାର, ମେସିନ୍ ଅପରେଟର୍ ପାଖାପାଖି ୨୫୦ ଲୋକ କାମ କରୁଛନ୍ତି । ଯାହାକୁ ଜିପସମ୍ ଡିଲର ଓ ଲୋଡିଙ୍ଗ କଣ୍ଟ୍ରାକ୍ଟରସ୍‌ମାନେ ସ୍ୱାଗତ କରିବା ସହିତ ଶିଳ୍ପମନ୍ତ୍ରୀଙ୍କୁ ଏ ଘଟଣାରେ ସଂପୃକ୍ତି ନକରିବାକୁ ନିବେଦନ କରିଛନ୍ତି ।

## ସ୍ୱାଧିନତା ସଂଗ୍ରାମୀ ଜଗନ୍ନାଥ ରାୟଙ୍କ ୩୭ ତମ ଶ୍ରାଦ୍ଧୋତ୍ସବ



**ଯାଜପୁର,୩୦।୫/ଏନ୍‌ଏନ୍‌ଏସ୍:** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ରାୟଙ୍କ ୩୭ତମ ଶ୍ରାଦ୍ଧଉତ୍ସବ ଚିତାଳ ଭାଗବତ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କମିଟିର ସଦସ୍ୟ ପୂର୍ବତନ ଜିଲ୍ଲା ପରିଷଦର ସଭାପତି ରଞ୍ଜିତା ରାଉତ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନୀୟ ଅତିଥି ଭାବେ ଚିତାଳ ର ସଭପଞ୍ଚ ବିଜୟଲକ୍ଷ୍ମୀ ଶତପଥି ଏବଂ ମୁଖ୍ୟ ଅତିଥିଭାବେ କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ନନ୍ଦ ଯୋଗ ଦେଇ ଚିତାଳ ଗ୍ରାମ ତଥା ହାଇସ୍କୁଲ ନିକଟରେ ଥିବା ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରିବା ପରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା ସ୍ୱର୍ଗତ ରାୟ ଜଣେ ପରୋ ଉପକାରୀ ମଣିଷ ଥିଲେ । ସଂଗ୍ରାମୀ ବ୍ରିଟ୍ରୀଶ ଶାସନ କାଳରେ ସେ ଅଦାଲତର ଜୁରୀ ଭାବେ କାର୍ଯ୍ୟ କରୁଥିଲେ ।ତାଙ୍କ ସମୟରେ ସମଗ୍ର ମାନବ ସମାଜ ପାଇଁ ୧୨୦ଏକର ପୈତୃକ ସମ୍ପତ୍ତିକୁ ସେ ବିକ୍ରି କରି ସେହି ଅର୍ଥରେ ସ୍କୁଲ ଏବଂ ଲୋକଙ୍କ ସେବାରେ ଉତ୍ସର୍ଗ କରିଥିଲେ. ନିଜ ଗ୍ରାମର ଦୀନ ଦରିଦ୍ର ମାନଙ୍କୁ କୌଣସି ଦିନ ଦୁଃଖରେ ରହିବା ପାଇଁ ଦେଇ ନଥିଲେ. ସେ ସମାଜର ଯାବତୀୟ ସମସ୍ୟାକୁ ସମାଧାନ କରିଥିଲେ । ଚିତାଳ ମାଟିରୁ ଜନ୍ମ ହୋଇ ସମଗ୍ର ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିଥିଲେ. ସେ ଜଣେ ମହାନ ବ୍ୟକ୍ତିତ୍ୱ ତାଙ୍କର ନିସ୍ୱାର୍ଥ ପରଭାବେ ଜନ ସମାଜର କାର୍ଯ୍ୟକରୁଥିଲେ । ତାଙ୍କର ଫଟୋ ଚିତ୍ର ସଂସ୍କୃତି ଭବନରେ ଥିବା ସଂଗ୍ରାମୀ ମାନଙ୍କର ଗହଣରେ ସ୍ଥାପିତ କରିବା ପାଇଁ ଜିଲ୍ଲାପାଳ ଏବଂ ସଂସ୍କୃତି ଅଧିକାରୀଙ୍କ ସହ ଆଲୋଚନା କରାଯିବା ପାଇଁ ଉକ୍ତ ସଭାରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ ପ୍ରସ୍ତାବ ରଖିଥିଲେ । ସଭାରେ ଉପସ୍ଥିତ ସମସ୍ତ ଭାଗବତ କମିଟିର ସଦସ୍ୟ ମାନେ ପୁଷ୍ପ ଦେଇ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ୱର୍ଗତ ରାୟ ଜୀବନୀ ବଳୀକୁ ଆଲୋଚନା କରିଥିଲେ । ଏହି ସଭାରେ ମୁଖ୍ୟତଃ ଦଶରଥପୁରର ବ୍ଲକର ଭାଇସ୍ ଚ୍ୟାୟାରମ୍ୟାନ, ରସାନନ୍ଦ ସାହୁ, ଚିତାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ନଗେନ୍ଦ୍ର ନାଥ ମିଶ୍ର, ବିଜୟ କୁମାର ରାୟ, ଜଗନ୍ନାଥ ରାୟ ,ନିମାଇଁ ଚରଣ ରାୟ, ରସାନନ୍ଦ ରାଉତ, ଦୀଲିପ ରାୟ ରବି ଶତପଥି, ଦାମୋଧର ରାଉତରାୟ,ବହ୍ମାନନ୍ଦ ସେଠୀ ନଗେନ୍ଦ୍ର ସେଠୀ ,କିଶୋର ଯେନା, ଭରତ ସାମଲ, ଅଶ୍ୱିନୀ ଯେନା, ଶୈଳେନ୍ଦ୍ର ରାୟ, ସଂଗ୍ରାମ ସାହାଣୀ, ଅଶୋକ ରାଉତରାଏ, ମନୋରଞ୍ଜନ ରାଏ ସମେତ ଚିତାଳ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବୁଦ୍ଧଜିବୀମାନେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# ବିକାଶ ଖୋଜୁଛି ତାଳଚେର ରାଣୀପାର୍କ ବସ୍‌ଷ୍ଟାଣ୍ଡ



**ତାଳଚେର,୩୦।୫/ଏନ୍‌ଏନ୍‌ଏସ୍:** ଶିଳ୍ପନଗରୀ କଳାହୀରା ସହର ତାଳଚେର ରାଜ୍ୟରେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ଖଣିଖାଦାନ, ଶିଳ୍ପ ଓ ପର୍ଯ୍ୟଟନ ସବୁଥିରେ ନିଜର ପାରଦର୍ଶିତା ଲାଭ କରିପାରିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ପରିବାର ଚଳାଇବା ପାଇଁ ତାଳଚେର ସହରକୁ ଆସିଥାନ୍ତି । ଖଣିଖାଦାନ ଥିବା ବେଳେ ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ମଧ୍ୟ ରପ୍ତାନୀ ହୋଇଥାଏ । ହେଲେ ଯୋଗାଯୋଗ ମୁଖ୍ୟ ଆଧାର ପାଲଟିଥିବା ତାଳଚେର ବସଷ୍ଟାଣ୍ଡର ବ୍ୟବସ୍ଥା ରୂପ ଦେଖିଲେ ମନେ ହୁଏ, ବିକାଶରୁ ବହୁ ଦୂରରେ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ ! ରାଜ୍ୟ ଓ କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ତାର ମୌଳିକ ଅଧିକାରରୁ ବଂଚିତ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗରୁ ଦେଖିବାକୁ ଗଲେ ଆଖପାଖ ଅଂଚଳରୁ ଏଠାକୁ ଗମନା ଗମନ ଉପରେ ନିର୍ଭର କରୁଥିବା ରୋଜଗାର ପନ୍ଥାର ଏହି ବାଟ ଏତେ ସହଜ ହୋଇ ପାରୁନି । ହେଲେ ଗମନାଗମନର ପ୍ରମୁଖ ମାର୍ଗଭାବେ ରାଣୀପାର୍କ ବସଷ୍ଟାଣ୍ଡର ବ୍ୟବସ୍ଥା ସେତେଟା ଆଖିଦୃଶିଆ ସମସ୍ୟାର ସମାଧାନ ହୋଇ ପାରିନି । ତାଳଚେର ସହରବାସୀଙ୍କ ପାଇଁ ଓ ବାହାର ଲୋକଙ୍କ ପାଇଁ ଏହି ବସଷ୍ଟାଣ୍ଡଟିର ଉନ୍ନତି ହୋଇ ପାରୁନଥିବା ଏକ ଦୁର୍ଭାଗ୍ୟ ଜନକ ବିଷୟ ହୋଇ ପଡ଼ିଛି ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଛନ୍ତି । ଏବଂ ଏହି ରାଣୀପାର୍କ ବସଷ୍ଟାଣ୍ଡ ଆସିବାକୁ ହେଲେ ବହୁ ବାଧାବିଘ୍ନ ଯାତ୍ରୀମାନଙ୍କୁ ସହ୍ୟ କରିବାକୁ ପଡୁଛି । ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜାତୀୟ ରାଜପଥ ଉପରେ ଶହଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ, ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳି, ଧୂଆଁ, କୋଇଲା ଗୁଣ୍ଡରେ ଲୋକେ ଅତିଷ୍ଠ, ଯିବେ କୁଆଡ଼େ, ବାସ୍ ସେଇ ଗୋଟିଏ ଉପାୟ, ଗୋଟିଏ ବିକଳ୍ପ ! ଚର୍ତୁଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏକ ମାତ୍ର ତାଳଚେର ସହରର ଜାତୀୟ ରାଜପଥ । ତାଳଚେରବାସୀ ଓ ତାଳଚେରକୁ ଆସୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଏବଂ ଅଂଚଳବାସୀ ଯେମିତି ଭୋଗ କରୁଛନ୍ତି ଯମଯନ୍ତ୍ରଣା ଏଥିରୁ କେବେ ମିଳିବ ନିସ୍ତାର ସେନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିର୍ବାଚିତ ଲୋକପ୍ରତିନିଧି ନା ସ୍ଥାନୀୟ ପ୍ରଶାସନ ନା ଜିଲ୍ଲା ପ୍ରଶାସନ କେହି ହେଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉ ନାହାନ୍ତି ବୋଲି ପ୍ରାୟ ସମୟରେ ଶୁଣିବାକୁ ମିଳେ । ଏତେଶୟ ରାଜସ୍ୱ ପ୍ରଦାନ କରୁଥିଲେ ମଧ୍ୟ ତାଳଚେର ଏକ ଅଭିଶପ୍ତ ଅବସ୍ଥାରେ ଗତି କରୁଛି ବୋଲି ଲୋକେ ମତ ରଖୁଛନ୍ତି । ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ନପହଞ୍ଚି ପାରିଲେ କିମ୍ବା କୌଣିସି ସମସ୍ୟାରୁ ଗାଡ଼ି ନମିଳିଲେ ଯିବା ସମ୍ଭବପର ହୋଇନଥାଏ । ଜାତୀୟ ରାଜପଥର ପ୍ରତ୍ୟେକ ସମୟରେ ଜାମ ରହୁଥିବାରୁ ଲୋକେ ତାଳଚେରରୁ ଢ଼େଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଞ୍ଚଳକୁ ଯିବା ଆସିବା ନିମନ୍ତେ ବହୁବାର ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି । ତେବେ ତାଳଚେର ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ଯେଉଁ ଜାତୀୟ ରାଜପଥଟି ପଡ଼ିଛି ତାହା ସବୁ ସମୟରେ ଭାରୀଯାନ ଚଳାଚଳ, ଟ୍ରାଫିକ ସମସ୍ୟା ଏବଂ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଯୋଗୁଁ ସଠିକ୍ ସମୟରେ ପହଞ୍ଚିବା ସମ୍ଭବପର ହେଉ ନାହିଁ । ଭିନ୍ନକ୍ଷମ ଓ ବରିଷ୍ଠ ନାଗରୀକ ଯାତାୟତ ପାଇଁ ଯଥେଷ୍ଟ ସୁବିଧା ହୋଇନି । ଯାହାକି ବରିଷ୍ଟନାଗରୀକ, ରୋଗୀ ଓ ଭିନ୍ନକ୍ଷମ ମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚେୟାର ନଥିବାରୁ ସେମାନେ ଏଣେତେଣେ ଘୁରି ବୁଲୁଛନ୍ତି ଏବଂ ବସ୍‌ଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମିତ ହୋଇଛି ତାହା ଯାତ୍ରୀଙ୍କ ତୁଳନାରେ ବହୁତ କମ ଓ ବିଶେଷ କଥା ହେଉଛି ପ୍ରାୟ ସମୟରେ ଯାତ୍ରୀମାନଙ୍କର ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି । ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳର ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ଅପରିଷ୍କା ଅବସ୍ଥାରେ ପଡ଼ି ରହିଛି । ପରିଶ୍ରା କରି ଯିବାକୁ ମହିଳା ଯାତ୍ରୀମାନେ ହଇରାଣ ହରକତ ହେଉଥିବା ମଧ୍ୟ ନଜିର ରହିଛି । ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ଏତେ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କ ମନକୁ କ୍ଷୁବ୍ଧ କରିଛି । ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ବିକାଶ ଦିଗରେ ବର୍ତ୍ତମାନର ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର କେମିତି ସମାଧାନ କରାଯାଇ ଯାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହେବା ସହ ତାଳଚେର ଅଂଚଳବାସୀ ମଧ୍ୟ ଏହାକୁ ନେଇ ଅନେକାଂଶରେ ମତ ପୋଷଣ କରୁଛନ୍ତି ଏବଂ ରାଣୀପାର୍କ ବସଷ୍ଟାଣ୍ଡ ବିକାଶ ଦିଗରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଦୃଷ୍ଟି ପଡୁନି କାହାର !

## ଅସହାୟ ବନିତାଙ୍କ ପରିବାରକୁ ସହାୟତା



**କେନ୍ଦ୍ରାପଡ଼ା,୩୦।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ କଚେରିପଡ଼ା ଗ୍ରାମର ଅସହାୟ ବନିତା ନାୟକଙ୍କ ପରିବାର ପାଇଁ ସାହାରା ପାଲଟିଛି କେନ୍ଦ୍ରପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟି । ବନିତାଙ୍କ ସ୍ୱାମୀ ମଙ୍ଗୁଳି ନାୟକ ଗଛରୁ ପଡିଯିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଏକ ସପ୍ତାହ ତଳେ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା । ଯାହା ଫଳରେ ୪ଟି ପିଲାଙ୍କୁ ନେଇ ବନିତାଙ୍କ ପରିବାର ଅସହାୟ ହୋଇ ପଡିଥିଲା । ଏହି ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିର ସଭାପତି ସମାଜସେବୀ ପ୍ରମୋଦ କୁମାର ସାହୁ ଏହି ଅସହାୟ ପରିବାର ନିକଟରେ ଶୁକ୍ରବାର ପହଞ୍ଚି ଶୁଦ୍ଧିକ୍ରିୟା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ୧୦ ହଜାର ଟଙ୍କା ଟାଉନ ଶାଖା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହାସହ ଏହି ପରିବାରକୁ ସୋସାଇଟି ପକ୍ଷରୁ କରାଯାଇଥିବା ଗୁଜୁରାଣ ସହାୟତା ପାଣ୍ଠିରୁ ପରିବାର ଚଳିବା ପାଇଁ ପ୍ରତି ମାସରେ ଏକ ହଜାର ଟଙ୍କା ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଶ୍ରୀ ସାହୁ ଗଣମାଧ୍ୟମକୁ କହିଥିଲେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି କେବଳ ବ୍ୟବସାୟ କରେନାହିଁ । ଏହା ଅନେକ ସମାଜସେବା କାର୍ଯ୍ୟ କରିଥାଏ । ଏହି ସୋସାଇଟିର ଅବିଭକ୍ତ କଟକ ଜିଲ୍ଲାର କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଓ କଟକ ଜିଲ୍ଲାରେ ୧୭ ଟି ଶାଖା କାର୍ଯ୍ୟ କରୁଛି । ସୋସାଇଟିର ସବୁ ଶାଖା ସମାଜସେବାକୁ ପ୍ରାଧାନ୍ୟ ଦେଇ ବ୍ୟବସାୟ କରିଥାଏ । କୌଣସି ପରିବାରର ମୁଖ୍ୟଙ୍କ ଅକାଳ ବିୟୋଗ ହେଲେ ସେହି ବରିବାରର ସାହାରା ପାଲଟିଥାଏ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟି । ଏହି ଅସହାୟ ପରିବାରକୁ ଚଳିବା ପାଇଁ ପ୍ରଥମେ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥାଏ । ଏହାସହ ପରିବାରକୁ ପ୍ରତି ମାସରେ ଏକ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥାଏ । ସେହିପରି ପରିବାରର ପିଲାମାନଙ୍କ ପାଠ ପଢିବା ପାଇଁ ମଧ୍ୟ ସହଯୋଗର ହାତ ବଢାଇଥାଏ ସୋସାଇଟି । କେବଳ ସେତିକି ନୁହେଁ ଘର ପୋଡି ବିପନ୍ନ, ରୋଗାଗ୍ରସ୍ତ ପରିବାରର ସମସ୍ୟା ସମାଧାନ କରିବା ପାଇଁ ପରିବାର ନିକଟରେ ସୋସାଇଟି ପହଞ୍ଚି ସାହାଯ୍ୟର ହାତ ବଢାଇଥାଏ । ମୃତ ମଙ୍ଗୁଳିଙ୍କ ଗୋଟିଏ କନ୍ୟା ବୈଶାଖୀ ନାୟକ (୧୩ ବର୍ଷ), ପୁଅ ବବୁଲ ନାୟକ (୧୦ ବର୍ଷ), ମହେଶ ନାୟକ (୮ ବର୍ଷ) ଓ ମନୋଜ ନାୟକ (୭ ବର୍ଷ) ରହିଛନ୍ତି । ପିଲାମାନଙ୍କ ପାଠ ପଢିବା ପାଇଁ ସୋସାଇଟି ସହଯୋଗର ହାତ ବଢାଇବ । ଏହାସହ ଏହି ପରିବାରକୁ କିପରି ଆବାସ ଯୋଜନାରେ ଘର ଖଣ୍ଡେ ଯୋଗେଇ ଦେଇ ହେବ ସେ ନେଇ ଜିଲା ପ୍ରଶାସନକୁ ସୋସାଇଟି ନିବେଦନ କରିବ ବୋଲି ଶ୍ରୀଯୁକ୍ତ ସାହୁ କହିଥିଲେ । ଏହି ସହାୟତା ପ୍ରଦାନ ସମୟରେ ସୋସାଇଟିର ଟାଉନ ଶାଖା ପରିଚାଳିକା ଶ୍ରୀମତୀ ଅନୁରକ୍ତା ସାମନ୍ତରାୟ, ଦୈନିକ ଜମା ସଂଗ୍ରହକାରୀ ହୃଦାନନ୍ଦ ବାରିକ, କଚେରିପଡ଼ା ଅଞ୍ଚଳର ସମାଜସେବୀ ଗୁରୁଚରଣ ସ୍ୱାଇଁଙ୍କ ସମେତନ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ସମିତିର ଏହି କାର୍ଯ୍ୟକୁ ସର୍ବତ୍ର ପ୍ରଶଂସା କରାଯାଇଛି ।

## ନଦୀଗର୍ଭରୁ ମାଟି ପୋଛିନେଲା ଠିକାସଂସ୍ଥା



**ପରଜଙ୍ଗ,୩୦।୫/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ଅବବାହିକାର ପିତିରୀ ପଞ୍ଚାୟତର ଖାଲପାଳ ଗ୍ରାମରେ ଗୋଟିଏ ଆନିକଟ ଏବଂ ଗୋଟିଏ ପୋଲ ନିର୍ମାଣ ହେଉଛି । ଆନିକଟ ପାଇଁ ଆବଶ୍ୟକ ହେଉଥିବା ମାଟିକୁ ଠିକା ସଂସ୍ଥା ୩୦ ଫୁଟ ଉଚ୍ଚତାରେ ୫୦ରୁ ୧୦୦ ଫୁଟ ଓସାରରେ ନଦୀ କୂଳରୁ ନେଇ ମାଟି ପୋତୁଛନ୍ତି । ଯାହାଫଳରେ ନଦୀରେ ଓସାର ବୃଦ୍ଧି ହେବାରେ ଲାଗିଛି । ବର୍ଷା ଆସିଲେ ନଦୀ କୂଳ ଖାଇବା ନିଶ୍ଚିତ ହୋଇଯାଇଛି । ଖଣିଜ ବିଭାଗ ଅଧିନରେ ଏସବୁ ଯାଉଥିବା ବେଳେ ଖଣି ବିଭାଗ କୌଣସି ପଦକ୍ଷେପ ନେଉନାହିଁ । ଯାହା ଫଳରେ ଠିକା ସଂସ୍ଥା ବହୁ ମୁନାଫା ନେବାରେ ସମର୍ଥ ହୋଇଛି । ମାଟି, ବାଲି ଯେବେଠୁ ରାଜସ୍ୱ ବିଭାଗରୁ କାଢି ନିଆଯାଇ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି । ସେବେଠୁ ଦୈନନ୍ଦିନ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବାରେ ଲାଗିଛି । ନଦୀ ଗର୍ଭରୁ ବାଲି ଉତ୍ତୋଳନ ପରିମାଣ ମଧ୍ୟ ଧାର୍ଯ୍ୟ ଠାରୁ ଢେର ଅଧିକ କରାଯାଉଛି । ନଦୀ ମଧ୍ୟରେ ପୋଖରୀ ସୃଷ୍ଟି କରାଯାଉଛି । ଲୋକମାନେ ତହସିଲ କର୍ତ୍ତୃପକ୍ଷଙ୍କୁ ଦୁଃଖ ଜଣାଇଥିଲେ ମଧ୍ୟ ସେମାନେ କିଛି ପଦକ୍ଷେପ ନେବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ଖଣି ବିଭାଗ ପରଜଙ୍ଗ ଅଞ୍ଚଳ ଠାରୁ ବହୁ ଦୂରରେ ରହୁଥିବାରୁ ତାର ଫାଇଦା ବାଲି ମାଫିଆ, ମାଟି ଓ ମୋରମ ମାଫିଆ ଉଠାଉଛନ୍ତି ।

### ସାମାନ୍ୟ ବର୍ଷାରେ ଘରେ ପଶିଲାଣି ପାଣି

## ଡ୍ରେନ୍ ନିର୍ମାଣ ନିମନ୍ତେ ୱାର୍ଡବାସୀଙ୍କ ଦାବି



**ଆଳି,୩୦।୫/ଏନ୍‌ଏନ୍‌ଏସ୍:** ସାମାନ୍ୟ ବର୍ଷାରେ ଘରେ ପଶିଲାଣି ବର୍ଷାପାଣି । ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣିରେ ପଶି ଯାତାୟତ କରୁଛନ୍ତି ଲୋକେ । ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହୁଥିବା ବେଳେ ସମାଧାନ ହେଉ ନଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ । ଏଭଳି ସମସ୍ୟା ଦେଖିବାକୁ ମିଳିଛି ଆଳି ବ୍ଲକ୍ ମେଣ୍ଟପୁର ପଞ୍ଚାୟତର ୭ ନମ୍ବର ୱାର୍ଡରେ । ଏହି ୱାର୍ଡରେ ୫୦ ରୁ ଉର୍ଦ୍ଧ୍ୱ ପରିବାର ସହ ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନ ସାଧାରଣ ବସ ବାସ କରନ୍ତି । ଏହି ୱାର୍ଡବାସୀଙ୍କ ଯାତାୟତ ନିମନ୍ତେ ଥିବା ବିଲୁଆ ସାହି ମିଲନଗର ରାସ୍ତା ଉପରେ ଏବେ ଦୁଇଫୁଟରୁ ଉର୍ଦ୍ଧ୍ୱ ବର୍ଷା ଜଳ ଜମି ରହିଛି । ଗତ ଦୁଇ ଦିନ ହେବ ହୋଇଥିବା ବର୍ଷା ଯୋଗୁଁ ଗାଁ’ ଦାଣ୍ଡରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣିଜମିବା ଶହ ଲୋକଙ୍କ ଘରେ ପଶିଲାଣି । ବର୍ଷାପାଣି ନିଷ୍କାସନର ବାଟ ନଥିବାରୁ ସେହି ବର୍ଷା ପାଣିରେ ପଶି ଲୋକମାନେ ବାହାରକୁ ଯାତାୟତ କରୁଛନ୍ତି । ମହିଳାମାନେ ପାନୀୟଜଳ ସଂଗ୍ରହ କରିବା ଶହ ବିଭିନ୍ନ କାର୍ଯ୍ୟରେ ବାହାରକୁ ବାହାରୁଛନ୍ତି । ଛାତ୍ରଛାତ୍ରୀମାନେ ବର୍ଷା ପାଣିରେ ପଶି ଟିଉସନ ଯାଉଛନ୍ତି । ବର୍ଷା ପାଣିରେ ପଶି ଯାତାୟତ କରିବା ଦ୍ୱାରା ଥଣ୍ଡା ଜ୍ୱର ହେବା ଶହ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି । ଏପରିକି ୱାର୍ଡ ବାସୀଙ୍କ ନିମନ୍ତେ ଥିବା ନଳକୂପ ମଧ୍ୟ ବର୍ଷା ପାଣି ଘେରରେ ରହିଛି । ଏ ନେଇ ୱାର୍ଡବାସୀ ଅଭିଯୋଗ କରିଛନ୍ତି ଦୀର୍ଘ ବର୍ଷ ଧରି ଲାଗି ରହିଥିବା ସମସ୍ୟା ସମ୍ପର୍କରେ ପଞ୍ଚାୟତର ସରପଞ୍ଚ, ବ୍ଲକ ଓ ରାଜନେତାଙ୍କୁ ଜଣାଇଲେ ମଧ୍ୟ ସମାଧାନ ହେଉନି । ରାଜନେତା ଭୋଟ ସମୟରେ ସେମାନଙ୍କ ସମସ୍ୟା ଏଥର ସମାଧାନ ହୋଇଯିବ କହି ଭୋଟ ନେବା ପରେ ସେମାନଙ୍କ କଥା ଭୁଲି ଯାଉଛନ୍ତି । ରାଜନେତା ଓ ପ୍ରଶାସନର ଅବହେଳା ଯୋଗୁଁ ୱାର୍ଡବାସୀ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ନହେଲେ ୱାର୍ଡ ବାସିନ୍ଦା ଆଳି ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଏସ୍ କେ ଆବୁବକର, ଟିକି ଖାନ, ସେକ ଅବଦୁଲ ଓହୋବ, ସନୱାର ଖାନ, ସେକ ଜମିଲ, ସାହାରା ଖାତୁନ, ସାଇଦା ବିବି, ଲଜବୁନ ବୁବୁ, ନାଜିମା ବେଗମ, ଫିରୋଜା ବେଗମ, ରହିମା ବିବି ପ୍ରମୁଖଙ୍କ ଶହ ଅନ୍ୟମାନେ ଦାବି କରିଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲାକୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ



**କେନ୍ଦ୍ରାପଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ଲକ୍ଷପତି ଦିଦି ସୃଷ୍ଟି କରିବାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି କେନ୍ଦ୍ରାପଡ଼ା ଜିଲ୍ଲା । ରାଜ୍ୟରେ ନୟାଗଡ ଜିଲ୍ଲା ୯୮ ପ୍ରତିଶତ ଲକ୍ଷପତି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହା ସହିତ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ତରଡ଼ିପାଳ ଗ୍ରାମପଞ୍ଚାୟତର ମମତା ନାଥଶର୍ମାଙ୍କୁ ପୁରସ୍କୃତ କରିଛନ୍ତି । ଗତକାଲି ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର ସମ୍ମେଳନ ଗୃହ ଠାରେ ଅନୁଷ୍ଠିତ ଲକ୍ଷପତି ଦିଦି ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହା ସହିତ ଡିପିଏମ ଓଏଲମ ପ୍ରଶାନ୍ତ ପାଢ଼ୀ, ଡିପିସି ମିଶନଶକ୍ତି ଆରତୀ ସାହୁ ମଧ୍ୟ ଉପସ୍ଥିତ ଥିଲେ । ତୃଣମୂଳ ସ୍ତରରେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ଏବଂ ଆନ୍ତରିକତା ଯୋଗୁଁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍ୟରେ ଗୌରାବ ପାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି । ଆଗକୁ ମଧ୍ୟ ଏମିତି ନିଷ୍ଠା ସହିତ କାର୍ଯ୍ୟ କଲେ ନିଶ୍ଚିତ ଭାବେ ଆମେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ବୋଲି ଜିଲ୍ଲାପାଳ ଆଶାପୋଷଣ କରିଛନ୍ତି ।

## ବର୍ଷାରେ ଧୋଇ ହୋଇଗଲା ପିଚୁ



**ରାଜନଗର,୩୦।୫/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ପ୍ରମୁଖ ରାସ୍ତା ଭାବେ ପରିଚିତ ରାଜନଗର- କୃଷ୍ଣପ୍ରିୟାପୁର ଗୁପ୍ତି ରାସ୍ତା ଅବସ୍ଥା ବେହାଲ ହୋଇପଡିଛି । ବିଶେଷକରି ରାଜନଗର ଜୟଗୁରୁ ଆଶ୍ରମ ଠାରୁ ହଂସୁଆ ସେତୁ ଯାଏ ରାସ୍ତା କାମ ନସୁରୁଣୁ ପିଚୁ ଓ ଗୋଡି ଅଲଗା ଅଲଗା ହୋଇଗଲାଣି । ରାସ୍ତାର ଏହି ଅଂଶ ଚଳିତ ମାସ ୧୬,୧୭ ଓ ୧୮ତାରିଖ ରାତିରେ ପିଚୁ କାମ ହୋଇଥିଲା । ୧୫ଦିନ ନପୁରୁଣୁ ରାସ୍ତାରୁ ଗୋଡି ଉଠିଗଲାଣି । ପ୍ରାୟ ୨୩ କିଲୋମିଟର ଏହି ରାସ୍ତା ଉପରେ ରାଜନଗର,କୁରୁଣ୍ଟି, ହାତିନା, ଡେରା, ବ୍ରାହ୍ମଣସାହି, ଗୁପ୍ତି ଓ ସାତଭାୟା ପଞ୍ଚାୟତର ହଜାର ହଜାର ଲୋକ ଯିବା ଆସିବା କରିଥା’ନ୍ତି । ପ୍ରତିଦିନ ଶହଶହ ସଂଖ୍ୟାରେ ଗାଡିମଟର ଯିବା ଆସିବା କରିଥାଏ । ପେଣ୍ଠ ଓ ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶ ବିଦେଶର ପର୍ଯ୍ୟଟକମାନେ ଯାତାୟତ କରିଥାନ୍ତି । ଏହି ରାସ୍ତା କାମ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୪୦କୋଟି ୩୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା । ମାତ୍ର ଏହି ରାସ୍ତାର ହଂସୁଆ ସେତୁ ନିକଟରୁ ବାଇପାସ୍ ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିଲା । ରାଜନଗର ବାଇପାସ୍ ରାସ୍ତାଟି ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ଧୂଳି ଉଡି ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ ହୋଇଥିଲା । ଏହି ରାସ୍ତାକୁ ଶୁକ୍ରବାର, ଶନିବାର ଓ ରବିବାର ବିଳମ୍ବିତ ରାତିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଠିକାସଂସ୍ଥା ନିମ୍ନମାନର ପିଚୁ କାମ କରୁଥିବା ଅଭିଯୋଗ ହୋଇଥିଲା । ଏହି ରାସ୍ତାରେ ପଡିଥିବା ଡଷ୍ଟକୁ ଠିକ ଭାବେ ସଫା ନକରି ତା ଉପରେ ଅଳ୍ପ ପ୍ରାଇମର ଛିଞ୍ଚି ପିଚୁ କରି ଦେଇଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଠିକାସଂସ୍ଥା ନିଜ ମର୍ଜିରେ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଥିଲା । ଯାହାର ବାସ୍ତବଚିତ୍ର ଏବେ ଦେଖିବାକୁ ମିଳିଛି । ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ରାସ୍ତାରୁ ପିଚୁ ଧୋଇ ହୋଇଯିବାରୁ ବଜୁରୀ ଉଠି ଯାଉଛି । ବ୍ଲକର ଏହି ପ୍ରମୁଖ ରାସ୍ତାରେ ପିଚୁ ବର୍ଷାରେ ଧୋଇ ହୋଇଯିବା ଯୋଗୁଁ କୋଟି କୋଟି ଟଙ୍କା ପାଣିରେ ପଡିବା ଆଶଙ୍କା ସୃଷ୍ଟି ହୋଇଛି । ଏହି ରାସ୍ତାକାମ ହୋଇଥିବା ଦୁର୍ନିତୀ ସଂପର୍କରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସହକାରୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**କୁଆଖିଆ,୩୦।୫/ଏନ୍‌ଏନ୍‌ଏସ୍:** ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସାହୁଙ୍କୁ ଆଜି ଜୋକଡ଼ିଆ ଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକ, ସମାଜସେବୀ କୃଷ୍ଣ ଚନ୍ଦ୍ର ସାମଲ, ସରପଞ୍ଚ ପର୍ଶୁରାମ ଦାଶ ପହଙ୍ଗା, ଲୋପାମୁଦ୍ରା ଘଡ଼ାଇ, ଜିଲ୍ଲା ପରିଷଦ ସଭ୍ୟା ମମତା ଖୁଣ୍ଟିଆ, ସମିତି ସଭ୍ୟା ସୌଦାମିନୀ ସାମଲ, ସୁପରିଟେଣ୍ଟ ଜାରକା ବରୀ ଏସଡିଓ, ପୂର୍ବତନ ସରପଞ୍ଚ ହୃଦାନନ୍ଦ ସ୍ୱାଇଁ, ବେଣୁଧର ନାୟକ, ବିଶ୍ୱମ୍ବର ଖୁଣ୍ଟିଆ, କ୍ଷେତ୍ରବାସୀ ସାମଲ, ରବୀନ୍ଦ୍ର ଜେନା, ରତିକାନ୍ତ ବରାଳ, ସଦାନନ୍ଦ ନାୟକ, ବାବୁଲି ଜେନା ଓ ଜଳସେଚନ ବିଭାଗ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ ।

# ଡେଙ୍ଗାପୋଲ-ଗୌଡୁଣୀପଡ଼ିଆ ରାସ୍ତା ଶୋଚନୀୟ



**ଜଗତସିଂହପୁର,୩୦।୫/ଏନ୍‌ଏନ୍‌ଏସ୍:** ଜାତୀୟ ରାଜପଥ ୫୫କୁ ସଂଯୋଗ କରୁଥିବା ବାଲିକୁଦା ବ୍ଲକ ଅନ୍ତର୍ଗତ ଡେଙ୍ଗାପୋଲ ଛକ ଠାରୁ ଗୌଡୁଣୀପଡ଼ିଆ ପିଚୁ ରାସ୍ତା କାର୍ଯ୍ୟ ହେବା ଏକ ବର୍ଷ ନପୂରୁଣୁ ଶୋଚନୀୟ ହୋଇ ପଡ଼ିଛି । ଉକ୍ତ ୪କି.ମି ଆର.ଡି ବିଭାଗ ଅଧୀନ ରାସ୍ତା, ନିମ୍ନ ମାନର କାର୍ଯ୍ୟ ଯୋଗୁ ଅଧିକାଂଶ ସ୍ଥାନରେ ବୃହତ୍ ବୃହତ୍ ଖାଲ ଖମାର ହୋଇ ଶୋଚନୀୟ ହୋଇ ପଡ଼ିଥିବା ଦେଖା ଯାଉଛି । ଯାହାଫଳରେ ଉକ୍ତ ରାସ୍ତା ଉପରେ ଦୈନିକ ନିର୍ଭର କରୁଥିବା ପାଖାପାଖି ୬ହଜାର ଜନ ସାଧାରଣ ଗମନା ଗମନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପାର୍ଶ୍ୱରେ ଖାଲ ଖମାର ରାସ୍ତାକୁ ଅନ୍ୟ ପାର୍ଶ୍ୱରେ ରାସ୍ତାରେ ଆଲୋକିକରଣ ନଥିବା ନେଇ ସନ୍ଧ୍ୟା ହେଲେ ଉକ୍ତ ରାସ୍ତାରେ ଅଞ୍ଚଳବାସୀ ଯିବା ଆସିବା କରିବା ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି । ଏଥି ସହିତ ଏହି ରାସ୍ତାରେ ସପ୍ତାହ ମଧ୍ୟରେ ଛୋଟ ବଡ ବହୁ ଦୁର୍ଘଟଣା ଘଟି ଜନ ସାଧାରଣ ଓ ଗାଡି ଚାଳକ ଆହତ ହେବା ସହିତ ପଙ୍ଗୁ ହୋଇଥିବା ଦେଖା ଯାଉଛି । ଅନ୍ୟପକ୍ଷରେ ଉକ୍ତ ରାସ୍ତା ଦେଇ ଚୋରା ବାଲି ଟ୍ରକ୍ ଚାଲାଣ ହେଉଥିବା ନେଇ ଖୁବ କମ୍ ଦିନରେ ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ, ବାଲିକୁଦା ଓ ନାଉଗାଁ ବ୍ଲକକୁ ସଂଯୋଗ କରୁଥିବା ଉକ୍ତ ୪କିମି ରାସ୍ତାର ଗୋଟିଏ ପାର୍ଶ୍ୱରେ କେନାଲ ଓ ଅନ୍ୟ ପାର୍ଶ୍ୱରେ ବିଲବାଡି ରହିଛି । ଏଥି ସହିତ ଏହି ରାସ୍ତାଟି ବାଲିକୁଦା ଓ ନାଉଗାଁ ବ୍ଲକ ଅଞ୍ଚଳର ବ୍ୟବସାୟୀମାନଙ୍କ ବାଣିଜ୍ୟିକ ରାସ୍ତା ହୋଇଥିବା ନେଇ ପ୍ରାୟ ସମୟରେ ବ୍ୟସ୍ତ ବହୁଳ ରାସ୍ତାରେ ପରିଗଣିତ । ଦୈନିକ ଉକ୍ତ ରାସ୍ତା ଦେଇ ଅତି କମରେ ୫ରୁ ୬ହଜାର ଜନ ସାଧାରଣ ଯାତାୟତ କରିଥାନ୍ତି । ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ସଠିକ୍ ପ୍ଲାନରେ କାର୍ଯ୍ୟ ନହେବା ଓ କାର୍ଯ୍ୟର ତଦାରଖ ନକରା ଯିବା ନେଇ ରାସ୍ତାଟି ଅଳ୍ପ ଦିନରେ ଶୋଚନୀୟ ହୋଇ ପଡୁଛି । ଏଥି ସହିତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟ ବୁଝାମଣା ଯୋଗୁ ଲେଉଟିଆ କିଆରି ଭଳି ପ୍ରତିବର୍ଷ ଲୋକ ଦେଖାଣିଆ କାମ କରି ଖାଇ ଚାଲିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ କରୁଛନ୍ତି । ତେଣୁ ଉକ୍ତ ରାସ୍ତା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ପୂର୍ବତନ ସାଂସଦଙ୍କ ଶୋକ


**ଢେଙ୍କାନାଳ,୩୦।୫/ଏନ୍‌ଏନ୍‌ଏସ୍:** କାମାକ୍ଷାନଗରର ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କର ଦେହାନ୍ତ ଖବର ଶୁଣି ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ପ୍ରସନ୍ନ ଭାଇ ଜଣେ ସରଳ, କର୍ମନିଷ୍ଠ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ ।ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଠାରୁ ଆରମ୍ଭ କରି ଜନପ୍ରତିନିଧି ଭାବେ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ । ତାଙ୍କର ବିୟୋଗ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗ ଏବଂ ଆତ୍ମୀୟ ସ୍ୱଜନଙ୍କୁ ଗଭୀର ସମବେଦନା ଜଣାଉଛି ।

# ପ୍ରାକ୍ତନ ବିଧାୟକ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ



**ଧର୍ମଶାଳା,୩୦।୫/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ସଭାଗୃହରେ ପ୍ରାକ୍ତନ ବିଧାୟକ ରବି ଲାବଣ୍ୟଙ୍କ ୮୮ତମ ଜନ୍ମଜୟନ୍ତୀ ଆଜି ପାଳିତ ହୋଇଯାଇଛି । ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସମାରୋହରେ ଆମ ଓଡିଶାର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ରବି ଲାବଣ୍ୟ ଜଣେ ପ୍ରତିଭାବାନ୍ ଛାତ୍ରନେତା ଥିଲେ । ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ସେ ପ୍ରସ୍ତାବ ଦେବା ସହିତ ରବି ଲାବଣ୍ୟଙ୍କ ପରି ଅନେକ ଛାତ୍ରନେତା ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ସମାରୋହରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ରବି ଲାବଣ୍ୟ ଏକ ବିରଳ ପ୍ରତିଭା ଥିଲେ । ତାଙ୍କ ନେତୃତ୍ୱରେ ଛାତ୍ର ଆନ୍ଦୋଳନ ହେଉଥିବା ବେଳେ ଓଡ଼ିଶା ଥରହର ହୋଇପଡୁଥିଲା । ସେ ଖଟିଖିଆ ମଣିଷଙ୍କ ପାଇଁ ଲଢ଼େଇ କରି ସାଧାରଣ ଜନତାଙ୍କ ହୃଦୟକୁ ଜୟ କରିଥିଲେ । ମଣ୍ଡଳ କମିଶନକୁ ବିରୋଧ କରି ନିଜ ନାମ ରବି ଦାଶକୁ ବଦଳାଇ ରବି ଲାବଣ୍ୟ କରିଥିଲେ । ତାଙ୍କ ପରି ସ୍ୱାଭିମାନୀ ଓ ଆଦର୍ଶ ମଣିଷ ଆଉ ଜନ୍ମ ହେବେନାହିଁ ବୋଲି ଶ୍ରୀ ଘଡାଇ ମତବ୍ୟକ୍ତ କରିଥିଲେ । ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯାଗଦେଇ ସ୍ୱର୍ଗତ ଲାବଣ୍ୟ ତାଙ୍କ ପ୍ରତିପକ୍ଷଙ୍କ ସହିତ ସମ୍ପର୍କ ରଖିବା ସହିତ ତାଙ୍କର ପରାମର୍ଶ ନେଉଥିଲେ ବୋଲି ପ୍ରକାଶ କରିଥିଲେ । ସମାଜର ପୂର୍ବତନ ସମ୍ପାଦକ ସତ୍ୟ ରାୟ ଉତ୍ସବରେ ଅତିଥିଭାବେ ଯୋଗଦେଇ ରବି ଲାବଣ୍ୟ ସେବା, ତ୍ୟାଗ, କରୁଣା ଓ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ରବି ଲାବଣ୍ୟଙ୍କ ପରି ପ୍ରତିଭାବାନ ବ୍ୟକ୍ତିଙ୍କ ଜୀବନୀକୁ ନେଇ ଗବେଷଣା ହେବା ଉଚିତ ବୋଲି କହିଥିଲେ । ଅବସରପ୍ରାପ୍ତ ପୁଲିସ ଅଫିସର୍ ସୂର୍ଯ୍ୟମଣି ତ୍ରିପାଠୀ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶିଶିର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦଇ ସ୍ୱର୍ଗତ ଲାବଣ୍ୟଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ନବକଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇ ସ୍ୱର୍ଗତ ଲାବଣ୍ୟଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଏହି ଅବସରରେ ସ୍ମରଣୀକା ସ୍ୱାଭୀମାନର ତୃତୀୟ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏଥିସହ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ ଧର୍ମଶାଳା ବାଣୀପୀଠର ଅବସର ପ୍ରାପ୍ତ ଶିକ୍ଷକ ମଦନ ମୋହନ କଣ୍ଣଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସର ଦିବଙ୍ଗତ ହାସ୍ୟ ଅଭିନେତା ଅଜୟ ନାୟକଙ୍କୁ ଅନୁଷ୍ଠାନ ତରଫରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ମଧୁମିତା ମହାନ୍ତି ସମାରୋହରେ ଉଦ୍‌ଘୋଷିକା ଭାବେ ଯୋଗଦେଇଥିବା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନାଲ ପାଲଟିଛି ଡମ୍ପିଂୟାର୍ଡ



**ଚାନ୍ଦୋଳ,୩୦।୫/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକର ସର୍ବପୁରାତନ ଓ ବୃହତ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାର ଓ ହାଟର ବର୍ଯ୍ୟବସ୍ତୁରେ ପୋତି ହୋଇପଡ଼ିଲାଣି । କେନ୍ଦ୍ରାପଡ଼ା କେନାଲର ୧୨ ନଂ ଶାଖାନାଳ ଓ ୨୦ ନଂ ଡ୍ରେନେଜ କଟ୍ । ୨୦ ନଂ ଡ୍ରେନେଜ୍‌କଟ୍ ଓ କେନ୍ଦ୍ରାପଡ଼ା କେନାଲ୍‌ର ୧୨ ନଂ ଶାଖା ନାଳକୁ ଚାନ୍ଦୋଳ ନିକଟରେ ଅତିକ୍ରମ କରିଥିବା କଟକ-ଚାନ୍ଦବାଲି ରାଜରାସ୍ତା କଡ଼ରେ ଗଢ଼ି ଉଠିଛି ଚାନ୍ଦୋଳ ଓ ବଜାର । ଏହି ହାଟ ଓ ବଜାରରେ ଥିବା ବିଭିନ୍ନ ଦୋକାନମାନଙ୍କରୁ ବାହାରୁଥିବା ବର୍ଯ୍ୟବସ୍ତୁକୁ ଲୋକମାନେ ସିଧାସଳଖ ଭାବେ କେନାଲ୍ ଓ ଡ୍ରେନେଜକଟ୍‌ରେ ପକାଉଛନ୍ତି । ଏହି ବର୍ଯ୍ୟବସ୍ତୁ ଜମି ରହି ଯେ କେବଳ ଜଳ ପ୍ରବାହକୁ ଅବରୋଧ କରୁଛି ନୁହେଁ, ଏଥିସହିତ କେନାଲର ତଳ ମୁଣ୍ଡଯାଏ ଜଳ ଓ ପରିବେଶକୁ ପ୍ରଦୂଷିତ କରୁଛି । ଏଥିସହିତ ପ୍ରତି ବର୍ଷ ଜଳସେଚନ ବିଭାଗ ଏହାକୁ ସଫେଇ କରିବା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛି । ତେଣୁ ଏହି ବର୍ଯ୍ୟବସ୍ତୁକୁ କେନାଲରେ ନପକାଇ ଏହାକୁ ସଠିକ୍ ଢ଼ଙ୍ଗରେ ପରିଚାଳନା କରିବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି ।

# ପ୍ରେସ୍ କାଉନସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

**ଯାଜପୁର,୩୦।୫/ଏନ୍‌ଏନ୍‌ଏସ୍:** ପ୍ରେସ କାଉନସିଲ ଅଫ ଇଣ୍ଡିଆ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି ।

# ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ
## ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦ୍ରାପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଜିଲ୍ଲାପାଳ ବିଭିନ୍ନ ଅଧିକାରୀଙ୍କୁ ଦେଇଥିବା ଦାୟୀତ୍ୱ ସମ୍ପର୍କରେ ବୁଝିବା ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଜୋରଦାର ଚଳାଇଛି । ସୂଚନାଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମାଉସୀମା ମନ୍ଦିର ଠାରୁ ବଳଦେବଜିଉ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲିରେ ସାମିଲ ହେବେ । ବଳଦେବ ଜିଉଙ୍କ ଦର୍ଶନ ପରେ ସର୍କିହାଉସଠାରେ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିୟା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ଲାଇନ ବିଭାଗର ଅଧିକାରୀ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀବଳରାମଜିଉ ବିଜେଙ୍କ ରଥଯାତ୍ରା ପ୍ରସ୍ତୁତି



ଢେଙ୍କାନାଳ,୩୦।୫/ଏନ୍‌ଏନ୍‌ଏସ୍: ଢେଙ୍କାନାଳରେ ଶ୍ରୀ ବଳରାମ ଜୀଉ ବିଜେଙ୍କ ରଥଯାତ୍ରା ଆସନ୍ତା ମାସ ୨୭ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭା ଗୃହ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ ପୁରୋଧାଙ୍କ ସମୟ ନିର୍ଘଣ୍ଟ ଅନୁଯାୟୀ ସମୟାନୁବର୍ତ୍ତିତା ପ୍ରତି ଧ୍ୟାନଦେଇ ରଥଯାତ୍ରାକୁ ସୁରୁଖୁରୁ ଓ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ । ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ କାଟ ଓ ସଂଯୋଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଗୁରୁତ୍ୱାରୋପ କରିଥିଲେ । ମହିଳା ରଥ ପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରା ସମୟରେ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଦେବୋତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ବିଭୁଧ ଗଡ଼ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଦେବୋତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ରଥଯାତ୍ରା କାର୍ଯ୍ୟକ୍ରମର ସମୟ ନିର୍ଘଣ୍ଟ ଅନୁଯାୟୀ ମହାପ୍ରଭୁଙ୍କ ନୀତିକାନ୍ତି ପରେ ଦିବା ଘ. ୧.୦୫ ମି. ସମୟରେ ପ୍ରଥମ ରଥଟଣା ହୋଇ ଅପରାହ୍ନ ଘ. ୨.୦୫ ମି. ସମୟରେ ମାହେନ୍ଦ୍ର ବେଳା ମଧ୍ୟେ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହେବ ଓ ସନ୍ଧ୍ୟା ଘ. ୬.୨୪ ମି. ସୂର୍ଯ୍ୟାସ୍ତ କାଳରେ ରଥଟଣା ଶେଷ ହେବ ବୋଲି ଅବଗତ କରାଇଥିଲେ । ରଥ ନିର୍ମାଣ କାର୍ଯ୍ୟ ଓ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ରକ୍ଷା, ରାସ୍ତାରୁ ଗାଇଗୋରୁ ହଟାଇବା ଓ ଯାନବାହନ ନିୟନ୍ତ୍ରଣ ନିମନ୍ତେ ଆରକ୍ଷୀ ବାହିନୀ ଓ ସ୍ୱେଚ୍ଛାସେବୀ ମୁତୟନ, ଟ୍ୟାଙ୍କର ଓ ସିନଟେକ୍ସ ଦ୍ୱାରା ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା ରକ୍ଷା, ଆଲୋକସଜ୍ଜା, ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଧାରା ବିବରଣୀ ପ୍ରଦାନ, ସୁନା ବେଶ ଆୟୋଜନ ଆଦି ସଂପର୍କରେ ବୈଠକରେ ବିଷଦ ଆଲୋଚନା ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ, ସହରର ବୁଦ୍ଧିଜିବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସଂପୃକ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନିମନ୍ତେ ମତାମତ ପ୍ରଦାନ କରିଥିଲେ ।

# ନାବାଳିକାକୁ ଦୁର୍ବ୍ୟବହାର ଅଭିଯୋଗରେ ଅଭିଯୁକ୍ତ ଗିରଫ

**ନାଉଗାଁ,୩୦।୫/ଏନ୍‌ଏନ୍‌ଏସ୍:** ନାଉଗାଁ ଥାନା ଅଞ୍ଚଳର ମୁଣ୍ଡାଳ ବଜାର ନିକଟରେ ଗତକାଲି ଭାତପଡ଼ା ଅଞ୍ଚଳର ଜୈନିକ ନାବାଳିକା ନିଜର କମ୍ପ୍ୟୁଟର କ୍ଲାସ ସାରି ଫେରୁଥିବା ସମୟରେ ନାଉଗାଁ ଥାନା ଅଧିନ ଖଇରା ହୁଲି ଗ୍ରାମର ଶ୍ୟାମ ସୁନ୍ଦର ମଲ୍ଲିକଙ୍କ ପୁଅ ଦିପୁନା ମଲ୍ଲିକ ତାଙ୍କୁ ରାସ୍ତାରେ ଅଟକାଇ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଉକ୍ତ ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିଲା । ଉକ୍ତ ଘଟଣାକୁ ଆଧାର କରି ନାବାଳିକା ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ । ପୁଲିସ ଉକ୍ତ ଘଟଣା ଆଧାରରେ କେସ୍ ଦାୟର କରି ସମ୍ପୃକ୍ତ ଅଭିଯୁକ୍ତ ଦିପୁନା ମଲ୍ଲିକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ପ୍ରଦାନ କରିଛି ନାଉଗାଁ ଥାନା ପୁଲିସ ।

# ଭୁଶୁଡ଼ିଲା ରଜାଙ୍ଗ ମାଇନର୍ ପାଚେରି

**ଚାନ୍ଦୋଳ,୩୦।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା କେନାଲର ୧୩ ନଂ ଶାଖା ନାଳରୁ ବାହାରିଥିବା ରଜାଙ୍ଗ ମାଇନର କେନାଲ ବନ୍ଧର ଦାନପୁର ଗ୍ରାମସ୍ଥିତ ନଷ୍ଟାମହାଦେବଙ୍କ ନିକଟରେ ଗାର୍ଡ଼ ୱାଲ ଭୁସୁଡ଼ି ପଡ଼ିଛି । ଯାହା ଫଳରେ ଆସନ୍ତା ଖରିଫ୍ ଋତୁରେ ଚାଷଜମିକୁ ପାଣି ଯିବା ନେଇ ଆଶଙ୍କା ଉପୁଜିଛି ।

# ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଜିଲ୍ଲା ବିଜେପିର ଶୋକ

**ଢେଙ୍କାନାଳ,୩୦।୫/ଏନ୍‌ଏନ୍‌ଏସ୍:** ପୂର୍ବତନ ବିଧାୟକ ତଥା ଓଡିଶା ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ (୭୭)ଙ୍କ ବିୟୋଗରେ ଢେଙ୍କାନାଳ ବିଜେପି ଗଭୀର ଶୋକ ପ୍ରକଟ କରିଛି । ବିଜେପିର ବରିଷ୍ଠ ନେତା ତଥା ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଇତିଶ୍ରୀ ସାହୁ, ସନାତନ ବେହେରା, ଜିଲ୍ଲା ସାଧାରଣ ସଂପାଦକ ସୁନିଲ୍ ଶର୍ମା, ରତିକାନ୍ତ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ୍ ଯଶୋବନ୍ତ ମହିମା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ ପ୍ରମୁଖ ଗଭୀର ଶୋକ ପ୍ରକଟ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଛନ୍ତି । ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ପଟ୍ଟନାୟକ ୧୯୭୭ ମସିହାରେ ପ୍ରଥମେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରୁ ଜନତା ପାର୍ଟିରୁ, ୧୯୮୫ରେ ଭାରତୀୟ ଜନତା ପାର୍ଟି ଓ ୧୯୯୦ରେ ଜନତା ପାର୍ଟିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସାମଗ୍ରୀକ ବିକାଶ ଓ ବିଜେପିର ଦୃଢ଼ ସଂଗଠନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ । ତାଙ୍କର ଦେହାନ୍ତ ଭାରତୀୟ ଜନତା ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତୃବୃନ୍ଦ ଶୋକବାର୍ତାରେ ବ୍ୟକ୍ତ କରିଛନ୍ତି ।


**AFFIDAVIT**

I, Rama Biswal, W/o- Chandramani Biswal, At - Kotari, Po- Khanata, Ps - Balugaon, Dist- Khordha, Odisha by virtue of an affidavit no. 2203/30.05.2025 executed before Executive Magistrate, Banpur declare that I Rama Biswal and Ramadebi Biswal is one and same person and I want to keep my name as Rama Biswal for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 29.05.2025 I, Hrudananda Pradhan, S/o Harihara Pradhan resident of At- Anantapur, PO- Kamakhyanagar, PS- Kamakhyanagar, Dist- Dhenkanal, PIN- 759018, Odisha have changed my Son's name from Ayush Kumar Pradhan to **Ayushman Pradhan**. Henceforth he will be known as **Ayushman Pradhan** for all purpose.

(Hrudananda Pradhan)

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 28/05/2025 I, Duti Patra, W/o- Harekrushna Patra of vill- Udalikudar, Po- Bankati, Ps- Badampahar, Dist- Mayurbhanj, Pin- 757048, At/Pre- Vill/Po- Binida, Ps- Turumunga, Dist- Keonjhar, Pin-758045 Declare that I have changed my son's name from Baina Patra to Bijay Kumar Patra. Hence forth, he shall be known as Bijay Kumar Patra for all purposes.

Duti Patra

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 29.05.2025 I, Meena Khatua, W/o Benudhar Khatua, resident At– Lokanathpur, P.O- Badasuanlo, PS- Kamakhyanagar, Dist - Dhenkanal, PIN- 759039, Odisha have changed my name from Minati Khatua to **Meena Khatua**. Henceforth I shall be known as **Meena Khatua** for all purpose.

(Meena Khatua)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 29.05.2025 I, Sujata Sahoo, C/o- Palau Behera, W/o Abinash Sahoo, resident At/PO- Chandapur, PS - Parjang, Dist- Dhenkanal, PIN- 759019, Odisha have changed my name from Sujata Behera to **Sujata Sahoo**. Henceforth I shall be known as **Sujata Sahoo** for all purpose.

(Sujata Sahoo)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 28.05.2025 I, Nilandra Padhan, S/o Nata Padhan, resident of At- Upara Barada, P.O- Singpur, P.S-Nayakote, Dist.- Kendujhar, PIN-758018, Odisha have changed my name from Bulu Dehury to **Nilandra Padhan**. Henceforth I shall be known as **Nilandra Padhan** for all purpose.

(Nilandra Padhan)

**AFFIDAVIT**

By virtue of an affidavit sworn before Notary Public, Balliguda dated 14.05.2025, I Dibakara Mallick, Son of Late Samia Mallick of Village- Badagaon, P.O- Badagaon, P.S- Balliguda, Dist- Kandhamal, PIN- 762103, Odisha have changed my name from "DIBAKARA MALLICK" to "DIBAKAR MALLICK", and henceforth I shall be known as "**DIBAKAR MALLICK**" for all purpose.

**AFFIDAVIT**

By virtue of an affidavit sworn before Executive Magistrate, Banpur, Vide no-2201, dated - 30/05/2025, I Sk Muhammad Zaid, S/o- Sheikh Abdul Jalal of vill-Balugaon Muslim Sahi, Po/Ps -Balugaon Dist -Khordha, Pin- 752030, Odisha declare that I have changed of my name from SK Abdul Jayed to SK Muhammad Zaid. Henceforth, he shall be known as SK Muhammad Zaid for all purpose.

SK Muhammad Zaid

O-202

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**

Phone : 06842-253708, E-mail : rw_phulbani@yahoo.co.in

No. 2273.... RWDP, Dated the 23.05.2025

**Government of Odisha e-Procurement Notice**
**Bid Identification No. Online Tender/02/SERWD PHULBANI/2025-26**

| | | |
|---|---|---|
| 1. Name of the work | : | Building Work (16 Nos.) |
| 2. Estimated cost | : | Rs.8.40 Lakhs & 39.92 Lakhs |
| 3. Period of completion | : | One & Two Calendar months |
| 4. Date & Time of availability of bid documents in the portal | : | From 09.06.2025, 10.00 AM to 19.06.2025 upto 5.00 PM |
| 5. Last date / Time for receipt of bids in the portal | : | 19.06.2025 upto 5.00 PM |
| 6. Name and address of the Officer Inviting Bid | : | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Sd/- Superintending Engineer
Rural Works Division
Phulbani

OIPR-25077/11/0024/2526

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ଼, କଟକ-12

CAD-574

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୦ ରେ ପ୍ଲଟ୍ ନଂ-10-2F/766 ଟିକୁ ଶ୍ରୀ ସନ୍ତୋଷ କୁମାର ଦାସ, ପିତା-ଶରତ ଚନ୍ଦ୍ର ଦାସ, ସା-ଅଲିସା ବଜାର, ପୋ-ମଙ୍ଗଳା ସାହି, ଥା-ଚାନ୍ଦିନୀଚୌକ, ଜିଲ୍ଲା-କଟକ-୭୫୩୦୦୨ଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସନ୍ତୋଷ କୁମାର ଦାସ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ହିମାଂଶୁ ଶେଖର ମଲିକ, ପିତା-ଜଳଧର ମଲିକ, ସା-ମଲିପୁର, ପୋ-ଶାସନ, ଥା-ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13037/11/0279/2526 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

E-125

**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum-District Mission Director,
NHM, Mayurbhanj, Odisha, 757001

Advt. No. 1989/NHM/2025-26 Dt.29.05.2025

**REQUEST FOR PROPOSAL FOR EMPANELMENT OF THE AGENCIES / FIRM FOR PROVIDING X-RAY SERVICES AT THE SC AAM FACILITIES**

Sealed proposals as per prescribed RFP document are invited from interested eligible bidders for EMPANELMENT OF THE AGENCIES / FIRM FOR PROVIDING X-RAY SERVICES AT THE SC AAM FACILITIES. The eligible criteria, the details requirement of teh said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposals(s) complete in all respect should reach the undersigned on or before 11.00 AM of 10.06.2025 through Regd / Speed Post & Courier and the same will be opened on 10.06.2025 at 11.30 AM in the NHM Conference Hall, O/O the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer
Mayurbhanj

OIPR-10020/11/0034/2526

**OFFICE OF THE COLLECTOR & DISTRICT MAGISTRATE, BALASORE**
**BID INVITATION NOTICE FOR TRANSPORTATION OF MDM FOOD GRAIN IN BALASORE DISTRICT**

No:- 6671 Date:- 29.05.2025

Sealed quotations (Technical & Financial) in the prescribed format are again invited from the intending Registered/ Authorized/ Licensing Transport Contractors/ Persons fulfilling the Terms & Conditions as specified in the Tender Papers, for Handling and Transportation of food grain under MDM Programme (PM Poshan Scheme & Mukhyamantri Poshan Yojana) in respect of Balasore District for the year 2025-26. The interested Bidders shall submit the technical & financial Bid along with tender paper cost of Rs. 20,000/-(non refundable) latest by 23.06.2025 (4.00 P.M) to the office of the District Education Officer, Balasore. Tender papers shall be opened on 24.06.2025 at 4.00 P.M in the Office Chamber of Collector & District Magistrate, Balasore. For detailed terms & conditions, kindly visit district website https://balasore.odisha.gov.in. The authority reserves the right to reject any or all tenders without assigning any reason thereof.

Sd/-
Collector & District Magistrate,
Balasore

OIPR-19402/11/0002/2526 n-58

T-27

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ସ୍ତରୀୟ ଯୁକ୍ତ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୩୦.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ସମ୍ବଲପୁର ଜିଲ୍ଲାରେ ତା ୦୨.୦୬.୨୦୨୫ ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁକ୍ତ ଅଭିଯୋଗ ଶୁଣାଣି ତା ୦୨.୦୬.୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା ୦୩.୦୬.୨୦୨୫ରିଖ (ମଙ୍ଗଳବାର)ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ । ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁକ୍ତ ଶୁଣାଣି କାର୍ଯ୍ୟକ୍ରମ ତା ୦୨.୦୬.୨୦୨୫ ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁକ୍ତ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0133/2526

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ଏକକ ସିଫ୍ଟରେ ନିଟ୍-ପିଜି ...

ସମ୍ପୂର୍ଣ୍ଣ ପାରଦର୍ଶିତାଜନିତ ସ୍ୱଚ୍ଛ ଭାବେ ଆୟୋଜନ କରିବା ପାଇଁ ଏନ୍‌ଟିଏ ପ୍ରସ୍ତୁତି କରିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଏନ୍‌ଟିଏ ପକ୍ଷରୁ ଗୋଟିଏ ସିଫ୍ଟରେ ପରୀକ୍ଷା କରାଯିବାରେ ରହିଥିବା ସମସ୍ୟାସବୁ ସମ୍ପର୍କରେ ମଧ୍ୟ ଯୁକ୍ତି ରଖାଯାଇଥିଲା। ଏନ୍‌ଟିଏ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ୍ କହିଥିଲେ ଅନ୍‌ଲାଇନ୍ ମୋଡ୍‌ରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଗୋଟିଏ ସିଫ୍ଟରେ ହିଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ବସିବାର ଆବଶ୍ୟକ ସୁବିଧା ତଥା ଭିତ୍ତିଭୂମିର ଅଭାବ ରହିଛି। ଅନ୍ୟପକ୍ଷେ ଆବେଦନକାରୀଙ୍କ ଓକିଲ କୋର୍ଟରେ ଯୁକ୍ତି ଦେଇଥିଲେ ଯେ ଡବଲ୍-ସିଫ୍ଟ ପରୀକ୍ଷା 'ମେରିଟ୍' ଅପେକ୍ଷା 'ଭାଗ୍ୟ'କୁ ପ୍ରାଥମିକତା ଦେଇଥାଏ। ଦୁଇଟି ସିଫ୍ଟରେ ପରୀକ୍ଷା ପରିଚାଳନା ସମ୍ବିଧାନର ଧାରା ୧୪ ଅନୁଯାୟୀ ପ୍ରାର୍ଥୀଙ୍କ ଅଧିକାରକୁ ଉଲ୍ଲଂଘନ କରିଥାଏ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଦୁଇଟି ବଦଳରେ ଗୋଟିଏ ସିଫ୍ଟ ବା ଗୋଟିଏ ସିଟିଂରେ ହିଁ ନିଟ୍-ପିଜି ପରୀକ୍ଷା କରିବାକୁ ସୁପ୍ରିମ୍‌କୋର୍ଟ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ ଏବଂ ଏହାନୁସାରେ ପ୍ରସ୍ତୁତି କରିବାକୁ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ, ପୂର୍ବ ନିର୍ଦ୍ଧାରିତ ଜୁନ୍ ୧୫ ତାରିଖରେ ଦେଶବ୍ୟାପୀ ନିଟ୍-ପିଜି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ୨ଟି ସିଟିଂରେ ଏହି ପରୀକ୍ଷା କରିବାକୁ ଏନ୍‌ଟିଏ ଯୋଜନା କରୁଥିଲା। କିନ୍ତୁ ଆଶାୟୀଙ୍କ ମଧ୍ୟରୁ କିଛି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସୁପ୍ରିମ୍‌କୋର୍ଟ ଏହି ମାମଲାରେ ଶୁଣାଣି କରିଛନ୍ତି।

### ନଗଦ ୨ କୋଟି ୫୬ ଲକ୍ଷ ...

ଦାମୀ ଶାଢ଼ି, ଦାମୀ ବ୍ୟାଗ୍ ଓ ପର୍ସ ମିଳିଛି ଯାହା ଆଖି ଖୋସିଦେଲା ଭଳି ହୋଇଛି। ଏହି ଚଢ଼ଉରେ ୮ ଜଣ ଡିଏସ୍‌ପି, ୧୨ ଜଣ ଇନ୍‌ସପେକ୍ଟର, ୬ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ସାମିଲ ଅଛନ୍ତି। ଅନୁଗୁଳ ଭିଜିଲାନ୍ସର ସ୍ପେଶାଲ୍ ଜଜ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ଘରୁ ବିପୁଳ ଟଙ୍କା ଓ ସମ୍ପତ୍ତି ତାଲିକା ମିଳିବା ପରେ ସେ କେଉଁ କେଉଁ ପ୍ରକଳ୍ପରେ କାର୍ଯ୍ୟ କରିଛନ୍ତି, ତାକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ ଜେଠୱା। ଗତ ଫେବୃଆରୀରେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ସୁପାରିଶ୍‌ରେ ବୈକୁଣ୍ଠନାଥଙ୍କୁ ଭୁବନେଶ୍ୱର ମୁଖ୍ୟାଳୟକୁ ବଦଳି ହୋଇ ଆସିଥିବା କୁହାଯାଉଛି। ତେଣୁ ତାଙ୍କ ପଛରେ ଓ ସାଙ୍ଗରେ ଆଉ କିଏ ଅଛନ୍ତି, ତାକୁ ନେଇ ଚର୍ଚ୍ଚା ଚାଲିଛି। ଯଦି ବୈକୁଣ୍ଠ ଅବସର ନେଇଥାଆନ୍ତେ ତେବେ ମଧ୍ୟ ଚଢ଼ଉ ହୋଇଥାନ୍ତା ବୋଲି ଜେଠୱା କହିଛନ୍ତି।

### ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ...

ଦିନଧରି ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ଏବେ ଲଗାଣ ବର୍ଷାରେ ଲାଗିବ ବ୍ରେକ୍। ଏନେଇ ଆଗକୁ ସେଭଳି ବଡ଼ ଧରଣର ବର୍ଷା ସମ୍ଭାବନା ନଥିବା ବେଳେ ମୋସୁମୀଜନିତ ବର୍ଷା ପରିମାଣ ମଧ୍ୟ ସେଭଳି ଦେଖିବାକୁ ମିଳିବ ନାହିଁ। ଗତ ୨୪ ଘଣ୍ଟାରେ ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ ହୋଇଥିବା ବେଳେ ଅଧିକ ବର୍ଷା ବରଗଡ଼ ୫୭ ମିମି ବର୍ଷା ରେକର୍ଡ କରଯାଇଛି । ସେପଟେ ଆସନ୍ତା ୨୪ ଘଣ୍ଟାରେ କାଁଭାଁ କେତେକ ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ବର୍ଷାହେବା ସମ୍ଭାବନା ରହିଛି ।

### ଅନ୍ୟ ରୁଟ୍ ଗାଡ଼ିକୁ ପୁରୀ ...

ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୁଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରାଯାଇଛି। ପ୍ରତିବର୍ଷ ଭଳି ଚଳିତଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟ ରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା। ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଂଘ ଧ୍ୟାନଦେବାକୁ କହିଛନ୍ତି ପରିବହନ ଆୟୁକ୍ତ। ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ୍ ଓ ଅଟୋରେ ଭଡ଼ା ସଂପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି। ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୁଲିସ ଓ ପୁରୀ ଆର୍‌ଟିଓ ବିଶେଷ ଧ୍ୟାନଦେବାକୁ ନିଷ୍ପତ୍ତି ହୋଇଛି । ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ତରଫରୁ ମୌଳିକ ସୁବିଧା ଉପଲବ୍ଧ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ବସ୍ ଷ୍ଟପ୍‌ରେ ଯେଭଳି ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅସାମାଜିକମାନଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସ୍‌ଷ୍ଟାଣ୍ଡରେ ମନିଟର କରାଯିବ। ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ। ବସ୍‌ଗୁଡ଼ିକରେ ଫାଷ୍ଟଏଡ୍ କିଟ୍ ଓ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ମହଜୁଦ୍ ରହିବ ଓ ତାହା ଏସଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିମାନଙ୍କ ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆର୍‌ଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ। ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ। କୋଣାର୍କ- ପୁରୀ ରୁଟ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଲାଗୁହେବ। ସମସ୍ତ ବିଭାଗ, ଗାଡ଼ିମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ। ତାଳବଣିଆରୁ ଜିଲ୍ଲା ହାଇସ୍କୁଲ ନିଃଶୁଳ୍କ ନେବା ଆଣିବା ପାଇଁ ପ୍ରଶାସନ ୧୦୦ ଅଟୋ ବ୍ୟବସ୍ଥା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ଆରପାରିରେ ଓଡ଼ିଶା ...

ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହୋଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଓଡ଼ିଶା ବିଜେପିରେ ସେ ଥିଲେ ପ୍ରଥମ ବିଧାୟକ। ସେ ଜଣେ ଭଲ ମଣିଷ ଥିଲେ। ରାଜନୈତିକ କ୍ୟାରିୟର୍ ଭିତରେ ସେ ନିଜ ଅଞ୍ଚଳ ପାଇଁ ଅନେକ ଭଲ କାର୍ଯ୍ୟ କରିଥିଲେ। ଯେମିତି ଥିଲେ ଜଣେ ସଚ୍ଚୋଟ, ସ୍ପଷ୍ଟବାଦୀ, ସେମିତି ଥିଲେ ନିରହଂକାରୀ। ତାଙ୍କ ମୃତ୍ୟୁରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

### ସିକ୍କିମ୍ ଦୁର୍ଘଟଣା, ଚାରି ଓଡ଼ିଆ ...

ପରିବାର ଲୋକେ ସିକ୍କିମ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଇତିଶ୍ରୀଙ୍କ ସହିତ ତାଙ୍କର ସମ୍ପର୍କୀୟ ସିକ୍କିମ୍ ବୁଲି ଯାଇଥିଲେ। ଗତକାଲି ସେମାନେ କାଲାପଥର ଓ ଅନ୍ୟାନ୍ୟ ସ୍ଥାନ ବୁଲାବୁଲି କରି ରାତି ପ୍ରାୟ ୯ଟା ବେଳେ ୨ଟି ଗାଡ଼ିରେ କିଛି ଅଣଓଡ଼ିଆ ପର୍ଯ୍ୟଟକଙ୍କ ସହ ଲାଚେନ୍‌ରୁ ଲାଚୁଙ୍ଗ ଫେରୁଥିଲେ। ତେବେ କିଛି ବାଟ ଯିବା ପରେ ଆଗ ଗାଡ଼ିର ଲୋକେ ଦେଖିଲେ ପଛ ଗାଡ଼ିଟି ଆସୁନାହିଁ। ଅନ୍ୟ ଗାଡ଼ିଟି କାହିଁକି ଆସୁନି ବୋଲି ଭାବି ସେମାନେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଏନେଇ ପୁଲିସକୁ ଖବର ଦେଇଥିଲେ। ଆଉ ତା'ପରେ ସାମ୍ନାକୁ ଆସିଥିଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ତେବେ ଲାଚେନ୍‌ରୁ ଲାଚୁଙ୍ଗ ଫେରୁଥିବା ବେଳେ ଇତିଶ୍ରୀ ଯେଉଁ ଗାଡ଼ିରେ ବସିଥିଲେ, ତାହା ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦୦ ଫୁଟ୍ ତଳକୁ ଖସି ତିସ୍ତା ନଦୀରେ ପଡ଼ିଥିଲା। ସେହିପରି ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଓଡ଼ିଶାରୁ ଦୁଇଜଣ ବରିଷ୍ଠ ଅଧିକାରୀ ସିକ୍କିମ୍ ଯାଇଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ବା 'ଏସ୍‌ଟିଏ'ର ଅତିରିକ୍ତ କମିଶନର ଦୀପ୍ତି ପାତ୍ର ଓ ଜଏଣ୍ଟ କମିଶନର ବିକାଶ ଚୌଧୁରୀ ସିକ୍କିମ୍ ଯାଇଛନ୍ତି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନରେ ଏହି ଅଧିକାରୀମାନେ ସହଯୋଗ କରିବେ। ସେହିପରି ସିକ୍କିମ୍ ସରକାରଙ୍କ ସହ ଓଡ଼ିଶା ସରକାର ନିରନ୍ତର ଯୋଗାଯୋଗରେ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରେମ୍ ସିଂହ ତମାଙ୍ଗଙ୍କ ସହ ...

ଜେନା ମଧ୍ୟ ଅଛନ୍ତି। ଇତିଶ୍ରୀ ଏହି ଟୁରିଷ୍ଟ ଦଳ ସହିତ ନିଜ ସ୍ୱାମୀ ଓ ୨ ଝିଅଙ୍କୁ ନେଇ ଯାଇଥିଲେ। ସ୍ଥାନୀୟ ପୁଲିସ୍ ଓ ପ୍ରଶାସନ ସହ ଏକ ସ୍ୱତନ୍ତ୍ର ଟିମ୍ ପଠାଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ସିକ୍କିମ୍ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ନିମ୍ନମାନର ନିର୍ମାଣ ଓ ଅନିୟମିତତା**

# ପାର୍କିଂ, ହାଇମାଷ୍ଟ ଲାଇଟ୍ ଓ ଲିଫ୍ଟ କାର୍ଯ୍ୟର ତଦନ୍ତ ଦାବି

**କଣ୍ଟିଲୋ,୩୦।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ତଥା ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଏବଂ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରର ଉନ୍ନତିକରଣ ପାଇଁ ତତ୍କାଳୀନ ବିଜେଡି ସରକାର ୧୦୦ କୋଟି ଟଙ୍କା ଅର୍ଥ ରାଶି ଗତ ୨୦୨୨ ମସିହାରେ ମଞ୍ଜୁର କରି ୧୮ ମାସ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଶେଷ କରିବା ପାଇଁ ଓବିସିସି ବିଭାଗ ମାଧ୍ୟମରେ ବଂସଲ ଠିକା ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷର କରିଥିଲେ। ମାତ୍ର ନିମ୍ନମାନର କାର୍ଯ୍ୟ ଓ ଅନିୟମିତତା ସମ୍ପର୍କରେ ବହୁବାର ଦୈନିକ ଓଡ଼ିଆ ଖବର କାଗଜ 'ନିତିଦିନ'ରେ ଖବର ପ୍ରସାରିତ ହେଉଥିଲେ ମଧ୍ୟ ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ, ତହସିଲ, ଜିଲ୍ଲା ଓ ରାଜ୍ୟ ପ୍ରଶାସନ ଏବଂ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କଠାରୁ ସର୍ବୋଚ୍ଚ ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଚୁପ୍ ହୋଇ ବସିଛନ୍ତି। ସେହି ନିମ୍ନମାନର କାର୍ଯ୍ୟଗୁଡ଼ିକ ମଧ୍ୟରୁ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ଗାଡ଼ି ପାର୍କିଂ ପ୍ଲେସ, ହାଇମାକ୍ସ ଲାଇଟ୍ ଓ ଶ୍ରୀଜିଉଙ୍କ ପଶ୍ଚିମ ଦ୍ୱାର ପାର୍ଶ୍ୱ ଲିଫ୍ଟ।

ପ୍ରକାଶ ଯେ ଏତେ ନିମ୍ନମାନର କାର୍ଯ୍ୟ ହୋଇଛି ଯେ ଟିକିଏ ବର୍ଷାରେ ପାର୍କିଂ ପ୍ଲେସ୍‌ରେ ଦୁଇ ତିନି ଫୁଟ ପାଣି ଜମି ରହୁଛି। ଆଗକୁ ବର୍ଷା ଋତୁ ଆସୁଛି, ହାଇମାକ୍ସ ଲାଇଟ୍‌ଗୁଡ଼ିକ ଲୁଚକାଳି ଖେଳ ଖେଳୁଛନ୍ତି, ଆଜି ସୁଦ୍ଧା ପଶ୍ଚିମ ଦ୍ୱାର ଲିଫ୍ଟ ସାର୍ବଜନୀନ ହେଲା ନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ସମୟ ପୂର୍ବରୁ ଓବିସିସି ଓ ବଂଶଲ କମ୍ପାନୀ ଠିକା ସଂସ୍ଥା କହୁଥିଲେ ରାଷ୍ଟ୍ରପତି ଏହି ଲିଫ୍ଟକୁ ଉଦ୍‌ଘାଟନ କରିବେ। ଏବେ ରାଷ୍ଟ୍ରପତି କଣ୍ଟିଲୋ ଗସ୍ତ ସାରି ଫେରିବାର ୬୬ ଦିନ ବିତିଗଲାଣି, ଅଥଚ ଲିଫ୍ଟ ସର୍ବସାଧାରଣଙ୍କ ସେବାରେ ଲାଗୁନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହା ସେବାରେ ଲାଗିପାରୁନାହିଁ। ଏହାର ଏକମାତ୍ର କାରଣ



ହେଉଛି ସାଧାରଣ ଜନତାଙ୍କୁ ଭୁଆଁ ବୁଲାଇବା। ଦ୍ୱିତୀୟତଃ ଓବିସିସି ଓ ବଂସଲ ଠିକା ସଂସ୍ଥା ବ୍ଲକ, ତହସିଲ, ଜିଲ୍ଲା ଓ ରାଜ୍ୟ ପ୍ରଶାସନ ଓ ରାଜନେତା ଏବଂ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିଜ ନିୟନ୍ତ୍ରଣରେ ରଖିଥିବା ଅଭିଯୋଗ ଉଠିଛି। ସେ କରୁଥିବା ନିମ୍ନମାନର କାର୍ଯ୍ୟର ତଦନ୍ତ ନକରି ଦୀର୍ଘ ତିନି ବର୍ଷ ହେବ ସମସ୍ତେ ଅଚିନ୍ତା ନିଦରେ ଶୋଇଯାଇଛନ୍ତି। ଏବେ ଆସ୍ତେ ଆସ୍ତେ ଓବିସିସି ବିଭାଗ କର୍ମଚାରୀ ଓ ବଂଶଲ ଠିକା ସଂସ୍ଥାର କର୍ମଚାରୀମାନେ ସେମାନଙ୍କର ଦୋଷ ଦୁର୍ବଳତାକୁ ଘୋଡ଼େଇବା ପାଇଁ ରାତି ଅଧିଆ ସବୁ ଜିନିଷ ପତ୍ର ଟ୍ରକ୍‌ରେ ଧରି କଣ୍ଟିଲୋ ଛାଡୁଥିବା କେତେକ ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ସାଧାରଣରେ ଅଭିଯୋଗ ହେଉଛି ଯେ ଗତ ବିଜେଡି ସରକାର ତ ନିମ୍ନମାନର କାର୍ଯ୍ୟ ଓ ଦୁର୍ନୀତିର ତଦନ୍ତ କଲେ ନାହିଁ। ହେଲେ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାର ଦୁର୍ନୀତିର ମୂଳ ଉତ୍ପାଟନ କରିବେ ବୋଲି ଡିଣ୍ଡିମ ପିଟୁଛନ୍ତି। ମାତ୍ର ଆଜକୁ ଶାସନ ଭାର ନେବାର ଗୋଟିଏ ବର୍ଷ ପୂର୍ତ୍ତି ହୋଇଥିଲେ ମଧ୍ୟ ତଦନ୍ତ ନକରି ନିରବରେ ବସିଛନ୍ତି ବୋଲି ସାଧାରଣ ଜନତା ଅଭିଯୋଗ କରୁଛନ୍ତି। ତେଣୁ ଓବିସିସି ଓ ବଂଶଲ କମ୍ପାନୀ ଠିକା ସଂସ୍ଥା କରୁଥିବା ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟଗୁଡ଼ିକୁ ଯଥା ଶୀଘ୍ର ବର୍ତ୍ତମାନର ସରକାର ତଦନ୍ତ କରି ବିହିତ ପଦକ୍ଷେପ ନେବା ସହିତ ସର୍ବସାଧାରଣ ଜନତାଙ୍କ ଆବଶ୍ୟକତା ମୌଳିକ ଅଧିକାର ଓ ସେବା ଯୋଗାଇ ଦେବା ପାଇଁ ହଜାର ହଜାର ଜନତା ସ୍ଥାନୀୟ ବିଧାୟକ ଓ ନୟାଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ରାସ୍ତାରେ ଜମୁଛି ପାଣି, ଲୋକେ ହନ୍ତସନ୍ତ



**ମାହାଙ୍ଗା,୩୦।୫/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାବେଳେ ମାହାଙ୍ଗା ଅଞ୍ଚଳର ବିଭନ୍ନ ଗାଁ ଗହଳିଠାରୁ ଆରମ୍ଭ କରି ଛକ ବଜାର, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଜନସାଧାରଣ ଯାତାୟତାରେ ନାନା ଅସୁବିଧାର ସମ୍ମୁଖିନ ହେବା ସହ ଦୁର୍ଘଟଣା ଘଟୁଛି। ବିଶେଷ କରି ମାହାଙ୍ଗା ବ୍ଲକ ନିକଟ ଜଳେଶ୍ୱରପୁର ପରିଡ଼ାପାଟଣା ସାହୁ ସାହିଠାରୁ ବାରିକ ସାହି ରାସ୍ତା, ବାସୁଦେବପୁର ପଞ୍ଚାୟତ ବାଣପୁର ଗ୍ରାମର ୧୫ ନଂ ୱାର୍ଡ ରାଉତସାହି ନିକଟ, କୁଣ୍ଡି ପଞ୍ଚାୟତ ନନ୍ଦକିଶୋରପୁର ଜୟପୁର ବେନୁପୁରା ଗ୍ରାମ ଉନ୍ନୟନ ରାସ୍ତାର ହରିଜନ ସାହି, ଜଗନ୍ନାଥପୁର ୧୧ ନଂ ୱାର୍ଡ ମୁସଲମାନ ସାହି, ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟାଳୟ ସମ୍ମୁଖ ରାସ୍ତା ସମେତ ବହୁ ସ୍ଥାନରେ ପାଣି ଜମୁଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଗୁଡ଼ିକରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଉକ୍ତ ସ୍ଥାନଟି ଖାଲୁଆ ହୋଇଥିବାରୁ ପାଣି ଜମି ରହିବା ଫଳରେ ଅଳିଆ ଆବର୍ଜନା ପଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିସହ ଦୂଷିତ ପାଣି ଦ୍ୱାରା ଲୋକମାନଙ୍କଠାରେ ବିଭିନ୍ନ ପ୍ରକାର ଚର୍ମରୋଗ ଦେଖାଦେବା ସହ ମଶା ବଂଶ ବୃଦ୍ଧି ଘଟୁଛି। ଖାଲ ଖମା ଯୋଗୁଁ ପାଣି ଜମି ରହିବା ଦ୍ୱାରା ପଥଚାରୀମାନେ ଜାଣି ନ ପାରି ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଡ୍ରେନେଜ୍‌ର ବ୍ୟବସ୍ଥା କରାଯାଇ ଜଳ ନିଷ୍କାସନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁଇଟି ରାସ୍ତାର ହେବ ଉନ୍ନତିକରଣ

**କୁଆଁପାଳ,୩୦।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗାର ବିଧାୟକ ସାରଦା ପ୍ରସାଦ ପ୍ରଧାନ ଗତକାଲି ପୂର୍ବମାହାଙ୍ଗା ଅଞ୍ଚଳର ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ୧୬ନଂ ଡ୍ରେନେଜ୍ କଟ୍ ଉପରେ ଭଦ୍ରେଶ୍ୱର ପଞ୍ଚାୟତର ପୁରୁଷୋତ୍ତମପୁର ଠାରୁ କଟରପଡ଼ା, ଭାୟା ଚୁଙ୍ଗୁଡିଆମୁହଁ ରାସ୍ତା ୮କି.ମିର ଉନ୍ନତିକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି। ସେହିଭଳି ନାହାଙ୍ଗ ପଞ୍ଚାୟତର ଅଚ୍ୟୁତପୁର ଡାହାଳିଆ ପଡ଼ିଆଠାରୁ କରୁଜଙ୍ଗା ପଞ୍ଚାୟତର ମଙ୍ଗଳପୁର, ଭାୟା ଗୋବିନ୍ଦପୁର ଏବଂ ଗୋପାଳପୁର ରସ୍ତା ୫କି.ମି.ର ଉନ୍ନତିକରଣ କରାଯିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ



ମଧ୍ୟ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କୌଣସି ଜନପ୍ରତିନିଧି ଏଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରି ନଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଦୁଇଟି ରାସ୍ତା ଉନ୍ନତିକରଣ ହେଲେ ସାଧାରଣ ଲୋକଙ୍କ ଗମନାଗମନରେ ଉପୁଜୁଥିବା ସମସ୍ୟା ଦୂର ହୋଇପାରିବ ବୋଲି ବିଧାୟକ ମତ ଦେଇଥିଲେ। ବିଧାୟକଙ୍କ ଏଭଳି ଜନହିତକର ପଦକ୍ଷେପକୁ ନାହାଙ୍ଗା, ଭଦ୍ରେଶ୍ୱର,ଗୋପାଳପୁର, କୁରୁଜଙ୍ଗା ଏବଂ ଗୋତରା ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

## ଆରମ୍ଭହେଲା ଲେଖାଶ୍ରୀ ଭାଗବତ ଅଭିଯାନ




**କୁଆଁପାଳ,୩୦।୫/ଏନ୍‌ଏନ୍‌ଏସ୍:** ପବିତ୍ର ଅମାବାସ୍ୟା ଦିନ ମାହାଙ୍ଗାର ପ୍ରାଚୀନ ପୀଠ ଶ୍ରୀ ଶ୍ରୀ ବିନୋଦବିହାରୀ ମନ୍ଦିର ପ୍ରାଙ୍ଗଣରେ ତାଡିସରୁ ମିଶନ ପକ୍ଷରୁ ପଦ୍ମଶ୍ରୀ ପୂର୍ଣ୍ଣମାସି ଜାନିଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଶ୍ରୀମଦ୍ ଭାଗବତ ପାରାୟଣର ଷଷ୍ଠ ଦିବସରେ ଶ୍ରୀ ଭାଗବତ ଅଭିଯାନ ପବିତ୍ର ସାବିତ୍ରୀ ଅମାବାସ୍ୟା ଦିନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ କାର୍ଯ୍ୟକ୍ରମର ସଂଚାଳକ ତଥା ଶିଶୁ ଶଲ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ବନୋଜ ରାୟ ଯୋଗଦେଇ ଭାଷା ସଂସ୍କୃତି ଓ ଓଡ଼ିଆର ଅସ୍ମିତାକୁ ବଜାୟ ରଖିବାକୁ ଭାଗବତ ପଠନର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରଥମେ ଆଇନଜୀବୀ ସତ୍ୟନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିଶନର ସଭାପତି ମନୋଜ ମଞ୍ଜରୀ ଦେଓ ସମବେତ ମାଆ ଓ ଝିଅମାନଙ୍କ ସହ ଭାଗବତ ଆବୃତ୍ତି କରାଇବା ସହ ଶ୍ରୀ ଚିଟାଉ ଲେଖାଇଥିଲେ। ଭାଗବତ ପାରାୟଣର ବ୍ୟାସ ବାବା ଗୌରାଙ୍ଗ ଦାସ, ଭାରତଭୂଷଣ ପଟ୍ଟନାୟକ, ମନୋଜ ମହାନ୍ତି, ମହେନ୍ଦ୍ର ଦାସ ଓ ଅମରେନ୍ଦ୍ର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚକ୍ରଧର ମହାରଣା, ମୁକୁନ୍ଦ ଚାଳନ, ଲିଲିମାରାଣୀ ସାହୁ, ଶୋଭାରାଣୀ ସାହୁ, ଶୁଭସ୍ମିତା ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଓ ମାଆମାନେ ଯୋଗଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ଭାଗବତପାରାୟଣ କମିଟିର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ଘରେ ପଶି ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ନୟାହାଟ,୩୦।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। କେତେକ ଅସାମାଜିକ ବ୍ୟକ୍ତି ଏକ ମଠରେ ପଶି ବାବା ଓ ମାତାଙ୍କୁ ଆକ୍ରମଣ କରିବାବେଳେ ମାତା ଅନୁରାଧା ସ୍ୱାଇଁ ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଘରୁ ୧ଲକ୍ଷ ଟଙ୍କା ଲୁଟି ନେଇଥିବା ନୟାହାଟ ଫାଣ୍ଡିରେ ଶୁକ୍ରବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇସାଣପୁର ପଞ୍ଚାୟତର କଦମ୍ବପାଟଣା ଗ୍ରାମର କେଳାସାଇ ନିକଟରେ ମଠ କରି ରହୁଥିବା ବାବା ବାନାମ୍ବର ସ୍ୱାଇଁଙ୍କ ଘରକୁ ଶୁକ୍ରବାର ଦିନ ୧୧ଟା ସମୟରେ ହଠାତ୍ କଦମ୍ବ ପାଟଣା ଗ୍ରାମର ଦୁଇଜଣ ମହିଳା, ଜଣେ ପୁରୁଷ ଓ ଆମପଡ଼ା ଗ୍ରାମର ଜଣେ ପୁରୁଷ ପଶିଆସିଥିଲେ। ମଠ ଘରେ ପଶି ବାନାମ୍ବର ବାବା ଓ ତାଙ୍କ ପତ୍ନୀ ଅନୁରାଧାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଘରେ ଆସବାପତ୍ର ଫିଙ୍ଗିବା ସହିତ ଝିଅ ବିଭାଘର ପାଇଁ ରଖିଥିବା ୧ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଆକ୍ରମଣରେ ମାତା ଅନୁରାଧା ସ୍ୱାଇଁଙ୍କ ବାମହାତ ଆଘାତ ଲାଗିଥିବାରୁ ସେ ଚରିଛାକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଥାଉକି ମାଡ଼ ମାରିବାକୁ ଆସିଥିବା ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗ୍ରାମବାସୀ ମଠ ଘରେ ତାଲା ପକାଇ ନୟାହାଟ ପୁଲିସକୁ ଚାବି ହସ୍ତାନ୍ତର କରିଥିଲେ। ଜମିଜମା ମାମଲାକୁ କେନ୍ଦ୍ରକରି ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡ଼ିଛି।

## କଣାସ ବଜାର ସେତୁ ଶୋଚନୀୟ

**କଣାସ,୩୦।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ଗମନାଗମନ ଉପରେ ଅଧିକ ଗୁରୁତ୍ୱ ଦେଇ ରାସ୍ତା ଓ ସେତୁ ନିର୍ମାଣ କରୁଥିବାବେଳେ ସେଗୁଡ଼ିକୁ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉଦାସୀନତା ଯୋଗୁଁ ରାସ୍ତା ଓ ସେତୁ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ବଜାରଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ୧୩ କିମି ପୂର୍ତ୍ତ ବିଭାଗ ରାସ୍ତା ନିକଟରେ ନିର୍ମାଣ କରାଯାଇଥିବାବେଳେ କଣାସ ବଜାରର କଣାସ କଲେଜ ନିକଟରେ ଥିବା ବହୁ ପୁରାତନ ସେତୁର ଉପରି ଭାଗ ଢଳାଇ ଛାଡି ଲୁହା ରଡ୍‌ମାନ ଦୀର୍ଘଦିନ ହେଲା



ବାହାରି ପଡ଼ିଥିବାରୁ ଦୁଇ ଚକିଆ ଓ ଚାରି ଚକିଆ ଯାନ ବହୁ ବାର ଦୁର୍ଘଟଣାର ଶିକାର ହେଉଛି। ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବାରୁ ଅଧିକାରୀମାନଙ୍କର ଦେଖା ମିଳୁ ନାହିଁ। ଏଥିପ୍ରତି ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେବା ପାଇଁ ଅଞ୍ଚଳ ପକ୍ଷରୁ ଦାବି ହେଉଛି।

## ଗୋଚ୍ଛା ଜଙ୍ଗଲରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ଶରଣକୁଳ,୩୦।୫/ଏନ୍‌ଏନ୍‌ଏସ୍:** ପଞ୍ଚିରିଡ଼ା ବନାଞ୍ଚଳ ଅନ୍ତର୍ଗତ ଗୋଚ୍ଛା ସରକ୍ଷିତ ଜଙ୍ଗଲ ମଧ୍ୟରୁ ଶରଣକୁଳ ପୁଲିସ ଶୁକ୍ରବାର ସକାଳୁ ଜନୈକ ଯୁବକଙ୍କର ଅର୍ଦ୍ଧଦଗ୍ଧ ମୃତ ଶରୀର ଜବତ କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଯୁବକ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ଗୋଚ୍ଛା ଗ୍ରାମର ସୂର୍ଯ୍ୟମଣୀ ପ୍ରଧାନ (୪୨)। ପ୍ରକାଶ ଥାଉକି ସୂର୍ଯ୍ୟମଣୀ କିଛି ଲୋକଙ୍କ ସହିତ ଗାଁ ପାଖରେ ଥିବା ଜଙ୍ଗଲକୁ ଯାଇଥିଲେ। ରାତିରେ ସୂର୍ଯ୍ୟମଣୀ ଘରକୁ ଫେରି ନଥିବା ବେଳେ ଶୁକ୍ରବାର ସକାଳେ ତାଙ୍କର ମୃତ ଶରୀର ଜଙ୍ଗଲ ମଧ୍ୟରେ ପଡ଼ିଥିବା ଜଣାପଡ଼ିଥିଲା। ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲ ଭିତରେ ଶବଦାହ କରାଯାଇଥିଲା। କୌଣସି ସୂତ୍ରରୁ ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳାଇ,ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ସଦଳବଳେ ଜଙ୍ଗଲର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିବା ବେଳେ ଘଟଣା ସ୍ଥଳେ ପହଞ୍ଚି ଅର୍ଦ୍ଧଦଗ୍ଧ ଶବ ଜବତ କରିଥିଲେ। ଏଥିନେଇ ପୁଲିସ ଏକ ମାମଲା ରୁଜୁ କରି ଅର୍ଦ୍ଧଦଗ୍ଧ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଶବଦାହ କରୁଥିବା ବ୍ୟକ୍ତି ମାନଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ଖୋଲୁନି ସରକାରୀ ଧାନମଣ୍ଡି

**କଣାସ,୩୦।୫/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ କଣାସ ବ୍ଲକର କୌଣସି ସମବାୟ ସମିତିରେ ମଣ୍ଡି ଖୋଲିନାହିଁ। ଆନ୍ଧ୍ରର ଧାନ ବେପାରୀମାନେ କଣାସ ଅଞ୍ଚଳ ଦଲାଲମାନଙ୍କୁ ଧରି ଶାଗ ମାଛ ଦରରେ ଧାନ ସଂଗ୍ରହ କରି ନେଉଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସମବାୟ ସମିତି ଗ୍ରାମ୍ୟ ମହାଜନମାନଙ୍କଠାରୁ ଚଢ଼ା ଦରରେ ସୁଧ ଆଣି ରବି ଧାନ ଚାଷ କରିଥିଲେ। ଚାଷୀମାନେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ଧାନ ବିକ୍ରୟ କରୁଥିବା ଚାଷୀମାନେ କହିଛନ୍ତି। ଗତକାଲି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ କଣାସଠାରେ କଣାସ ପଞ୍ଚାୟତର ବଡଚାଷୀ ଶ୍ରୀକାନ୍ତ ପଟ୍ଟ ଯୋଶୀଙ୍କ ନେତୃତ୍ୱରେ ୧୦ରୁ ୧୫ ଜଣ ଚାଷୀ ଏକତ୍ରିତ ହୋଇ ତୁରନ୍ତ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ।

## ରାଜ୍ୟପାଳଙ୍କ ଓଡ଼ଗାଁ ଗସ୍ତ ବାତିଲ୍, ଅଧାରେ ରହିଲା ନେପାଳବାସୀଙ୍କ ସ୍ୱପ୍ନ

**ଓଡ଼ଗାଁ,୩୦।୫/ଏନ୍‌ଏନ୍‌ଏସ୍:** ରାଜ୍ୟପାଳଙ୍କ ଓଡ଼ଗାଁ ଗସ୍ତ ବାତିଲ ହେବାରୁ ନେପାଳବାସୀଙ୍କ ସ୍ୱପ୍ନ ଅଧାରେ ରହିଯାଇଛି। କିଛି ବର୍ଷ ହେବ ନେପାଳ ଗ୍ରାମବାସୀ ସବୁ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି।

ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବାଣ୍ଡପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ନେପାଳ ଗାଁରେ ୨୫ ପରିବାର ବସବାସ କରିଥାନ୍ତି। ଏଠି ପାନୀୟ ଜଳ ଯୋଗାଣଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସୁବିଧା ଭୁଶୁଡ଼ି ପଡ଼ିଛି। ବଡ଼କଥା ହେଉଛି ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଏଠି ଆଦିବାସୀମାନଙ୍କ ପାଇଁ ଡିବିରି ଆଲୁଅ ହିଁ



ଏକମାତ୍ର ଭରସା। ଜଙ୍ଗଲିଆ ରାସ୍ତାରେ ୪ କିଲୋମିଟର ଗଲେ ପଞ୍ଚାୟତକୁ ଆସିବାକୁ ପଡ଼ିଥାଏ। ଆବାସ ଯୋଜନା ଗାଁରେ ସ୍ୱପ୍ନ ପାଲଟିଥିବାବେଳେ ନେଟୱ୍ୱର୍କ ସୁବିଧା ନାହିଁ। ଲୋକମାନେ ପିଇବା ପାଣି ପାଇଁ ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି। ସେହିଭଳି ଗାଁରେ ଅଧାଗଢ଼ା ଅବସ୍ଥାରେ ଅଙ୍ଗନବାଡ଼ି ଗୃହ ପଡ଼ିରହିଛି। ବୃଦ୍ଧବୃଦ୍ଧାମାନେ ଭତ୍ତା ଯୋଜନାରୁ ବାଦ୍ ପଡ଼ିଛନ୍ତି। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟପାଳ ହରିବାବୁ କମ୍ଭମପତି ଗୁରୁବାର ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଗ୍ରସ୍ତକରି ଆଦିବାସୀ ଅଧ୍ୟୁଷିତ ନେପାଳ ଗାଁ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କୌଣସି କାରଣରୁ ରାଜ୍ୟପାଳଙ୍କ ଏହି ଗସ୍ତ ବାତିଲ ହେବାଦ୍ୱାରା ନେପାଳ ଗ୍ରାମବାସୀଙ୍କ ସ୍ୱପ୍ନ ଅଧାରେ ରହିଯାଇଛି। ତେବେ ବଡ଼କଥା ହେଉଛି ରାଜ୍ୟପାଳଙ୍କ ଗସ୍ତକୁ ଦେଖି ବ୍ଲକ୍ ପ୍ରଶାସନ ନେପାଳ ଆଦିବାସୀ ଗାଁରେ ପହଞ୍ଚି କିଛି ମାତ୍ରାରେ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇ ଦେଇଥିବା ସୂଚନା ମିଳିଛି।



# ନବପଲ୍ଲବ

ନିଜର ଭୁଲ୍‌କୁ ସ୍ୱୀକାର କରିବା ଝାଡୁ ମାରିବା ସହିତ ସମାନ ଯାହା ଧରାତଳର ପୃଷ୍ଠଭାଗକୁ ଚମକଦାର ଓ ପରିଷ୍କାର କରିଦିଏ।
- ଗାନ୍ଧୀ ବାଣୀ





## ପଚାରିବ କିଏ ଆମକୁ


ପ୍ରକାଶ କୁମାର ଚାନ୍ଦ

ଶିଳ ଚକି ପରା କଥା ହେଉଥିଲେ
ଦୁହେଁ ତ ଦୁହିଁଙ୍କୁ ଚାହିଁକି
ଆଗଭଳି ଆଉ ମଣିଷ ଆମକୁ
ଖୋଜୁନାହିଁ କୁହ କାହିଁକି।
ରୋଗୀଟିଏ ପରି ପଡ଼ିଅଛେ ଦୁହେଁ
ଆମେ ତ ଗୋଟାଏ କଣରେ
ଆଉ ଆଖିରେ ବି ଚାହୁଁନାହିଁ ଜମା
ତାହାରି ପାରିବା ପଣରେ।
ଅଲୋଡ଼ା ଅଖୋଜା ଆମେ ହୋଇଲୁଣି
ବୁଢ଼ିଆଣୀ ବସା କଲାଣି
ହେମଦସ୍ତା କଥା କି ଅବା କହିବି
ବଞ୍ଚିଚି କି ସିଏ ମଲାଣି।
ଆମରି କାମକୁ କରିଲା ସହଜ
ବଜାରୁ ଯନ୍ତର ଆସିରେ
ହାତ ପାହାନ୍ତାରେ ସୁବିଧା ପାଇଲା
ପଚାରୁନି ଆଉ ବାସିରେ।
ଘର ଅଗଣାରେ ଶୋଭା ପାଉଥିଲୁ
ଯିଏ ଯାହା ସ୍ଥାନେ ରହିକି
ଭଲ ପାଉଥିଲା ମଣିଷ ଆମକୁ
ସେନେହ ଆଦର ଦେଇକି।
ଯୁଗ ଆଉ କଣ ସତେ ବଦଳିବ
ପଚାରିବ କିଏ ଆମକୁ
ଘର କୋଣେ ଆମେ ପଡ଼ି ରହିଥିବା
ଲୋଡ଼ା ନୋହୁଁ କୋଉ କାମକୁ।
**ଜୟପୁର ଶାସନ, ପିପିଲି, ପୁରୀ**
**ମୋ: ୭୦୦୮୯୨୫୯୫୪**

## ଚିଠି


କବିତା ମିଶ୍ର

ଚିଠି ନେଇ ଆସିଅଛି
ଡାକବାଲାଟି ଭାଇ
ଯାହା ପାଇଁ ରହିଥିଲି
ବାଟକୁ ଚାହିଁ ମୁହିଁ।
କାଲି କାଗଜରେ ଗଢ଼ା
ନୁହେଁ ସେଇ ପତର
ହୃଦୟର ବାରତାକୁ
ରଖିଛି ଯେ ଅନ୍ତର।
କେତେ ହସଖୁସି ପୁଣି
ବେଦନାକୁ ଧରିଛି
ମନ ମରମର କଥା
ଭଲ ଭାବେ ବୁଝିଛି।
ଛୋଟ କାଗଜଟେ ସିନା
ବଡ଼ ତାର ଭାବନା
ସତ୍ୟ ଧର୍ମ ପାଳେ ସିଏ
ନାହିଁ ଟିକେ ଛଳନା।
ଡାକବାଲା ମାଧ୍ୟମରେ
ପତ୍ର ମିଳେ ଆମକୁ
ଧନ୍ୟ ସେହି ଡାକବାଲା
ଧନ୍ୟ ତାର କାମକୁ।
ଚିଠିର ମହତ ସିଏ
ବୁଝିଅଛି ବୋଲିରେ
ଖରା ବର୍ଷା ଶୀତ ଭୁଲି
ବାଣ୍ଟେ ତାକୁ ବୁଲିରେ।
**ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨**
**ମୋ: ୮୭୬୩୩୦୩୮୦୨**

## ମୁଁ ନୁହେଁ ଆମେ


ଶ୍ରୁତକୀର୍ତ୍ତି ତ୍ରିପାଠୀ



ଥରେ ହାତର ଆଙ୍ଗୁଠିମାନଙ୍କ ଭିତରେ ଯୁକ୍ତି ହେଲା, ଏହି କଥାକୁ ନେଇ ଯେ, ପାଞ୍ଚଟି ଆଙ୍ଗୁଠି ଭିତରୁ କିଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ମହାନ! ସମସ୍ତେ ନିଜ ନିଜ ବଡ଼େଇ କରି କହୁଥାନ୍ତି, କନିଷ୍ଠା ଆଙ୍ଗୁଠି- ମୁଁ ସବୁଠାରୁ ଛୋଟ, ହେଲେ ଯେବେ ତୁମେ ହାତ ଯୋଡ଼ିବ ନମସ୍କାର କରିବା ପାଇଁ କିମ୍ବା ପ୍ରାର୍ଥନା କରିବା ପାଇଁ ମୁଁ ସବା ଆଗରେ ରହିଥାଏ, ସେଥିପାଇଁ ମୁଁ ମହାନ!

**ଅନାମିକା ଆଙ୍ଗୁଠି** - ମୋ ଆଡ଼କୁ ଦେଖ, ମୁଁ ହେଉଛି ସବୁଠାରୁ ସୁନ୍ଦର ସେଥିପାଇଁ ତ ସମସ୍ତେ ମୋ ଦେହରେ ମୁଦି ପିନ୍ଧନ୍ତି। ଯେତେ ଚେଷ୍ଟା କଲେ ବି ମୋ ଠାରୁ କିଏ ଅଧିକ ମହାନ ହୋଇପାରିବ?

**ମଧ୍ୟମା ଆଙ୍ଗୁଠି** - ସବୁ ଆଙ୍ଗୁଠି ଗୁଡ଼ିକ ମଧ୍ୟରେ ମୁଁ ହେଉଛି ଡେଙ୍ଗା ଏବଂ ବଡ଼, ତୁମେ ସବୁ ଆଙ୍ଗୁଠି ମୋ ସୈନ୍ୟ ସାମନ୍ତ ଭଳି ମୋ ଚାରିଆଡ଼େ ହିଁ ଠିଆ ହୁଅ। ଏଣୁ ମୁଁ ହେଉଛି ଆଙ୍ଗୁଠିମାନଙ୍କ ରାଜା! ରାଜା ହିଁ ସବୁବେଳେ ମହାନ।

**ତର୍ଜନୀ ଆଙ୍ଗୁଠି** - ତୁମମାନଙ୍କ ଭିତରୁ କେହି ହେଲେ ମୋ ଭଳି ଦରକାରୀ ନୁହେଁ। ମୁଁ ନିର୍ଦ୍ଦେଶ ଦିଏ, ମୁଁ ଶିଖାଏ, ମୁଁ ଚିହ୍ନାଏ, ମୁଁ ଶିକ୍ଷା ଦିଏ; ସେଥିପାଇଁ ମୁଁ ସର୍ବୋତ୍କୃଷ୍ଟ।

ସବା ଶେଷରେ ବୁଢ଼ା ଆଙ୍ଗୁଠିର ପାଳି ପଡ଼ିଲା, ସେ କହିଲା, 'ମୁଁ ଭାବୁଛି ମୁଁ ବି ସେତେ ଦରକାରୀ ଯେତେ ତୁମେ ସବୁ! କାରଣ ମୁଁ ଲେଖିବାରେ, ଉଠେଇବାରେ, ଧରିବାରେ, ଟାଣିବାରେ, ଯାହା ବି କାମ ହେଉ ମୋର ଆବଶ୍ୟକତା ରହିଥାଏ। ମୋତେ ଛାଡ଼ି ତୁମେମାନେ କିଛି କରିପାରିବ ନାହିଁ। ମୋ କହିବାର ଅର୍ଥ, ମୁଁ ମଧ ତୁମମାନଙ୍କୁ ଛାଡ଼ି କିଛି କରିପାରିବି ନାହିଁ। ବଡ଼ କଥା ହେଉଛି 'ମୁଁ' କିମ୍ବା 'ତୁମେ' ନୁହେଁ ବରଂ 'ଆମେ' ସମସ୍ତେ ଗୁରୁତ୍ୱପୂର୍ଣ୍ଣ ଏବଂ ମହାନ। ଏଭଳି କିଛି କାମ ନାହିଁ ଯାହା ଆମେ ସମସ୍ତେ ମିଳିମିଶି କରିପାରିବା ନାହିଁ! ଆହୁରି ମଧ ଏଭଳି କିଛି କାମ ନାହିଁ ଯାହାକୁ ଆମେ ଜଣେ ଜଣେ ଏକା କରିପାରିବା! ସବୁଯାକ ଆଙ୍ଗୁଠି ବୁଢ଼ା ଆଙ୍ଗୁଠି କଥାରେ ଏକମତ ହେଲେ। ସମସ୍ତେ ଏକସ୍ୱରରେ କହିଲେ, 'ଆମେ ପାଞ୍ଚଟି ଆଙ୍ଗୁଠି ଏକାଠି ରହିବୁ ଏବଂ ପରସ୍ପରକୁ ସାହାଯ୍ୟ କରିବୁ।' ଏଣୁ ମୋର ପ୍ରିୟ କୁନି ପିଲାମାନେ, ଏହି କଥାଟି ସବୁବେଳେ ମନେ ରଖିବ ଯେ, 'ଆମେ ଏକାଠି କାମ କରିବା, ମିଳିତ ଭାବରେ ଠିଆ ହେବା ଏବଂ ଏକତ୍ରିତ ହୋଇ ରହିବା ଉଚିତ', ଯେପରି ଆମ ହାତର ପାଞ୍ଚଟି ଆଙ୍ଗୁଠି ରୁହନ୍ତି!

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୨**
**ମୋ: ୬୩୭୦୫୧୬୪୭୮**

## ଆମ ଧଳା ପୁଷି


ମନୋରମା ମିଶ୍ର

ଧଳା ପୁଷିଟିଏ ଅଛି ଆମର
ମୂଷାଙ୍କର ତାକୁ ପ୍ରାଣରେ ଡର।
ମୋଟା ଲାଞ୍ଜ ଦେହ ରୁମୁରୁମିଆ
କାନ ଦୁଇ ତାର ହୋଇଛି ଠିଆ।
ସକାଳ ହୋଇଲେ ଉଠି ପଡ଼ି ସେ
ବାହାରକୁ ଯାଇ ଖରାରେ ବସେ।
କ୍ଷୀର ସାଥେ ଯାହା ସକାଳେ ଖାଏ
ଖରାବେଳେ ଭାତ ମାଛ ସେ ଚାହେଁ।
ଆହୁରି ଭାତ ତା ରାତିରେ ଲୋଡ଼ା
ତା ସାଥେ ମାଛ କି ଶୁଖୁଆ ପୋଡ଼ା।
ସଭିଙ୍କ ଗୋଡ଼ରେ ଗୁଡ଼େଇ ହୁଏ
ପିଠି ଆଉଁସିଲେ ଖୁସିରେ ଚାହେଁ।
ବାହାରେ ବୁଲେ ସେ' ବାହାରେ ଖେଳେ
ବେଳ ଜାଣି ଆସେ ଖାଇଲା ବେଳେ।
ଲୋଭରେ କାହିଁ ସେ ମାରେନି ମୁହଁ
ଆନ ପୁଷି ପରି ଓଲେଇ ନୁହଁ।
ଛକି ଛକି ମୂଷା ଧରେ ସେ ନିତି
ଖଟ ତଳେ ଖାଏ ନଥାଏ ଭୀତି।
ଉପକାରୀ ପୋଷା ଜୀବଟି ସିଏ
ସରି ହେବେ ନାହିଁ ତା' ସଙ୍ଗେ କିଏ।
**ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧**
**ମୋ: ୯୮୬୧୫୭୮୫୩୨**


## ମାଆ ଆଉ ମାତୃଭୂମି


ଦୀନବନ୍ଧୁ ପୋଇ

ମାଆ ମାତୃଭୂମି କୋଳରେ ବଢି ମୁଁ
ଛୋଟରୁ ହୋଇଛି ବଡ
ମୋ ସୁଖ ପାଇଁ ସେ ଦୁଃଖ କରେ ନାହିଁ
ଆସିଲେ ବି ଯେତେ ଝଡ।
ଏ ଦୁଇ ମୋ ମାଆ ସର୍ବଦା ସେ ସାହା
ତାଙ୍କର ତୁଳନା ନାହିଁ
ତାଙ୍କ ପରି କିଏ ପାଳିବ ପୋଷିବ
ପାଉନାହିଁ ଆଉ କାହିଁ।
ଦୁହିଁଙ୍କର ଦାନ ସମାଜେ ମହାନ
ତୁଳନା ନାହିଁ ତାହାର
ତାଙ୍କରି ଦୟାରେ ପାଉଛି ସଂସାରେ
ମୋହରି ଲୋଡା ଆହାର।
ଧରିତ୍ରୀ କୋଳରେ ଧାଇଁଛି ଖେଳିଛି
ମାଆଠୁ ସାହସ ନେଇ
ତାଙ୍କ ବିନା ଆଉ ମୋତେ କେ ବୁଝିବ
ଜଗତରେ କୁହ ସେହି।
ଯେତେ ଖାଦ୍ୟ ଶସ୍ୟ ରଖିଛି ଅଶେଷ
ଜନ୍ମଭୂମି ମୋ ପାଇଁ
ତାହାଠାରୁ ମାଆ ଆଣି ଆମ ପାଇଁ
ରାନ୍ଧିକି କି ଦିଏ ଯୋଗାଇ।
ମାଆ ହାତ ଆଉ ଜନ୍ମଭୂମି ଛାତି
ଯାହାର ଭାଗ୍ୟରେ ଅଛି
ହାରିବ ନାହିଁ ସେ ତା ଜୀବନ ପଥେ
ତାଙ୍କ ଆଶିଷ ରହିଛି।
**ଗୋରଡ଼ାପାଳ, କରମୁଳ, ଢେଙ୍କାନାଳ**
**ମୋ: ୯୯୩୮୮୦୨୪୧୨**

### ଖେଳ/ପ୍ରଥମ

## ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ



ଟେଷ୍ଟମ୍ୟାଚ୍‌ରେ ଗୋଟିଏ ଇନିଂସରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଅପରାଜିତ ରହିଥିବା ବିଶ୍ୱର ପ୍ରଥମ ବ୍ୟାଟ୍‌ସମ୍ୟାନ ହେଉଛନ୍ତି ଅଗଷ୍ଟସ୍ ବର୍ଣ୍ଣାର୍ଡ଼ ଟାଙ୍କ୍ରେଡ୍। ତେବେ ସେ ବର୍ଣ୍ଣାଡ୍ ଟାଙ୍କ୍ରେଡ୍ ନାମରେ ବେଶ୍ ପରିଚିତ। ୧୮୬୫ ଅଗଷ୍ଟ ୨୦ ତାରିଖରେ ଜନ୍ମ ନେଇଥିବା ଦକ୍ଷିଣ ଆଫ୍ରିକାର ଏହି କ୍ରିକେଟରଙ୍କ ମୃତ୍ୟୁ ଘଟିଛି ୧୯୧୧ ନଭେମ୍ବର ୨୩ ତାରିଖରେ।

୧୮୮୮-୮୯ ସିରିଜ୍‌ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦୁଇଟି ଟେଷ୍ଟ ଖେଳିଥିଲା ନିଜ ଦେଶରେ। ଦ୍ୱିତୀୟ ଟେଷ୍ଟରେ ବର୍ଣ୍ଣାଡ଼ ଇଂନିସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୨୬ ରନ୍‌ରେ ଅପରାଜିତ ରହିଥିଲେ। ଏହି ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଖୁବ୍ କମ୍ ରନରେ ଅଲଆଉଟ ହୋଇଯାଇଥିଲା। ଦୁଇଟିଯାକ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପରାଜିତ ହୋଇଥିଲା।

ଏହି ସିରିଜ୍‌ରେ ସେ ପ୍ରଥମ ଓ ଶେଷଥର ଲାଗି ଖେଳିଥିଲେ। ଆଇନ୍ ବ୍ୟବସାୟରେ ବ୍ୟସ୍ତ ରହିବା ଯୋଗୁଁ ତାଙ୍କୁ ବେଶୀ ଦିନ କ୍ରିକେଟ ଖେଳିବା ସୁଯୋଗ ମିଳିନଥିଲା। ଏହି ଦୁଇଟି ଟେଷ୍ଟରେ ହିଁ କ୍ରିକେଟ ଜୀବନ ଶେଷ ହୋଇଥିଲା। ଦୁଇଟି ଟେଷ୍ଟରେ ସେ ମୋଟ ୮୭ ରନ କରିଥିଲେ। ତାଙ୍କ ଆଭରେଜ ହେଉଛି ୨୯ ରନ୍।

### ରେକର୍ଡ

## ପହଁରାରେ ସବୁଠୁ ପଛୁଆ

ସର୍ବ ନିମ୍ନ ବେଗରେ ଗତି କରୁଥିବା ମାଛଟି ହେଉଛି ବାମନ ସିନ୍ଧୁଘୋଟକ (ଡଙ୍ଗବକ୍ସଲ ହ୍ୱରବଷକ୍ଷକ୍ସହ୍ୱର)। ମାଛ ଭଳି ଦେଖାଯାଉନଥିଲେ ମଧ ପ୍ରକୃତରେ ସେ ଏକ ନିର୍ଦ୍ଦିଷ୍ଟ ଜାତିର ମାଛ। ସେ ପାଣି ଭିତରେ ପହଁରିବା ବେଳେ ଘଣ୍ଟାକୁ ଅତି ବେଶିରେ ୫ ଫୁଟ ବା ଦେଢ଼ ମିଟର ବେଗରେ ଗତି କରିପାରେ। ଅନ୍ୟ କୌଣସି ଜାତିର ମାଛ ଏତେ କମ ବେଗରେ ପହଁରନ୍ତି ନାହିଁ। ବାହାମା ଓ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାମନ ସିନ୍ଧୁଘୋଟକମାନଙ୍କୁ ଦେଖିବାକୁ ମିଳେ।



## କାହାର କେମିତି ଘର


ରଶ୍ମି ରଞ୍ଜନ ସାହୁ

ଆମ ଘର ଯେତେ
ଚାଳ ଛପର, ଟିଣପଖପର
ସିମେଣ୍ଟ ମଥାନ ଛାତ,
ବରଷା ଖରାକୁ ନଥାଏ ଡର
ଅବା ଥୁରୁଥୁରୁ ଶୀତ।

ମଣିଷ କି ଖାଲି ଘରେ ରହୁଥାଏ
କାହାର କି ନାହିଁ ଘର,
ଜୀବଜନ୍ତୁ ଯେତେ ସହନ୍ତି କି ଖାଲି
ଖରା ବରଷାର ଡର ?

ବାଘ ମାମୁଁ ଆଉ ସିଂହ ରାଜାଙ୍କର
ପାହଡ଼େ ପଥର ଗୁମ୍ଫା
କାଠହଣା ଗଢ଼େ ଗଛ କୋରଡ଼
କୁନି ଥଣ୍ଟେ ମାରି ଖୁମ୍ପା।

ସାପ, ଠେକୁଆକୁ ପିମ୍ପୁଡ଼ି ମୂଷା ଯେ
କାହାର କେମିତି ଗାତ,
ଯାହା ଦେହ ଯେତେ ବଡ଼ ବଡ଼ିଆ
ତା ଉପରେ ସେଡ଼େ ଛାତ।

ମାଟି, କାଠ, ଘାସ ପତର ଖାଇ
ମାଟିର ମହଲ ଠିଆ,
ଉଇ ରାଜାର ହୁଙ୍କା ମହଲ
ଲାଗିଚି ଧଉଡ଼ ଧାଆଁ।

ବାଆ ଫୁରୁଫୁରୁ ଖେଳାଏ ଦୋଳି
ବାଇ ଚଢ଼େଇର ବସା,
ଆଉ ବସା ଯେତେ କାଠି କୁଟାରେ
ମନେ ଝଡ଼ ଡର ମିଶା।

ହେଇ ଓହଳିଛି ମହମ ଘର
ପେଟେପେଟେ ମିଠା ମହୁ,
କୁନି ମହୁମାଛି ଜୀବନ ସଫଳ
ସବୁ ବାଣ୍ଟି ଦେଉଦେଉ।


କାହା ଘର ଅବା ଗଛ କି ପଡ଼ିଆ
କାହା ଘର ପୁଣି ମାଟି,
କାହା ଘର ପୁଣି ମାଆର କୋଳ ଯେ
ଆନନ୍ଦରେ ପଡ଼େ ଲୋଟି।
**କଳିଙ୍ଗ ବିହାର, ସାକ୍ଷୀଗୋପାଳ, ପୁରୀ**
**ମୋ: ୮୨୪୯୯୧୦୧୩୮**

### ବଡ଼ଲୋକଙ୍କ ବଡ଼କଥା

## ଲକ୍ଷ୍ୟ ପୂରଣ


ସରୋଜ କୁମାର ପାଣିଗ୍ରାହୀ

ଦିନକର ଘଟଣା। କାଶୀ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ନିର୍ମାଣ ଉଦ୍ଦେଶ୍ୟରେ ଚାନ୍ଦା ଆଦାୟ ପାଇଁ ବନ୍ଧୁମାନଙ୍କ ସହ ଯାଇଥିଲେ ପଣ୍ଡିତ ମଦନ ମୋହନ ମାଲବ୍ୟ ଅମୃତସରର ଜଣେ ବ୍ୟବସାୟୀଙ୍କ ପାଖକୁ। ସେଠାରେ ପହଞ୍ଚିଲା ବେଳକୁ ସମୟ ପ୍ରାୟ ମଧ୍ୟାହ୍ନ। ସଭିଏଁ ଭୋକରେ ଆଉଟୁ ପାଉଟୁ। ସେମାନଙ୍କ ମୁହଁକୁ ଦେଖି ବ୍ୟବସାୟୀ ଜଣକ ସେକଥା ଅନୁଭବ କରିପାରିଲେ ଏବଂ ସମସ୍ତଙ୍କ ପାଇଁ ଭୋଜନର ସୁବ୍ୟବସ୍ଥା ମଧ କଲେ। ଭୋଜନ ନିମନ୍ତେ ବ୍ୟବସାୟୀ ଜଣକ ଅନୁରୋଧ କଲାମାତ୍ରେ ସମସ୍ତେ ଯାଇ ଦିଆଯାଇଥିବା ଆସନରେ ବସିଗଲେ, ମାତ୍ର ମାଲବ୍ୟ ମହାଶୟ ଗଲେ ନାହିଁ। ସେ ଖାଇବା ପାଇଁ ମନା କରିଦେଲେ। ଏହା ଦେଖି ବ୍ୟବସାୟୀ ଜଣକ କିଛି ବି ବୁଝି ପାରିଲେ ନାହିଁ। ସେ ମନେ ମନେ ଭାବିଲେ ମୋର କୌଣସି ଅତିଥି ସତ୍କାରରେ ତ୍ରୁଟି ରହିଗଲା କି ଆଉ। ପୁନଶ୍ଚ ସେ ଭାବିଲେ ନା ତ ମୋ ଦ୍ୱାରା ସେପରି କିଛି ଅତିଥି ସତ୍କାର ତ୍ରୁଟି ହୋଇନାହିଁ। ସେ ସାହସ ସଞ୍ଚୟ କରି ମାଲବ୍ୟଜୀଙ୍କୁ ନମ୍ରତା ସହକାରେ ନ ଖାଇବାର କାରଣ ସଂପର୍କରେ ପଚାରି ବସିଲେ। ଯେତେବେଳେ ସେ ଜାଣିଲେ ଯେ ଚାନ୍ଦା ଆଦାୟର ଲକ୍ଷ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ମାଲବ୍ୟଜୀ ଖାଦ୍ୟଦ୍ରବ୍ୟ ଛୁଅନ୍ତି ନାହିଁ, ସେତେବେଳେ ସେ ସେଠାରୁ ଉଠିଯାଇ ନିଜର ଚେକ୍ ବହିଟିକୁ ଆଣି ଯେତିକି ଟଙ୍କା ସେ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ଧାର୍ଯ୍ୟ ଥିଲା ସେତକ ଟଙ୍କାର ଚେକ୍ କାଟି ତାଙ୍କ ହାତରେ ଧରାଇ ଦେଲେ। ଯଦିଓ ସେତେ ପରିମାଣର ଅର୍ଥଦାନ କ୍ଷମତା ତାଙ୍କର ନଥିଲା ତଥାପି ଆନନ୍ଦ ମନରେ ସେ ଦାନ କଲେ ଏବଂ ପ୍ରାର୍ଥନା ପୂର୍ବକ ମାଲବ୍ୟ ମହାଶୟଙ୍କୁ ଭୋଜନ ବି କରାଇଲେ।



**ଜୟରାମପୁର, ଭୋଗରାଇ, ବାଲେଶ୍ୱର**
**ମୋ: ୯୫୮୩୧୭୩୬୮୨**

### ତୁମ ପାଇଁ ବହି




## ପରୀର ଡେଣା


**ଲେଖକ: ତସ୍‌ନିମ୍ ସୁଲତାନା**
**ପ୍ରକାଶକ: ଷ୍ଟୋରିମିରର, କୈଳାଶ କର୍ପୋରେଟ ଲାଉଞ୍ଜ, ମୁମ୍ବାଇ-୭୯**
**ମୂଲ୍ୟ: ୧୪୯ ଟଙ୍କା**


ଏହା ଏକ ଶିଶୁ ଗଳ୍ପ, ସଂକଳନ। ତସନିମ୍‌ଙ୍କ ବୟସ କମ ହୋଇଥିଲେ ମଧ ତାଙ୍କର ଏହି ଗଳ୍ପଗୁଡ଼ିକର ରଚନାଶୈଳୀ ଓ ଶବ୍ଦ ସଂଯୋଜନା ବେଶ୍ ପରିପକ୍ୱ। ସେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଲେଖିଥିବା ୪୨ଟି ଗପ ବହିଟିରେ ସ୍ଥାନ ପାଇଛି। ଗପଗୁଡ଼ିକ ଶିକ୍ଷଣୀୟ ଓ ସଂସ୍କାର ଧର୍ମୀ। ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ଖୁବ୍ ଉପଯୋଗୀ। ମୁଦ୍ରଣ ପରିପାଟି ମଧ ଖୁବ୍ ସୁନ୍ଦର ହୋଇଥିବାରୁ ବହିଟି ପାଠକ ମହଲରେ ଖୁବ୍ ଗ୍ରହଣୀୟ ହେବା ଆଶା କରାଯାଏ।

### କୁନାକୁନିଙ୍କ ଚିତ୍ର




ସାନ୍ୱୀ ନାୟକ
କ୍ଲାସ୍-୮, ସେଣ୍ଟ ଜାଭିୟର ହାଇସ୍କୁଲ, କେଦାର ଗୌରୀ ଭୁବନେଶ୍ୱର


ସଞ୍ଜନା ହେମ୍ବ୍ରମ୍
କ୍ଲାସ୍-୪, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ମୟୂରଭଞ୍ଜ




**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଧାମନଗର ତହସିଲ୍‌ରେ ଅଚଳାବସ୍ଥା

## ଅଟିକି ରହିଛି ଅନେକ ଜରୁରୀ କାର୍ଯ୍ୟ



**ଧାମନଗର,୩୦।୫/ଏନ୍‌ଏନ୍‌ଏସ୍:** ଧାମନଗର ତହସିଲ୍‌ରେ କର୍ମଚାରୀ ମରୁଡ଼ି ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ୪ ମାସ ହେବ ତହସିଲଦାର୍ ପଦବୀ ଖାଲି ପଡ଼ିଥିବାରୁ ଲୋକଙ୍କ ଅନେକ ଜରୁରୀ କାର୍ଯ୍ୟ ଅଟକି ରହିଥିଲା। ଗୁରୁତ୍ୱପୂର୍ଣ କଥାଟି ହେଲା ମାଟ୍ରିକ୍, ଯୁକ୍ତ୨ ଓ ଯୁକ୍ତ୩ ପରୀକ୍ଷାଫଳ ପ୍ରକାଶ ପାଇଛି। ଫଳରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମାତ୍ର ସାମାଜିକ ଆର୍ଥିକ ଅନଗ୍ରସର, ତଫସିଲଭୁକ୍ତ ଜାତି ଓ ଜନଜାତିର ପିଲାମାନେ ନିଜ ନିଜର ରୋଜଗାର ଓ ଜାତି ପ୍ରମାଣପତ୍ର କାଢ଼ି ପାରୁନାହାନ୍ତି।

ଧାମନଗର ତହସିଲ୍‌ରେ ଚଳିତ ବର୍ଷ ଜାନୁଆରୀରୁ ତହସିଲଦାର୍ ଦୀପକ ଦାସ ଅବସର ନେବା ପରେ ଆଉ କେହି ତହସିଲଦାର୍ କାର୍ଯ୍ୟରେ ଯୋଗ ଦେଇନଥିଲେ। ପ୍ରାୟ ୩ ମାସ ପରେ ମେ’ ୩ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବଦଳି ତାଲିକାରେ ଧାମନଗରରେ ତହସିଲଦାର୍ ନିଯୁକ୍ତି ହୋଇଥିବା ଜଣାପଡ଼ିଥିଲା। ବାଲେଶ୍ୱର ଜିଲ୍ଲା ବାଲିଆପାଳର ତହସିଲଦାର୍ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଧାମନଗରକୁ ବଦଳି ହୋଇଆସିବେ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ମାତ୍ର ରାଜନୈତିକ ଛକାପଞ୍ଝା ମଧ୍ୟରେ ସେ ଯୋଗ ଦେଇନଥିବାବେଳେ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଥିବା ନେଇ ସୂଚନା ମିଳିଛି।

ସୂଚନାଥାଉକି ଧାମନଗର ତହସିଲ୍‌ରେ ଜଣେ ତହସିଲଦାର୍ ଓ ୨ ଜଣ ଅତିରିକ୍ତ ତହସିଲଦାର୍ ପଦ ଥିବାବେଳେ ୪ ମାସ ହେବ ଜଣେ ଅତିରିକ୍ତ ତହସିଲଦାର୍ ୩ଟି ଦାୟିତ୍ୱ ତୁଲାଉଥିଲେ। ଏହାସହ କେତେକ ସରଜମିନ୍ ତଦନ୍ତ, ଅଭିଯୋଗ ଶୁଣାଣି ଓ ମାଜିଷ୍ଟ୍ରେଟ୍ ଦାୟିତ୍ୱ ବି ରହୁଛି। ଏଣୁ ଏକୁଟିଆ ସବୁ ତୁଲାଇବାରୁ କାମ ବିଳମ୍ବ ହେଉଛି ବୋଲି ଅତିରିକ୍ତ ତହସିଲଦାର୍ ସାଇ ସିଲୋନା କହିଛନ୍ତି। ତେବେ ତହସିଲଦାର୍ ଯୋଗ ଦେଇଥିବାବେଳେ କେବେ ଆଉଜଣେ ଅତିରିକ୍ତ ତହସିଲଦାର୍ ଯୋଗଦେବେ ଦେଖିବାକୁ ବାକି ରହିଲା।

# ‘ସହାୟତା’ ପକ୍ଷରୁ ମାଟ୍ରିକ୍ ଟପ୍ପର୍‌ଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର,୩୦।୫/ଏନ୍‌ଏନ୍‌ଏସ୍:** ଶିକ୍ଷା, ସମାଜ ଓ ସଂସ୍କାର ସହ ଜଡ଼ିତ କେନ୍ଦୁଝର ଜିଲ୍ଲାର ଅନ୍ୟତମ ଅନୁଷ୍ଠାନ ‘ସହାୟତା’ ସଂଗଠନ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଏ+ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ଲଳିତ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଇଂ ବସନ୍ତ ଦାନୀ ଓ କହ୍ନେଇ ଚରଣ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଭିକାରି ଚରଣ ସାହୁ ସଭା ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁମନ୍ଦିର କେନ୍ଦୁଝରର ଶୁଚିସ୍ମିତା ମହାନ୍ତ, ଶିଶୁମନ୍ଦିର ବଡ଼ବିଲ୍‌ର ସମୀକ୍ଷା ମହାନ୍ତି, ଶିଶୁମନ୍ଦିର ଚମ୍ପୁଆର ଅମରଜିତ୍ ମହାନ୍ତ, ଯୋଡ଼ା ଓ୍ୱେଷ୍ଟ ହିନ୍ଦୀ ସ୍କୁଲ୍‌ର ଲଭଲି ଦାସ, ସରକାରୀ ବାଳିକା ବିଦ୍ୟାଳୟ ଆନନ୍ଦପୁରର ଅନନ୍ୟା ବେହେରା, ଆର୍‌ବି ହାଇସ୍କୁଲ୍ ଷଡ଼ଙ୍ଗର ସଂଗ୍ରାମ କେଶରୀ ରାଉତ, ହାଟଡ଼ିହି ହାଇସ୍କୁଲ୍‌ର ଜୟସ୍ମିତା ଚକ୍ର, ଗୋପବନ୍ଧୁ ବିଦ୍ୟାପୀଠ ଘଟଗାଁର ସୌମ୍ୟା ରାଣୀ ମହାରଣା, ଡିଏନ୍ ବିଦ୍ୟାପୀଠ ଅଳତୀର ଅଂଶୁମାନ ସାହୁ, ସାଇ ଏଜୁକେସନ୍ କଇନିପୁରାର ମୋନାଲିସା ସାହୁ, ଶିଶୁମନ୍ଦିର ତୁରୁମୁଙ୍ଗାର ସାଇସ୍ମିତା ମିଶ୍ର, ଶାଳବଣି ଜିପି ହାଇସ୍କୁଲ୍‌ର ବିଶ୍ୱବନ୍ଦିତା ବେହେରା, ଏମ୍‌ଏମ୍‌ଏସ୍‌ବି ସୋମଗିରି ହାଇସ୍କୁଲ୍‌ର ସ୍ୱର୍ଣ୍ଣପ୍ରଭା ରାଉତ, ଏମ୍‌କେ ଗାନ୍ଧୀ ହାଇସ୍କୁଲ୍ ଷଡ଼ଙ୍ଗୀର ନିକିତା ସାହୁ, ବିଲେଇପଦା ହାଇସ୍କୁଲ୍ ଯୋଡ଼ାର ରିତେଶ ମହାନ୍ତିଙ୍କ ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦଙ୍କୁ ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମଦନମୋହନ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ବାରିପଦା ରଥଯାତ୍ରା ପାଇଁ ସମନ୍ୱୟ ବୈଠକ



**ବାରିପଦା,୩୦।୫/ଏନ୍‌ଏନ୍‌ଏସ୍:** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ବାରିପଦା ତହସିଲଦାର୍ ସପନ କୁମାର ସାହୁ, ଓ୍ୱାଟକୋ ଅଧୀକ୍ଷଣ ଯନ୍ତ୍ରୀ ପିସି ମଲ୍ଲିକଙ୍କ ସମେତ ବିଭିନ୍ନ ବିଦ୍ୟୁତ୍ ବିଭଗୀୟ ଅଧିକାରୀ, ରଥ ମହାପାତ୍ର, ରଥ ମହାରଣା, ସେବାୟତ, ପୂଜକ ଓ ଉପଦେଷ୍ଟା କମିଟି ସଦସ୍ୟମାନେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟତଃ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଶାନ୍ତି ଶୃଙ୍ଖଳାରେ ରଥଯାତ୍ରା ସମ୍ପନ୍ନ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୁଲିସ ମୁତୟନ, ଷ୍ଟଲ୍ ବଣ୍ଟନ, ଜରୁରିକାଳୀନ ସ୍ୱାସ୍ଥ୍ୟସେବା, ରଥ ଯାତ୍ରା ସମୟରେ ରଥ ଦାଣ୍ଡରେ ଆମିଷ ଖାଦ୍ୟଦ୍ରବ୍ୟ ବିକ୍ରିକୁ ନିଷେଧ, ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରଥଟଣା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଗୁଳୁଗୁଳିରୁ ରକ୍ଷା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କିଙ୍ଗ ବ୍ୟବସ୍ଥା, ରଥ କାଠ ସଂଗ୍ରହ, ମନ୍ଦିର ଏବଂ ରଥର ରଙ୍ଗ କାର୍ଯ୍ୟ, ରଥଟଣା ପାଇଁ ନଡ଼ିଆକତା ଦଉଡ଼ି ସଂଗ୍ରହ, ପବ୍ଲିକ୍ ଡନେସନ୍ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ, ଜଳଛତ୍ର ଓ ଷ୍ଟଲ୍ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



**ବାଲେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସହ ସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର ରୋଟାରୀ କ୍ଲବ୍ ଓ ସନସାଇନ୍ ହସ୍ପିଟାଲ୍‌ର ମିଳିତ ଆନୁକୂଲ୍ୟରେ ନୂଆପାଡ଼ାସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି ଶିବିର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା। ଏହି ଦିନିକିଆ କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ଭୁବନେଶ୍ୱରର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉପସ୍ଥିତ ରହି ଚକ୍ଷୁ, ଦନ୍ତ, ଭେଷଜ, ଅସ୍ଥିଶଲ୍ୟ ଓ ହୃଦ୍‌ରୋଗ ଆଦିର ପରୀକ୍ଷା କରିଛନ୍ତି। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଜନସାଧାରଣ ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ମାର୍ଗଦର୍ଶନ ଓ ସେକ୍ରେଟେରୀ ଡା. ଦେବଦତ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବାଲେଶ୍ୱର ରୋଟାରୀ କ୍ଲବ୍‌ର ପ୍ରେସିଡେଣ୍ଟ କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ଓ ସହକାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଡକ୍ଟର ସୌମ୍ୟରଞ୍ଜନ, ଡକ୍ଟର ଗୌରବ, ଡକ୍ଟର ଦୀପକ, ଡକ୍ଟର ବିନିତା ପ୍ରଧାନ, ଡକ୍ଟର ସୌମ୍ୟାଶ୍ରୀ ଓ ଡକ୍ଟର ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭ୍ୟ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ମଦ ହେଲା କାଳ

# ଚାଲିଗଲା ଯୁବକଙ୍କ ଜୀବନ

**ସୋର,୩୦।୫/ଏନ୍‌ଏନ୍‌ଏସ୍:** ମଦ ପିଇବା କାରଣରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ସୋର ଥାନା ମାଣତ୍ରୀ ପଞ୍ଚାୟତ ଜହ୍ନିଆ ଗ୍ରାମର ରମାକାନ୍ତ ମହାନ୍ତି (୪୪)। ରମାକାନ୍ତଙ୍କ ସ୍ତ୍ରୀ ମମତାଙ୍କ କହିବାନୁସାରେ, ରମାକାନ୍ତ ଜଣେ ପଥର କାରିଗର। ବାହାରେ ରହି ପଥର ମୂର୍ତ୍ତି କାମ କରୁଥିବା ବେଳେ ଦେହ ଅସୁସ୍ଥ କାରଣରୁ ମାସେ ତଳେ ଘରକୁ ଫେରିଥିଲେ। ମାଣତ୍ରୀ ସହ ଆଖପାଖ ଗାଁରେ ମଦ ବ୍ୟବସାୟ ଜୋରଦାର୍ ଚାଲିଥିବା ବେଳେ ରମାକାନ୍ତ ପ୍ରତିଦିନ ମଦ ପିଇ ଘରକୁ ଫେରିଥାନ୍ତି। ଗୁରୁବାର ରାତିରେ ମଧ୍ୟ ସେ ମଦ ପିଇ ଘରକୁ ଫେରିବା ସହ ଖାଇପିଇ ଶୋଇଥିଲେ। ମାତ୍ର ସକାଳେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସଡ଼କ ସୁରକ୍ଷା ସମିତି ବୈଠକ



**ଭଦ୍ରକ,୩୦।୫/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ୪୩ ତମ ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁପ ଅଭିଷେକ ବେହେରା, ପରିବହନ ଅଧିକାରୀ, ନିର୍ବାହୀ ଅଧିକାରୀ, ରାଜପଥ ପ୍ରାଧୀକରଣ ଅଧିକାରୀ, ପୁଲିସ ଅଧିକାରୀ ଓ କମିଟିର ସକ୍ରିୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଡ଼କ ସୁରକ୍ଷା ଉପରେ ଥିବା ମୋଟ ୧୫ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜପଥ ଉପରେ ଥିବା ହୋର୍ଡିଂର ଆକାର ବଡ଼ କରିବା, ଗତି ଅବୋରୋଧକର ନିୟମ ଅନୁଯାୟୀ ସୁଉଚ୍ଚ ଓ ରଙ୍ଗ ହେବ। ୧୮ ବର୍ଷରୁ କମ୍ ବୟସ ପିଲାମାନେ କିପରି ଗାଡ଼ି ନ ଚଲାଇବେ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ପାଦଚଲା ରାସ୍ତା, ଓଭରବ୍ରିଜ୍ ଅବରୋଧ ନ କରିବା, ପ୍ରତି ପ୍ରମୁଖ ଛକରେ ସିସିଟିଭିର ସ୍ଥାପନ କରିବା ଓ ରାସ୍ତାରୁ ଗାଈଗୋରୁ ହଟାଇବା ଆଦି ବିଷୟରେ ଆଲୋଚନା ହୋଇଥିଲା। ସମାଜସେବୀ ରୋଟାରିୟାନ୍ ଅତିସ ବେହେରା ସଡ଼କ ସୁରକ୍ଷା ପାଇଁ ଥିବା ନିୟମାବଳୀକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଦୃଢ଼ ଦାବି କରିଥିଲେ।

# ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ



**ବାଲେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** ରେମୁଣା ବ୍ଲକ୍ ଅନ୍ତର୍ଗତ ନରହରିପୁର ସେବା ସମବାୟ ସମିତିର ଚାଷୀମାନେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ସମିତିର ସଭାପତି ଅନିରୁଦ୍ଧ ଲେଙ୍କାଙ୍କ ନେତୃତ୍ୱରେ ଚାଷୀମାନେ ରବି ଧାନ କିଣା ସମସ୍ୟା ନେଇ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାନୁସାରେ ଚଳିତ ରବି ଧାନ ବିକ୍ରି ପାଇଁ ୧୫୧ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି। ଚଳିତ ମାସ ୨୦ ତାରିଖ ସୁଦ୍ଧା ୧୪୫ ଚାଷୀଙ୍କ ନିକଟରୁ ମୋଟ ୫୦୭୯.୨୬ କ୍ୱିଣ୍ଟାଲ୍ ଧାନ କିଣିବା ପାଇଁ ଟୋକନ୍ ମିଳିଛି। ଯଶୋଦା ଏଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ମିଲର୍‌ଙ୍କୁ ମାତ୍ର ୨୧୫ କ୍ୱିଣ୍ଟାଲ୍ ଧାନ କିଣିବାକୁ ଟାର୍ଗେଟ୍ ଦିଆଯାଇଛି। ମିଲର୍ କିନ୍ତୁ ଏତେ କମ୍ ଧାନ କିଣିବାକୁ ରାଜି ନାହାନ୍ତି। ଅନ୍ୟପଟେ ଧାନ କିଣା ଅବଧି ଚଳିତ ମାସ ୧୪ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ରହିଛି। ଟୋକନ୍ ପାଇଥିବା ସମସ୍ତ ଚାଷୀଙ୍କ ଧାନ କିଣା ସମ୍ପର୍କରେ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯୋଗାଣ ଅଧିକାରୀ ଚାଷୀଙ୍କ ସମସ୍ୟାକୁ ଖୁବ୍‌ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ପ୍ରତାପ ହେଲେ ବ୍ଲକ୍ ବିଜେଡି ସଭାପତି



**ଧାମନଗର,୩୦।୫/ଏନ୍‌ଏନ୍‌ଏସ୍:** ଧାମନଗର ବ୍ଲକ୍‌ରେ ବିଜେଡିର ନେତୃତ୍ୱ ଏବେ ପରିବର୍ତ୍ତନ ହୋଇଛି। ଲଗାତାର ଦୁଇଥର ଉମେଶ ମହାନ୍ତି ଧାମନଗର ବ୍ଲକ୍‌ର ବିଜେଡି ବ୍ଲକ୍ ସଭାପତି ଦାୟିତ୍ୱରେ ଥିବା ବେଳେ ଏଥର ତାଙ୍କ ହାତରୁ ଏହି ପଦବୀଟି ଚାଲିଯାଇଛି। ଧାମନଗର ବ୍ଲକ୍‌ର ନୂତନ ବିଜେଡି ବ୍ଲକ୍ ସଭାପତି ଭାବେ ଦୋବଲ୍‌ର ପୂର୍ବତନ ସମିତି ସଭ୍ୟ ତଥା ଦୋବଲ ଜୋନ୍ ଜିଲ୍ଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲଙ୍କୁ ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ପବନ ଶର୍ମା ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନାଥାଉକି ଶ୍ରୀ ସାମଲ ୧୯୯୦ରୁ ନିଜର ରାଜନୈତିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ୧୯୯୨ ଓ ୨୦୦୭ରେ ଖଡ଼ିପଦା, ୨୦୦୨ରେ ଦୋବଲ ପଞ୍ଚାୟତରେ ସମିତିସଭ୍ୟ, ୨୦୧୨ରେ ତାଙ୍କ ପତ୍ନୀ ଧାମନଗର ପଞ୍ଚାୟତ ସମିତିରେ ଉପାଧ୍ୟକ୍ଷା ଓ ଏବେ ଦୋବଲ୍ ଜୋନ୍‌ରେ ଜିଲ୍ଲାପରିଷଦ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରତାପଙ୍କୁ ଏହି ଦାୟିତ୍ୱ ମିଳିବା ପରେ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକ, ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧାମନଗର ନିର୍ବାଚନମଣ୍ଡଳୀ ନେତା ସମାଜସେବୀ ଡ଼ାକ୍ତର ସଞ୍ଜୟ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଧାମନଗରରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ସହ ସମସ୍ତ ଦଳୀୟ ନେତୃତ୍ୱଙ୍କ ସହିତ ଆଲୋଚନା ଓ ପରାମର୍ଶରେ ଦଳକୁ ଆଗକୁ ନେବି ବୋଲି ଶ୍ରୀ ସାମଲ କହିଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶିତ

**କେନ୍ଦୁଝର,୩୦।୫/ଏନ୍‌ଏନ୍‌ଏସ୍:** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ପାସ୍‌ହାର ୭୯.୯୪ ପ୍ରତିଶତ ରହିଛି। ବିଶ୍ୱବିଦ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୨୦୨୫ ମସିହାର ୟୁଜି ଫାଇନାଲ୍ ସେମିଷ୍ଟାର ପରୀକ୍ଷାରେ କେନ୍ଦୁଝର ଜିଲ୍ଲା କଳାରେ ୮୬.୪୯ ପ୍ରତିଶତ, ବିଜ୍ଞାନରେ ୬୮.୧୮ ପ୍ରତିଶତ ଓ ବାଣିଜ୍ୟରେ ୬୦.୩୭ ପ୍ରତିଶତକୁ ମିଶାଇ ଜିଲ୍ଲାର ମୋଟ ପାସ୍‌ହାର ୭୯.୯୪ ପ୍ରତିଶତ ରହିଛି। କଳାରେ ୩୬୪୦ ଜଣ ପରୀକ୍ଷା ଦେଇଥିବାବେଳେ ୨୦୭୪ ଜଣ ପ୍ରଥମ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍, ୨୩୮ ଜଣ ପ୍ରଥମ ଶ୍ରେଣୀ, ୪୨୫ ଜଣ ଦ୍ୱିତୀୟ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍ ଏବଂ ଦ୍ୱିତୀୟ ଶ୍ରେଣୀରେ ୨୯୬ ଜଣଙ୍କୁ ମିଶାଇ ମୋଟ ୩୧୨୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବିଜ୍ଞାନରେ ୧୨୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୫୭୨ ଜଣ ପ୍ରଥମ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍, ପ୍ରଥମ ଶ୍ରେଣୀରେ ୧୮୩ ଜଣ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍ ଏବଂ ଦ୍ୱିତୀୟ ଶ୍ରେଣୀରେ ୨୭ ଜଣଙ୍କୁ ମିଶାଇ ୮୨୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୪୮ ଜଣ ସାଧାରଣ ବାଣିଜ୍ୟ, ୪୪୧ ଜଣ ବାଣିଜ୍ୟ ସମ୍ମାନକୁ ମିଶାଇ ୪୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮୧ ଜଣ ପ୍ରଥମ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍, ୨୬ ଜଣ ପ୍ରଥମ ଶ୍ରେଣୀ, ୪୯ ଜଣ ଦ୍ୱିତୀୟ ଶ୍ରେଣୀ ସହିତ ଡିଷ୍ଟିଙ୍କ୍ସନ୍ ଓ ୧୦୪ ଜଣ ଦ୍ୱିତୀୟ ଶ୍ରେଣୀକୁ ମିଶାଇ ୨୯୧ ଜଣ କୃତକାର୍ଯ୍ୟ ହୋଇଛନ୍ତି।

# ତହସିଲଦାର୍‌ଙ୍କ ଚଢ଼ଉ, ହାଇୱା ଜବତ

**ସୋର,୩୦।୫/ଏନ୍‌ଏନ୍‌ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରୁ ଏକ ବେଆଇନ ବାଲି ବୋଝେଇ ହାଇୱାକୁ ସୋର ଭାରପ୍ରାପ୍ତ ତହସିଲଦାର୍ ଦୈତାରୀ ମଲ୍ଲିକ ଜବତ କରିଛନ୍ତି। ସୂଚନାନୁସାରେ ଶ୍ରୀ ମଲ୍ଲିକ ଶୁକ୍ରବାର ଅଚାନକ କଲେଜ ଛକ ନିକଟରେ ଚଢ଼ଉ କରି ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଗାଡ଼ି ଗୁଡ଼ିକର କାଗଜ ପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ହାଇୱା ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ଗାଡ଼ିକୁ ଜବତ କରି ସୋର ତହସିଲ୍‌ରେ ରଖିଛନ୍ତି। ତେବେ ଏହି ଚଢ଼ଉକୁ ଆହୁରି ଜୋରଦାର୍ କରାଯିବ ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ସ୍ମୃତିଚାରଣ ସଭା




**ସୋର,୩୦।୫/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଟାଉନ ହଲ୍‌ରେ ସ୍ୱର୍ଗତ ରାଜବଲ୍ଲଭ ସାହୁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାକ୍ତନ ପ୍ରାଧାପକ ପଦ୍ମଲୋଚନ ଦିବେଦୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ସ୍ୱର୍ଗତ ସାହୁ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଦରଦୀ ମଣିଷ ଭାବେ ସୋର ଅଞ୍ଚଳର ସମସ୍ତଙ୍କୁ ଆପଣାର କରିପାରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜବଲ୍ଲଭ ସାହୁଙ୍କ ବାପା ଜାନକୀ ବଲ୍ଲଭ ସାହୁ (୧୦୩), ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ଗାଁ ମଜଲିସ୍ ସାହିତ୍ୟ ସଂସଦର ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ସମାଜସେବୀ ମାୟାଧର ନାୟକ, ଓଷ୍ଟା ବ୍ଲକ୍ ସଭାପତି ରାମଚନ୍ଦ୍ର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମୋହନ ମହାପାତ୍ର, ବ୍ରଜବଲ୍ଲଭ ସାହୁ, ଶିକ୍ଷକ ନେତା ମହେଶ୍ୱର ବେହେରା ଓ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରିଣୀ ପ୍ରତିଭା ମଞ୍ଜରୀ ଦାସ ଯୋଗଦେଇ ସ୍ୱର୍ଗତ ସାହୁ ସ୍ମୃତିଚାରଣ କରିଥିଲେ। ଶିଳ୍ପୀ ଗୋଲକ ଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ମହାନ୍ତି, ବିଜୟ କୁମାର ମହାପାତ୍ର, ପ୍ରାକ୍ତନ ପ୍ରାଧାପକ ଉଦ୍ଧବ ଚରଣ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ବେହେରା, ଏଲି ମେଣ୍ଟାରୀ ଶିକ୍ଷକ ସଂଘର ରମାକାନ୍ତ ମହାନ୍ତି, ଶିଳ୍ପୀ ଜୟନ୍ତ ଦାସ, ଅଚ୍ୟୁତ କୁମାର ପଣ୍ଡା ଓ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟକ୍ତିବିଶେଷ ତଥା ତାଙ୍କର ପରିବାର ପରିଜନ ଯୋଗ ଦେଇଥିଲେ। ଶିକ୍ଷକ ନେତା ମାନସ ଦାସ, ସମାଜସେବୀ ପ୍ରଦୀପ କୁମାର ଦାଶ, କାହ୍ନୁ ଚରଣ ବେହେରା, ପୂର୍ବାସା ମହାନ୍ତି, ଅନନ୍ତ ପ୍ରସାଦ ବେହେରା ଓ ଅନନ୍ତ ପ୍ରସାଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଓରମାସ୍ ପକ୍ଷରୁ ‘ଗାଁ ଆମ୍ବ ପସରା’ ଆରମ୍ଭ




**ବାରିପଦା,୩୦।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗ୍ରାମାଞ୍ଚଳ ଚାଷୀଙ୍କଠାରୁ ବିଭିନ୍ନ ପ୍ରକାର ଉନ୍ନତ କ୍ୱାଲିଟିର ସ୍ୱାଦିଷ୍ଟ ପାଚିଲା ଆମ୍ବ ସଂଗ୍ରହ କରାଯାଇ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଯୋଗାଇବା ଉଦ୍ଦେଶ୍ୟରେ ଓରମାସ୍ ପକ୍ଷରୁ ‘ଗାଁ ଆମ୍ବ ପସରା-୨୦୨୫’ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଡିଓ ଶାନ୍ତନୁ କୁମାର ନାୟକ, ଉଦଳା ପିଏଆଇଟିଡିଏ ନରେନ୍ଦ୍ର ଖମାରୀ, ଅରମାସ୍‌ର ଡେପୁଟି ସିଇଓ ବିମାନ ମଲ ଓ ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ଟଙ୍କଧର କାଲୋ ପ୍ରମୁଖ ଯୋଗ ଦେଇଥିଲେ। ଲୋକଙ୍କୁ ବିଭିନ୍ନ କିସମର ସ୍ୱାଦିଷ୍ଟ ପାଚିଲା ଆମ୍ବ ଯଥା ସୁନ୍ଦରୀ କେଜି ପ୍ରତି ୬୦ ଟଙ୍କା, ଦୋଷରୀ, ଲେଙ୍ଗେଡ଼ା ଓ ଆମ୍ରପଲ୍ଲୀ କେଜି ପ୍ରତି ୫୦ ଟଙ୍କା ଓ ଗୋପାଳଭୋଗ ଜାତିର ଆମ୍ବ କେଜି ପ୍ରତି ୪୦ ଟଙ୍କାରେ ମିଳିବ। ଏଥିସହିତ ସପୁରି ଗୋଟା ପ୍ରତି ୪୦ ଟଙ୍କାରେ ପାଇପାରିବେ। ଏହି ଆମ୍ବ ପସରାକୁ ଲାଗି ପାଖରେ ମଦର୍ ଆର୍ଥ ଜୁସ୍ ନାମରେ ଅନ୍ୟ ଏକ ଷ୍ଟଲ୍‌ରେ ଭାଗ୍ୟ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଦହି ସର୍ବତ ଓ ବିଭିନ୍ନ ପ୍ରକାର ଫଳ ରସ ମଧ୍ୟ ସୁଲଭ ମୂଲ୍ୟରେ ଲୋକଙ୍କ ପାଇଁ ଉପଲବ୍ଧ ହୋଇଛି।

ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିଅନ୍ଶିପ୍

# ଗୁଲ୍‌ବୀର ଜିତିଲେ ଦ୍ୱିତୀୟ ସ୍ୱର୍ଣ୍ଣ

## ■ ମହିଳା ଲଙ୍ଗ୍ ଜମ୍ପ୍‌ରେ ପୂଜା ପ୍ରଥମ ■ ନନ୍ଦିନୀଙ୍କୁ ହେପ୍ଟାଥଲନ୍ ସ୍ୱର୍ଣ୍ଣ




**ଗୁମି (ସାଉଥ୍ କୋରିଆ),୩୦।୫/ଏଜେନ୍ସି:** ଭାରତୀୟ ଡିଷ୍ଟାନ୍ସ ରନର୍ ଗୁଲ୍‌ବୀର୍ ସିଂହ ଚମତ୍କାର ପ୍ରଦର୍ଶନ ସହ ଏଠାରେ ଚାଲିଥିବା ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିଅନ୍ଶିପ୍‌ରେ ଶୁକ୍ରବାର ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗୁଲ୍‌ବୀର୍ ପୁରୁଷ ୫୦୦୦ ମିଟର ଫାଇନାଲ୍‌ରେ ଏକ ଦଶକ ପୁରୁଣା ଟୁର୍ଣ୍ଣାମେଣ୍ଟ ରେକର୍ଡ ଭଙ୍ଗକରି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ସେ ଡିଷ୍ଟାନ୍ସ ରନିଂରେ ଭାରତର ମହାନ୍ ଖେଳାଳିଙ୍କ ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଜାତୀୟ ରେକର୍ଡଧାରୀ ରନର୍ ଗୁଲବୀର ୧୩ ମିନିଟ୍ ୨୪.୭୭ ସେକେଣ୍ଡ୍ ସମୟ ନେଇ ଥାଇଲାଣ୍ଡର କିରନ ଟୁନାଟିୱେଟ୍‌ଙ୍କୁ ପଛରେ ପକାଇଥିଲେ। ଟୁନାୱେଟ୍ ୧୩ ମିନିଟ୍ ୨୪.୯୭ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନର ନାଗିୟା ମୋରୀ ୧୩ ମିନିଟ୍ ୨୫.୦୬ ସେକେଣ୍ଡ୍ ସହ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଗତ ଚାମ୍ପିଅନ୍ଶିପ୍ ରେକର୍ଡ କତାର ମହମ୍ମଦ ଅଲ୍-ଗର୍ନିଙ୍କ ନାମରେ ଥିଲା। ଅଲ୍-ଗର୍ନି ୨୦୧୫ ସିଜନ୍‌ରେ ୧୩ ମିନିଟ୍ ୩୪.୪୭ ସେକେଣ୍ଡ ସମୟ ନେଇଥିଲେ। ଏହି ବିଜୟ ସହିତ ଗୁଲ୍‌ବୀର ଚଳିତ ଚାମ୍ପିଅନ୍ଶିପ୍‌ରେ ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ୧୦,୦୦୦ ମିଟର ଇଭେଣ୍ଟ୍‌ରେ ୨୮ ମିନିଟ୍ ୩୮.୬୩ ସେକେଣ୍ଡ୍ ସମୟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗୁଲ୍‌ବୀର ଏହି ପ୍ରଦର୍ଶନ ସହ କଣ୍ଟିନେଣ୍ଟାଲ୍ ପ୍ରତିଯୋଗିତାର ପୁରୁଷ ୫୦୦୦ ମିଟର ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଆଥ୍ଲେଟ୍‌ଙ୍କ ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଏହା ପୂର୍ବରୁ ଗୋପାଳ ସୈନୀ (୧୯୮୧), ବାହାଦୁର ପ୍ରସାଦ (୧୯୩) ଏବଂ ଜି. ଲକ୍ଷ୍ମଣନ୍ (୨୦୧୭) ଏହି ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଉତ୍ତର ପ୍ରଦେଶର ଏହି ୨୬ ବର୍ଷୀୟ ଆଥ୍ଲେଟ୍ ୨୦୨୩ ସିଜନ୍‌ରେ ମଧ୍ୟ ବ୍ରୋଞ୍ଜ୍ ପଦକ ଜିତିଥିଲେ।

ସେହିପରି ପୂଜା ମହିଳା ଲଙ୍ଗ୍ ଜମ୍ପ୍‌ରେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ଜିତି ବଡ଼ ସଫଳତା ହାସଲ କରିଛନ୍ତି। ଏହି ୧୮ ବର୍ଷୀୟା ଖେଳାଳି ନିଜର ଅନ୍ତିମ ପ୍ରୟାସ ପୂର୍ବରୁ ୧.୮୯ ମିଟର ଲମ୍ଫ ପ୍ରଦାନ ସହ ଇଜ୍‌ବେକିସ୍ତାନର ସଫିନା ସାଦୁଲ୍ଲାଏଭା (୧.୮୬ ମିଟର)ଙ୍କୁ ପଛରେ ପକାଇଛନ୍ତି। ହରିୟାଣାର ଜଣେ ଶ୍ରମିକଙ୍କ କନ୍ୟା ପୂଜା ଏହା ପୂର୍ବରୁ ୨୦୨୩ରେ ଏସିଆନ୍ ଅଣ୍ଡର-୨୩ ଚାମ୍ପିଅନ୍ଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ।

ଅନ୍ୟପକ୍ଷରେ ନନ୍ଦିନୀ ଅଗାସରା ହେପ୍ଟାଥଲନ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ନନ୍ଦିନୀ ଏସିଆନ୍ ଚାମ୍ପିଅନ୍ଶିପ୍‌ରେ ସ୍ୱର୍ଣ୍ଣ ଜିତିବାରେ ତୃତୀୟ ଭାରତୀୟ ହେପ୍ଟାଥଲିଟ୍ ହୋଇଛନ୍ତି। ଏହା ପୂର୍ବରୁ ସ୍ୱପ୍ନା ବର୍ମନ୍ (୨୦୧୭) ଏବଂ ସୋମା ବିଶ୍ୱାସ (୨୦୦୫)ରେ ଏହି ଇଭେଣ୍ଟର ଶୀର୍ଷ ସ୍ଥାନ ହାସଲ କରିଥିଲେ। ନନ୍ଦିନୀ ୫୯୪୧ ପଏଣ୍ଟ ସଂଗ୍ରହ କରି ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

ତେବେ ମହିଳା ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଭାରତକୁ କିଛିଟା ନିରାଶ ହେବାକୁ ପଡ଼ିଛି। ଡିଫେଣ୍ଡିଂ ଚାମ୍ପିଅନ୍ ପାରୁଲ୍ ଚୌଧୁରୀଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡ୍ ସହ ନୂଆ ଜାତୀୟ ରେକର୍ଡ ସ୍ଥାପନ କରି କଜାଖସ୍ତାନର ନୋରା ଜେରୁତୋ ତନୁଇ (୯ ମିନିଟ୍ ୧୦.୪୬ ସେକେଣ୍ଡ)ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ପୁରୁଣା



ଜାତୀୟ ରେକର୍ଡ ସମୟ ୯:୧୩.୩୯ ଥିଲା, ଯାହା ସେ ଚଳିତ ବର୍ଷ ଦୋହା ଡାଏମଣ୍ଡ୍ ଲିଗ୍‌ରେ ସ୍ଥାପନ କରିଥିଲେ। ବ୍ରୋଞ୍ଜ୍ ପଦକ ମଧ୍ୟ କଜାଖସ୍ତାନର ଡେଜି ଜେପ୍‌କେମି (୯ ମିନିଟ୍ ୨୭.୫୧ ସେକେଣ୍ଡ)ଙ୍କ ଖାତାକୁ ଯାଇଛି।

ଶୁକ୍ରବାରର ତିନିଟି ସ୍ୱର୍ଣ୍ଣ ସହ ବର୍ତ୍ତମାନ ସୁଦ୍ଧା ଚାମ୍ପିଅନ୍ଶିପ୍‌ରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୮ରେ ପହଞ୍ଚିଛି। ସେହିପରି ମୋଟ ପଦକ ସଂଖ୍ୟା ୧୮ (୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ୍) ହୋଇଛି।

# ସିଏମ୍ ଟ୍ରଫି: ମାଲକାନଗିରିର ଗୋଲ୍‌ବର୍ଷା

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ୧୫ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍ଶିପ୍ ସିଏମ୍ ଟ୍ରଫିରେ ଶୁକ୍ରବାର ୩ୟ ଦିନରେ ଭୁବନେଶ୍ୱର, ସମ୍ବଲପୁର, କେନ୍ଦୁଝର ଓ ବ୍ରହ୍ମପୁର ଜୋନ୍‌ରେ ଶୁକ୍ରବାର ମୋଟ ଆଠଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଜୋନ୍‌ରେ ମାଲକାନଗିରି ଗୋଲ୍‌ବର୍ଷା କରି ୧୮-୦ରେ ଗଜପତିକୁ ହରାଇଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ କଳାହାଣ୍ଡି ୧୦-୦ ଗୋଲ୍‌ରେ ରାୟଗଡ଼ାକୁ ହରାଇ ଦେଇଛି। ମାଲକାନଗିରିର ଇନ୍ଦ୍ରଜିତ ମଣ୍ଡଳ ଓ କଳାହାଣ୍ଡିର ମଣ୍ଟୁ ମାଝୀଙ୍କୁ ଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଛି। ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ୯-୦ ଗୋଲ୍‌ରେ କନ୍ଧମାଳକୁ ଏବଂ କେନ୍ଦ୍ରାପଡ଼ା ୬-୦ ଗୋଲ୍‌ରେ




ଜଗତସିଂହପୁର ହରାଇଛନ୍ତି। ଭୁବନେଶ୍ୱରର ପ୍ରସନ୍ନଜିତ୍ ବାଡା ଓ କେନ୍ଦ୍ରାପଡ଼ାର ରାହୁଲ ସେଠୀ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ସମ୍ବଲପୁର ଜୋନ୍‌ରେ ସମ୍ବଲପପୁର ୨-୧ ଗୋଲ୍‌ରେ ଝାରସୁଗୁଡ଼ାକୁ ହରାଇଥିବା ବେଳେ ବଲାଙ୍ଗୀର ଓ ନୂଆପଡ଼ା ମଧ୍ୟରେ ମ୍ୟାଚ୍ ଭୀଷଣ ବର୍ଷା ଯୋଗୁ ଆସନ୍ତାକାଲିକୁ ସ୍ଥଗିତ ହୋଇଛି। ସମ୍ବଲପୁରର ସୁମିତ ମୁଣ୍ଡା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜୋନ୍‌ରେ ଯାଜପୁର ୩-୨ ଗୋଲ୍‌ରେ କେନ୍ଦୁଝରକୁ ହରାଇଥିବା ବେଳେ ଢେଙ୍କାନାଳ ଓ ଭଦ୍ରକ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଛି। ଯାଜପୁର ରସିକ ପିଙ୍ଗୁଲା ଓ ଢେଙ୍କାନାଳର ସାହିଦ୍ ଖାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ସୁଦର୍ଶନ-ସୁନ୍ଦରଙ୍କ ଇନିଂସ୍ ବେକାର: ଗୁଜରାଟକୁ ବିଦାକଲା ମୁମ୍ବାଇ

# କ୍ୱାଲିଫାୟର୍-୨ରେ ପଞ୍ଜାବକୁ ଭେଟିବ

**ଚଣ୍ଡିଗଡ଼,୩୦।୫/ଏଜେନ୍ସି:** ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଏଲିମିନେଟର୍‌ରେ ଗୁଜରାଟକୁ ୨୦ ରନ୍‌ରେ ହରାଇ ଚଳିତ ଆଇପିଏଲ୍‌ର କ୍ୱାଲିଫାୟର୍-୨ରେ ପ୍ରବେଶ କରିଛି। ଫାଇନାଲ୍‌ରେ ସ୍ଥାନ ହାସଲ ପାଇଁ ମୁମ୍ବାଇ ରବିବାର କ୍ୱାଲିଫାୟର୍-୨ରେ ପଞ୍ଜାବ କିଙ୍ଗ୍‌ସକୁ ଭେଟିବ। ଅନ୍ୟପକ୍ଷରେ ପରାଜୟ ସହ ଗୁଜରାଟ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ମୁଲ୍ଲାନ୍‌ପୁରର ମହାରାଜା ଯାଦବେନ୍ଦ୍ର ସିଂହ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ରୋହିତ ଶର୍ମାଙ୍କ ୮୧ ରନ୍ ବଳରେ ୫ ୱିକେଟ୍ ହରାଇ ୨୨୮ ରନ୍ କରିଥିଲା। ଜବାବରେ ଗୁଜରାଟ ୬ ୱିକେଟ୍ ବିନିମୟରେ ୧୦୮ ରନ୍ କରିବାକୁ ସମର୍ଥ ହୋଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଗୁଜରାଟକୁ ପ୍ରଥମ ଓଭର୍‌ରେ କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍ (୧)ଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ସାଇ ସୁଦର୍ଶନ ଓ କୁସଲ ମେଣ୍ଡିସ୍ ୬୪ ରନ୍ କରି ଇନିଂସ୍ ସମ୍ଭାଳିଥିଲେ। ମେଣ୍ଡିସ୍ ୨୦ ରନ୍ କରି ମିଚେଲ୍ ସାଣ୍ଟନରଙ୍କ ବଲ୍‌ରେ ହିଟ୍ ୱିକେଟ୍ ଆଉଟ୍ ହୋଇଥିଲେ। ଏହାପରେ ସୁଦର୍ଶନ ଓ ୱାଶିଂଟନ୍ ସୁନ୍ଦରଙ୍କ ମଧ୍ୟରେ ୮୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ସୁନ୍ଦରଙ୍କ ବୋଲ୍ଡ କରି ଜସ୍‌ପ୍ରୀତ୍ ବୁମ୍ରା ଏହି ଯୋଡ଼ି ଭାଙ୍ଗିଥିଲେ। ସୁନ୍ଦର ୨୪ ବଲ୍‌ରେ ୫ ଚୌକା ଓ ତିନି ଛକା ସହାୟତାରେ ୪୮ ରନ୍ କରିଥିଲେ। ଏହାପରେ ସାଇ ସୁଦର୍ଶନ ୪୯ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୦ ରନ୍ କରି ରିଚାର୍ଡ ଗ୍ଲିସେନ୍‌ଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ। ଶେରଫାନ୍ ରଦରଫୋର୍ଡ ୧୫ ବଲ୍‌ରେ ୨୪ ରନ୍ କରି ବୋଲ୍ଟଙ୍କ ଦ୍ୱିତୀୟ ଶିକାର ହୋଇଥିବା ବେଳେ ଶାହାରୁଖ୍ ଖାନ୍ ୧୩ ରନ୍ କରିଥିଲେ। ରାହୁଲ ତେୱ୍ତିଆ ୧୬ ରନ୍‌ରେ ଅପରାଜିତ ଫେରିଥିଲେ।




ଟସ୍ ଜିତି ବ୍ୟାଟିଂ ନେଇଥିବା ମୁମ୍ବାଇର ଆରମ୍ଭ ଜୋରଦାର ଥିଲା। ଜନି ବେୟାରଷ୍ଟୋ ଓ ରୋହିତ ଶର୍ମା ପ୍ରଥମ ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ବେୟାରଷ୍ଟୋଙ୍କୁ ଆଉଟ୍ କରି ସାଇ କିଶୋର ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ବେୟାରଷ୍ଟୋ ୪ ଚୌକା ଓ ୩ ଛକା ସହାୟତାରେ ୨୨ ବଲ୍‌ରେ ୪୭ ରନ୍ କରିଥିଲେ। ଏହାର କିଛି ସମୟ ପରେ ରୋହିତ ଶର୍ମା ୨୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ୪୭ତମ ଅର୍ଦ୍ଧଶତକ ଥିଲା। ଏହି ଅବସରରେ ରୋହିତ ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ସୂର୍ଯ୍ୟକୁମାର ୩୩ ରନ୍ କରି ସାଇ କିଶୋରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସୂର୍ଯ୍ୟଙ୍କ ଇନିଂସ୍‌ରେ ତିନି ଛକା ଓ ଗୋଟିଏ ଚୌକା ସାମିଲ ଥିଲା। ତୃତୀୟ ୱିକେଟ୍ ପାଇଁ ତିଳକ ବର୍ମାଙ୍କ ସହ ୪୩ ରନ୍ ଯୋଗ କରିବା ପରେ ରୋହିତ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ରୋହିତ ୫୦ ବଲ୍‌ରେ ୯ ଚୌକ ଓ ୪ ଛକା ସହାୟତାରେ ୮୧ ରନ୍ କରିଥିଲେ। ଏହି ଅବସରରେ ରୋହିତ ଆଇପିଏଲ୍‌ରେ ୭ ହଜାର ରନ୍ ପୂରଣ କରିଥିଲେ। ଏହା ବ୍ୟତୀତ ଆଇପିଏଲ୍‌ରେ ୩୦୦ ଛକା ମଧ୍ୟ ପୂରଣ କରିଥିଲେ। ରୋହିତଙ୍କ ପରେ ତିଳକ ବର୍ମା (୨୫) ଏବଂ ନମନ ଧୀର ମାତ୍ର ୯ ରନ୍‌ରେ ବିଦାୟ ନେଇଥିଲେ। ତେବେ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା (୨୨*) ଶେଷ ଓଭର୍‌ରେ ତିନିଟି ଛକା ମାରି ମୁମ୍ବାଇକୁ ୨୨୫ ରନ୍ ପାର୍ କରାଇଥିଲେ। ଗୁଜରାଟ ପକ୍ଷରୁ ସାଇ କିଶୋର ଏବଂ ପ୍ରସିଦ୍ଧ କ୍ରିଷ୍ଣା ୨-୨ ୱିକେଟ୍ ହାସଲ କରିଥିଲେ। ସିରାଜ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

# ଭୁବନେଶ୍ୱର-ଏ ଓ କଟକ-ଏ'ର ବଡ଼ ବିଜୟ

**କଟକ,୩୦।୫/ଏଜେନ୍ସି:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଜାରି ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଛଅଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଡ୍ରିମ୍ସ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ଏ' ୧୬୬ ରନ୍‌ରେ ପୁରୀକୁ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ଆଦିତ୍ୟ ରାୟଙ୍କ ୯୨ ଏବଂ ଅନିଲ୍ ସାହୁଙ୍କ ୪୦ ରନ୍ ବଳରେ ୪୨.୪ ଓଭର୍‌ରେ ୨୦୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପୁରୀ ୨୦.୫ ଓଭର୍‌ରେ ମାତ୍ର ୫୦ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଥିଲା। କଟକର ଆଦିତ୍ୟ ରାୟ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ସନ୍‌ସାଇନ୍ ପଡ଼ିଆରେ ଖେଳାଯାଇଥିବା ମ୍ୟାଚ୍‌ରେ ଢେଙ୍କାନାଳ ଟସ୍ ଜିତି ପ୍ରଥମେ ୩୫ ଓଭର୍‌ରେ ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କେନ୍ଦୁଝର ୩୨.୫ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୩୨ ରନ୍ କରି ବିଜୟୀ ହୋଇଛି। ୧୧ ରନ୍ ଦେଇ ୫ ୱିକେଟ୍ ଅକ୍ତିଆର କରିଥିବା କେନ୍ଦୁଝରର ସରୱନ୍ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବିଡ଼ାନାସୀ ପଡ଼ିଆରେ ବାଲେଶ୍ୱର ବିପକ୍ଷରେ କନ୍ଧମାଳ ଡିଏସ୍ଏଲ୍ ମେଥଡ୍‌ରେ ୩ ରନ୍‌ରେ ବିଜୟୀ ବିଜୟୀ ହୋଇଛି। ବାଲେଶ୍ୱର ପ୍ରଥମେ ୩୯ ଓଭର୍‌ରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ କନ୍ଧମାଳ ୪୪ ଓଭର୍‌ରେ ୭ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଦୁଇଟି ୱିକେଟ୍ ଅକ୍ତିଆର ସହ ୩୦ ରନ୍ କରିଥିବା କନ୍ଧମାଳର ପ୍ରୀତମ୍ ସାମଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ରେଭେନ୍ସା-୧ ପଡ଼ିଆରେ ଭୁବନେଶ୍ୱର-ଏ' ୮ ୱିକେଟ୍‌ରେ ନୂଆପଡ଼ାକୁ ହରାଇଛି। ନୂଆପଡ଼ା ପ୍ରଥମେ ୩୩.୩ ଓଭର୍‌ରେ ୮୪ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ଭୁବନେଶ୍ୱର-ଏ' ୨୨.୧ ଓଭର୍‌ରେ ୨ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୪ ୱିକେଟ୍ ନେଇଥିବା ଭୁବନେଶ୍ୱର-ଏ'ର ଦିବ୍ୟେନ୍ଦୁ ପଣ୍ଡା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ରେଭେନ୍ସା-୨ ପଡ଼ିଆରେ ବରଗଡ଼ ୩୭.୧ ଓଭର୍‌ରେ ୧୫୮ ରନ୍ କରିଥିବା ବେଳେ ରାଉରକେଲା ୩୬.୩ ଓଭର୍‌ରେ ୧୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଅପରାଜିତ ୩୯ ରନ୍ ସହ ୪ଟି ୱିକେଟ୍ ନେଇଥିବା ବରଗଡ଼ର ପ୍ରୀତିଶ ଦାସ ମ୍ୟାନ୍ ଅଫ୍ ମ୍ୟାଚ୍ ହୋଇଛନ୍ତି। ସେହିପରି ଅଡ଼ଶପୁର ପଡ଼ିଆରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଦୀପ ୫ ୱିକେଟ୍‌ରେ ବିଜୟୀ ହୋଇଛି। ଗଞ୍ଜାମ ପ୍ରଥମେ ୩୬ ଓଭର୍‌ରେ ୮ ୱିକେଟ୍ ହରାଇ ୧୫୩ ରନ୍ କରିଥିଲା। ଜବାବରେ ପାରାଦୀପ ମିଶୁ ସିଂହଙ୍କ ଅପରାଜିତ ୯୦ ରନ୍ ବଳରେ ୩୩.୪ ୱିକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଛି। ମିଶୁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ଓସିଏର ତିନିଦିନିଆ କ୍ୟୁରେଟର୍ କର୍ମଶାଳା ଆରମ୍ଭ

**କଟକ,୩୦।୫/ଏଜେନ୍ସି:** ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍ ପକ୍ଷରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଏହାର କ୍ୟୁରେଟର୍‌ଙ୍କ ନିମନ୍ତେ ଏକ ତିନିଦିନିଆ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କର୍ମଶାଳାରେ ବିଭିନ୍ନ ଜିଲ୍ଲାର ଏକାଡେମୀର ମୋଟ ୪୯ ପ୍ରତିନିଧି ଯୋଗ ଦେଇଛନ୍ତି। ଟର୍ଫ ୱିକେଟ୍ ପ୍ରସ୍ତୁତି ଏବଂ ରକ୍ଷଣାବେକ୍ଷଣରେ ସେମାନଙ୍କ ବୈଷୟିକ ଜ୍ଞାନ ଓ ଦକ୍ଷତା ବୃଦ୍ଧି ଏହି କର୍ମଶାଳାର ଉଦ୍ଦେଶ୍ୟ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ ପଙ୍କଜ କୁମାର ପଟ୍ଟନାୟକ (ବିସିସିଆଇ ପ୍ୟାନେଲ୍ କ୍ୟୁରେଟର୍), ବିଭୁ ଶତପଥୀ ଏବଂ ହୃଷିକେଶ ସିଂହ (ଓସିଏ କ୍ୟୁରେଟର୍)ଙ୍କ ସମେତ ଅଭିଜ୍ଞ ଶିକ୍ଷକଙ୍କ ଦଳ ଏହି କର୍ମଶାଳାର ନେତୃତ୍ୱ କରୁଛନ୍ତି। ଉଦ୍‌ଘାଟନ ସମାରୋହରେ ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ସିଇଓ ସୁବ୍ରତ ବେହେରାଙ୍କ ଉପସ୍ଥିତି ଥିଲେ। ଅଂଶଗ୍ରହଣକାରୀ ଭବିଷ୍ୟତରେ କିପରି ବିସିସିଆଇ ପ୍ୟାନେଲ୍ କ୍ୟୁରେଟର୍ ଭାବେ ଯୋଗ୍ୟତା ଅର୍ଜନ କରିପାରିବେ ସେହି ଅନୁସାରେ କର୍ମଶାଳାର ଅଧିବେଶନଗୁଡ଼ିକୁ ଡିଜାଇନ୍ କରାଯାଇଛି। ସେହିପରି କର୍ମଶାଳା ଶୀର୍ଷ ଦୁଇ ପ୍ରଦର୍ଶନକାରୀ କ୍ୟୁରେଟର୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ଘୋଷଣା କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବୈଭବ ସୂର୍ଯ୍ୟବଂଶୀ



**ପାଟନା,୩୦।୫/ଏଜେନ୍ସି:** କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀ ଶୁକ୍ରବାର ପାଟନା ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ବୈଭବ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଦଛୁଇଁ ଆଶୀର୍ବାଦ ନେଇଛନ୍ତି। ବୈଭବଙ୍କ ସହ ତାଙ୍କ ମାତା-ପିତା ମଧ୍ୟ ଉପସ୍ଥିତ ଥିଲେ। ବୈଭବଙ୍କୁ ଭେଟିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ'ରେ ସୂଚନା ଦେଇଛନ୍ତି। ବୈଭବଙ୍କ କ୍ରିକେଟିଂ ସ୍କିଲ୍‌କୁ ସାରା ଦେଶରେ ପ୍ରଶଂସା କରାଯାଉଥିବା ସେ ଏଥିରେ ଲେଖିଥିବା ବେଳେ ଭବିଷ୍ୟତ ପାଇଁ ବୈଭବଙ୍କୁ ଶୁଭକାମନା ଜଣାଇଛନ୍ତି। ଆଇପିଏଲ୍‌ର ସର୍ବକନିଷ୍ଠ ଖେଳାଳି ଭାବେ ୧୪ ବର୍ଷୀୟ ବୈଭବ ଚଳିତ ସିଜନ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷରେ ୩୫ ବଲ୍‌ରେ ଶତକ ହାସଲ କରି ଆଇପିଏଲ୍‌ରେ ଦ୍ରୁତ ଶତକ ହାସଲକାରୀ ଭାରତୀୟ ହୋଇଛନ୍ତି।


# ସିଙ୍ଗାପୁର ଓପନ୍ ସେମିରେ ସାତ୍ତ୍ୱିକ-ଚିରାଗ



**ସିଙ୍ଗାପୁର,୩୦।୫/ଏଜେନ୍ସି:** ଭାରତର ଶୀର୍ଷ ପୁରୁଷ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ନିଜର ଚମତ୍କାର ପ୍ରଦର୍ଶନ ଜାରିରଖି ବିଶ୍ୱର ନଂ.୧ ଯୋଡ଼ି ମାଲେସିଆର ଗୋହ ଜି ଫେଇ ଓ ନୁର୍ ଇଜୁଦ୍ଦିନ୍‌ଙ୍କୁ ହରାଇ ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସିଜନ୍‌ର ପ୍ରଥମ ଟାଇଟଲ୍ ସନ୍ଧାନରେ ଥିବା ସାତ୍ତ୍ୱିକ-ଚିରାଗ ୩୯ ମିନିଟ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ମ୍ୟାଚ୍‌ରେ ମାଲେସୀୟ ଯୋଡ଼ିକୁ ୨୧-୧୭, ୨୧-୧୫ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ସେମିଫାଇନାଲ୍‌ରେ ଭାରତୀୟ ଯୋଡ଼ି ତୃତୀୟ ସିଡ୍ ଆରେନ୍ ଚିୟା ଓ ସୋହ ବୁଇ ୟିକ୍‌ଙ୍କ ଅନ୍ୟତମ ମାଲେସୀୟ ଯୋଡ଼ିକୁ ଭେଟିବ।

ଫ୍ରେଞ୍ଚ୍ ଓପନ୍ ୨୦୨୫: ଆଗେଇଲେ ମୁସେଟ୍ଟି ଓ ଟମି ପଲ୍

# ପ୍ରି-କ୍ୱାର୍ଟର୍‌ରେ ସାବାଲେଙ୍କା, ଝେଙ୍ଗ୍ ଓ ସ୍ୱିଆଟେକ୍




**ପ୍ୟାରିସ୍,୩୦।୫/ଏଜେନ୍ସି:** ଟପ୍ ସିଡ୍ ଆର୍ଯ୍ୟନା ସାବାଲେଙ୍କା ସର୍ବିୟାର ଓଲ୍‌ଗା ଡାନିଲୋଭିଚ୍‌ଙ୍କ ବିପକ୍ଷରେ ୬-୨, ୬-୩ର ପ୍ରଭାବଶାଳୀ ବିଜୟ ସହିତ ଶୁକ୍ରବାର ଚଳିତ ଫ୍ରେଞ୍ଚ୍ ଓପନ୍‌ର ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଫିଲିପ୍ ଚାର୍ଟର୍ କୋର୍ଟରେ ବିଶ୍ୱ ନଂ.୧ ବେଲାରୁଷ ଖେଳାଳି ବିଶ୍ୱ ନଂ.୩୪ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୭୯ ମିନିଟ୍ ମଧ୍ୟରେ ମାତ୍ ଦେଇଥିଲେ। ୨୭ ବର୍ଷୀୟା ସାବାଲେଙ୍କା ପରବର୍ତ୍ତୀ ମ୍ୟାଚ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆନିସିମୋଭା ଡେନ୍‌ମାର୍କର ୨୨ଶ ସିଡ୍ କ୍ଲାରା ଟାଉସନ୍‌ଙ୍କୁ ୭-୬ (୭/୪), ୬-୪ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ସେହିପରି ଡିଫେଣ୍ଡିଂ ଚାମ୍ପିଅନ୍ ଇଗା ସ୍ୱିଆଟେକ୍ ମଧ୍ୟ ଚତୁର୍ଥ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ୫ମ ସିଡ୍ ଇଗା ଜାକ୍ୱେଲିନା କ୍ରିଷ୍ଟିଆନ୍‌ଙ୍କୁ ୬-୨, ୭-୫ ସିଧା ସେଟ୍‌ରେ ହରାଇଛନ୍ତି।

ଏହା ପୂର୍ବରୁ ଅଲିମ୍ପିକ୍ ଚାମ୍ପିଅନ୍ ଝେଙ୍ଗ୍ କ୍ୱିନ୍‌ୱେନ୍ ପ୍ରଥମ ମହିଳା ଖେଳାଳି ଭାବେ ଶୁକ୍ରବାର ଚଳିତ ଟୁର୍ଣ୍ଣାମେଣ୍ଟର ଅନ୍ତିମ-୧୬ରେ ପ୍ରବେଶ କରିଥିଲେ। ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସେ କାନାଡା ଟିନ୍‌ଏଜର୍ ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ୬-୩, ୬-୪ ସିଧା ସେଟ୍‌ରେ ହରାଇଛନ୍ତି। ଗତବର୍ଷ ଅଲିମ୍ପିକ୍ ସ୍ୱର୍ଣ୍ଣ ଜିତିବା ପରେ ଅଷ୍ଟମ ସିଡ୍ ଚୀନ୍‌ର ଝେଙ୍ଗ୍ ରୋଲାଣ୍ଡ ଗାରୋସ୍‌ରେ ଲଗାତାର ନଅଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ୟାରିସ୍‌ରେ ସେ ଦ୍ୱିତୀୟ ଥର ପାଇଁ ପ୍ରି-କ୍ୱାର୍ଟର୍ ଫାଇନାଲ ମ୍ୟାଚ୍ ଖେଳିବେ। ରୁଷର ୧୯ଶ ସିଡ୍ ଲିଉଡ୍‌ମିଲା ସାମ୍‌ସୋନୋଭା କିମ୍ବା ୟୁକ୍ରେନ୍‌ର ଡାୟାନା ୟାଷ୍ଟ୍ରେମ୍‌ସ୍କା ତାଙ୍କର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି।

ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ଆର୍ଜେଣ୍ଟିନାର ମାରିଆନୋ ନାଭୋନ୍‌ଙ୍କୁ ୪-୬, ୬-୪, ୬-୩, ୬-୨ରେ ହରାଇ ଚତୁର୍ଥ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଏହା ବ୍ୟତୀତ ଟମି ପଲ୍ ୬-୩, ୩-୬, ୭-୬ (୯/୭), ୬-୩ରେ କାରେନ୍ ଖାଚାନୋଭ୍‌ଙ୍କୁ, ହୋଲ୍‌ଗାର୍ ରୁନ୍ ୪-୬, ୬-୨, ୫-୭, ୭-୫, ୬-୨ରେ କ୍ୱେଣ୍ଟିନ୍ ହାଲିସ୍ ଏବଂ ଆଲେକ୍ସି ପୋପିରିନ୍ ୬-୪, ୭-୬ (୧୩/୧୧), ୭-୬ (୭/୫)ରେ ନୁନୋ ବୋର୍ଗେସ୍‌ଙ୍କୁ ହରାଇ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

## ପୁରୁଷ ଡବଲ୍ସ ତୃତୀୟ ରାଉଣ୍ଡ୍‌ରେ ୟୁକି

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରୀ ତାଙ୍କ ଆମେରିକୀୟ ଯୋଡ଼ିଦାର ରବର୍ଟ ଗାଲୋୱେଙ୍କ ସହ ଫ୍ରେଞ୍ଚ୍ ଓପନ୍ ପୁରୁଷ ଡବଲ୍ସର ତୃତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ଆମେରିକୀୟ ଯୋଡ଼ି ଶୁକ୍ରବାର ଦ୍ୱିତୀୟ ରାଉଣ୍ଡ୍‌ରେ ନ୍ୟୁଜିଲାଣ୍ଡର ମାଇକେଲ୍ ଭେନସ୍ ଓ କ୍ରୋଏସିଆର ନିକୋଲା



ମେକ୍‌ଟିକ୍‌ଙ୍କ ସପ୍ତମ ସିଡ୍ ଯୋଡ଼ିକୁ ୬-୭ (୪/୭), ୭-୬ (୭/୪), ୬-୩ରେ ମାତ୍ ଦେଇଛି। ପ୍ରଥମ ରାଉଣ୍ଡ୍‌ରେ ୟୁକି-ରବର୍ଟ ନେଦରଲାଣ୍ଡର ରବିନ୍ ହାସେ ଓ ହେଣ୍ଡ୍ରିକ୍ସ ଜେବେନ୍ସଙ୍କ ଯୋଡ଼ିକୁ ୬-୩, ୬-୭ (୬/୧୦), ୬-୩ରେ ହରାଇ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଥିଲେ। ଗୁରୁବାର ଭାରତର ଷ୍ଟାର୍ ଖେଳାଳି ରୋହନ ବୋପନ୍ନା ନିଜ ଚେକ୍ ଗଣରାଜ୍ୟ ଯୋଡ଼ିଦାର ଆଦମ୍ ପାଭ୍‌ଲାସେକ୍ ଓ ଏନ୍ ଶ୍ରୀରାମ ବାଲାଜୀ ମେକ୍ସିକୋର ମିଗୁଏଲ୍ ରେୟେସ୍ ଭାରୋଲାଙ୍କ ସହ ନିଜ ନିଜର ପ୍ରଥମ ରାଉଣ୍ଡ୍ ମ୍ୟାଚ୍ ଜିତି ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra